

Odia Daily
# ପ୍ରମାଦ
PRAMAD
RNI NO - ODIODI/2014/60454
Everyday Latest News Pramad Odia News Portal
Website: www.pramad.in for News Portal
www.pramad.com for News Paper



ବର୍ଷ-୧୦, ସଂଖ୍ୟା- ୨୪୬, ଗୁରୁବାର ୦୩ ଜୁଲାଇ ୨୦୨୫, ଭୁବନେଶ୍ୱର ମୂଲ୍ୟ - ଟ. ୨.୦୦ (ପୃଷ୍ଠା-୦୮) | VOL- 10, Issue- 246 Thursday, 03 July 2025, Bhubaneswar, Rs. 2.00 (Page - 08)

### ଦିଘା ଜଗନ୍ନାଥ ମନ୍ଦିରକୁ 'ଧାମ' ଆଖ୍ୟା ନେଇ ବିବାଦ

## କୋଲକାତା ହାଇକୋର୍ଟରେ ବିଶ୍ୱ ହିନ୍ଦୁ ପରିଷଦର ପିଟିସନ



କୋଲକାତା : ବିଶ୍ୱ ହିନ୍ଦୁ ପରିଷଦ (ଭିଏଚପି) ବୁଧବାର ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲାରେ ନିକଟରେ ଉଦ୍‌ଘାଟିତ ଜଗନ୍ନାଥ ମନ୍ଦିରକୁ 'ଧାମ' ଆଖ୍ୟା ଦେବାକୁ ଚ୍ୟାଲେଞ୍ଜ କରି କୋଲକାତା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାୟର କରିଛି। ଜଷ୍ଟିସ ସୌମେନ ସେନ ଓ ଜଷ୍ଟିସ ସ୍ମିତା ଦାସଙ୍କ ଦ୍ୱିସଦସ୍ୟ ବେଞ୍ଚ ଏହି ଆବେଦନକୁ ଗ୍ରହଣ କରିଛନ୍ତି। ଏହି ମାମଲାର ଶୁଣାଣି ଗୁରୁବାର କିମ୍ବା ଶୁକ୍ରବାର ହେବାର ସମ୍ଭାବନା ରହିଛି। ପଶ୍ଚିମବଙ୍ଗ ସରକାରଙ୍କ ରେକର୍ଡ ଅନୁଯାୟୀ, ଦିଘା ମନ୍ଦିରକୁ 'ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର' ଭାବେ ନାମିତ କରାଯାଇଛି। କିନ୍ତୁ ହିନ୍ଦୁ ଧାର୍ମିକ ବିଶ୍ୱାସ ଅନୁଯାୟୀ, ବଦ୍ରୀନାଥ, ରାମେଶ୍ୱରମ, ଦ୍ୱାରକା ଓ ପୁରୀ ବ୍ୟତୀତ ଅନ୍ୟ କୌଣସି ଧାର୍ମିକ ସ୍ଥାନକୁ 'ଧାମ' ଆଖ୍ୟା ଦିଆଯାଇ ନ ପାରିବ ବୋଲି ଭିଏଚପି ଏହାକୁ ଚ୍ୟାଲେଞ୍ଜ କରିଛି। ଭିଏଚପିର ଆବେଦନରେ ଆହୁରି ଦାବି କରାଯାଇଛି ଯେ, ଦିଘା ମନ୍ଦିରରେ 'ପ୍ରସାଦ' ଭାବେ ବଣ୍ଟା ଯାଇଥିବା ମିଠାର କିଛି ଅଂଶ ଅଣ-ହିନ୍ଦୁଙ୍କ ମିଠା ଦୋକାନରୁ ପ୍ରସ୍ତୁତ କରାଯାଇଥିଲା, ଯାହା ହିନ୍ଦୁ ଧାର୍ମିକ ଭାବନାକୁ ଆଘାତ କରିଛି। ଭାଜପା ଆରମ୍ଭରୁ ହିଁ ଏହି ଘଟଣାର ବିରୋଧ କରି ଆସୁଛି। ଗତ ମାସରେ ଭାଜପାର ଆଇଟି ସେଲ ମୁଖ୍ୟ ତଥା ପଶ୍ଚିମବଙ୍ଗ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଅମିତ ମାଲଭିୟା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅଣ-ହିନ୍ଦୁ ଦୋକାନରୁ ମିଠା ଆଣି ଦିଘା ମନ୍ଦିରର 'ପ୍ରସାଦ' ଭାବେ ବଣ୍ଟନ କରି ହିନ୍ଦୁ ଭାବନାକୁ ଅପମାନ କରିବାର ଅଭିଯୋଗ କରିଥିଲେ। ତାଙ୍କ ମତରେ, ଓଡ଼ିଶାର ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ଅଣ-ହିନ୍ଦୁମାନଙ୍କୁ ପ୍ରବେଶ ନିଷେଧ ଥିବା ପରମ୍ପରା ଅନୁଯାୟୀ, ଅଣ-ହିନ୍ଦୁ ଦୋକାନରୁ 'ପ୍ରସାଦ' ଆଣିବା ଧର୍ମନିରପେକ୍ଷତା ନୁହେଁ, ବରଂ ଜଗନ୍ନାଥଙ୍କ ପବିତ୍ରତା ପ୍ରତି ଲକ୍ଷ୍ୟବଦ୍ଧ ଅପମାନ। ଏହି ବିବାଦ ଦିଘା ଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ ପରେ ଆରମ୍ଭ ହୋଇଥିଲା ଏବଂ ଏବେ କୋଲକାତା ହାଇକୋର୍ଟରେ ଏହା ଆଇନଗତ ବିବାଦରେ ପରିଣତ ହୋଇଛି। ଏହି ମାମଲା ହିନ୍ଦୁ ଧାର୍ମିକ ପରମ୍ପରା ଓ ସାଂସ୍କୃତିକ ପ୍ରଥାକୁ ନେଇ ଆଲୋଚନାକୁ ଆହୁରି ତୀବ୍ର କରିଛି।

### ଚିଟଫଣ୍ଡ ଠକେଇ: ୫ ଲକ୍ଷ ଛୋଟ ନିବେଶକାରୀଙ୍କୁ

## ଟଙ୍କା ଫେରସ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର : ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ରାଜ୍ୟର ବିଭିନ୍ନ ଚିଟ୍ ଫଣ୍ଡ କମ୍ପାନୀ ଦ୍ୱାରା ଠକେଇର ଶିକାର ହୋଇଥିବା ଅତିରିକ୍ତ ୫ ଲକ୍ଷ ଛୋଟ ନିବେଶକଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ) ପକ୍ଷରୁ ଜାରି ଏକ ବିବୃତି ଅନୁଯାୟୀ, ଏହି ନିବେଶକମାନେ ଆଗାମୀ ତିନିରୁ ଚାରି ମାସ ମଧ୍ୟରେ ନିଜର ଟଙ୍କା ଫେରସ୍ତ ପାଇବେ। ସିଏମଓ କହିଛି ଯେ, ନୂଆ ସରକାର ଗତ ଏକ ବର୍ଷ ମଧ୍ୟରେ ୧,୨୬,୧୩୭ ଛୋଟ ନିବେଶକଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି। ଅନ୍ୟପକ୍ଷରେ, ଅଧିକାରୀମାନେ ଦାବି କରିଛନ୍ତି ଯେ, ୨୦୧୪ ରୁ ୨୦୨୪ ମଧ୍ୟରେ ପୂର୍ବତନ ବିଜେଡି ସରକାର ମାତ୍ର ୨,୭୯,୧୦୯ ଛୋଟ ନିବେଶକଙ୍କୁ ୧୧୯ କୋଟି ଟଙ୍କା ଫେରସ୍ତ କରିଥିଲେ। ବିବୃତି ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ଚିଟ୍ ଫଣ୍ଡ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳ ଓ ବିକେନ୍ଦ୍ରୀକରଣ କରିଛନ୍ତି। ଏହି ପଦକ୍ଷେପ ରାଜ୍ୟରେ ଚିଟ୍ ଫଣ୍ଡ ଠକେଇରେ କ୍ଷତିଗ୍ରସ୍ତ ହୋଇଥିବା ଲକ୍ଷ ଲକ୍ଷ ନିବେଶକଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହି ନିଷ୍ପତ୍ତି ରାଜ୍ୟରେ ଚିଟ୍ ଫଣ୍ଡ କମ୍ପାନୀ ଦ୍ୱାରା ପ୍ରତାରିତ ହୋଇଥିବା ଲୋକଙ୍କ ମଧ୍ୟରେ ଆଶାର ଆଲୋକ ସୃଷ୍ଟି କରିଛି। ସରକାରଙ୍କ ଏହି ପଦକ୍ଷେପ ନିବେଶକଙ୍କୁ ଆର୍ଥିକ ନ୍ୟାୟ ପ୍ରଦାନ କରିବା ସହ ଚିଟ୍ ଫଣ୍ଡ ଠକେଇ ପରି ଅପରାଧ ବିରୁଦ୍ଧରେ କଠୋର ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି।

### ଶେଖ ହସିନାଙ୍କୁ ୬ ମାସ ଜେଲ୍

ଢାକା: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଝଟକା। ଆଇନ ଅବମାନନା ମାମଲାରେ ଶେଖ ହସିନାଙ୍କୁ ୬ ମାସର ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି। ଜଷ୍ଟିସ୍ ମହମ୍ମଦ ଗୁଲାମ ମୁର୍ତଜା ମଜୁମଦାରଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ-୧ରେ ବୁଧବାର ତିନି ଜଣିଆ ଖଣ୍ଡପୀଠ ଏହି ନିଷ୍ପତ୍ତି ଜାରି କରିଛନ୍ତି। ପ୍ରଥମଥର ପାଇଁ କୌଣସି ମାମଲାରେ ଶେଖ ହସିନାଙ୍କୁ ଜେଲ ଦଣ୍ଡ ହୋଇଛି। ହସିନାଙ୍କ ବିରୋଧରେ ଦୁର୍ନୀତି ଠାରୁ ଆରମ୍ଭ କରି ହତ୍ୟା ପର୍ଯ୍ୟନ୍ତ ଗମ୍ଭୀର ଅଭିଯୋଗ ରହିଛି। ବାଂଲାଦେଶରେ ଶେଖ୍ ହାସିନାଙ୍କ ବିରୋଧରେ ଅନେକ ମାମଲାରେ ଏବେ ବିଚାର ଚାଲିଛି। ଶେଖ୍ ହାସିନା ୨୦୨୪ରେ ଭାରତରେ ପହଞ୍ଚିଥିଲେ। ସେହିଦିନ ଠାରୁ ସେ ନୂଆଦିଲ୍ଲୀରେ ଅଛନ୍ତି। ତେବେ ୟୁନୁସ୍ ସରକାର ହାସିନାଙ୍କୁ ଫେରାଇ ଆଣିବା ପାଇଁ ଭାରତକୁ ବାରମ୍ବାର ଅନୁରୋଧ କରିଛନ୍ତି। ଏନେଇ କିନ୍ତୁ ଭାରତ ସରକାରଙ୍କ ପକ୍ଷରୁ ଏଯାବତ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇନାହିଁ।

## ମହାପ୍ରଭୁଙ୍କ ବାହୁଡ଼ା ପ୍ରସ୍ତୁତି ଆରମ୍ଭ

### ଆଜ୍ଞାମାଳ ବିଜେ ପରେ ୩ ରଥର ଦକ୍ଷିଣ ମୋଡ଼



ପୁରୀ : ନବଦିନାତ୍ମକ ଯାତ୍ରାରେ ଶ୍ରୀଜିଉ। ଜନ୍ମବେଦୀରେ ସରି ଆସୁଛି ଲୀଳାଖେଳା। ଆଜିଠୁ ମହାପ୍ରଭୁଙ୍କ ବାହୁଡ଼ା ପ୍ରସ୍ତୁତି ଆରମ୍ଭ। ଷଷ୍ଠୀ ତିଥିରେ ଆଜ୍ଞାମାଳ ବିଜେ ପରେ ଶରଧାବାଲିରେ ୩ ରଥକୁ ଦକ୍ଷିଣ ମୋଡ଼ କରାଯାଉଛି। ରଥ ତ୍ରୟକୁ ଶ୍ରୀଗୁଣ୍ଡିଚା ଘର ସିଂହଦ୍ୱାର ସମ୍ମୁଖରୁ ନାକଚଣା ଦ୍ୱାରକୁ ଅଣାଯାଉଛି। ପ୍ରଥମେ ଦେବଦଳନ, ପରେ ତାଳଧ୍ୱଜ ଓ ଶେଷରେ ନନ୍ଦିଘୋଷ ରଥକୁ ଟଣାଯିବ। ଦକ୍ଷିଣ ମୋଡ଼ ପରେ ବାହୁଡ଼ା ପୂର୍ବରୁ ପୁଣି ତିନି ରଥର ସ୍ଥିତି ଯାଞ୍ଚ ହେବ। ଆସନ୍ତା ୫ ତାରିଖ ଶନିବାର ବାହୁଡ଼ା ଯାତ୍ରାରେ ଗୁଣ୍ଡିଚା ଘରୁ ମହାପ୍ରଭୁ ଶ୍ରୀମନ୍ଦିରକୁ ବାହୁଡ଼ିବେ।

## ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା ପରେ ଜରୁରୀ ସେବାରେ ଯୋଗଦେବେ ଓଆରଏସ୍ ଅଧିକାରୀ



ଭୁବନେଶ୍ୱର: ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣାର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇ ଥିବା ଓଏଏସ୍ ସଂଘ ଆନ୍ଦୋଳନକୁ ଜାରି ରଖିଥିବା ବେଳେ ଓଆରଏସ୍ ସଂଘ ଏଥିରୁ ସାମୟିକ ଭାବେ ଓହରିଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅନୁରୋଧ ରକ୍ଷାକରି ଓଆରଏସ୍ କର୍ମଚାରୀମାନେ ଜରୁରୀକାମରେ ଯୋଗଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଅନୁରୋଧ ଅନୁସାରେ ରଥଯାତ୍ରା ଓ ବନ୍ୟା ଡ୍ୟୁଟି କରିବାକୁ ରାଜି ହୋଇଛନ୍ତି। କିନ୍ତୁ ଅନ୍ୟାନ୍ୟ କ୍ଷେତ୍ରରେ ଦାବି ପୂରଣ ନ ହେବା କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟପଟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓଆରଏସ୍ ଅଧିକାରୀଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ନିବେଦନ କରିଛନ୍ତି। ଆନ୍ଦୋଳନକୁ ନ ଯାଇ ସରକାରଙ୍କ ସହ ଆଲୋଚନା ପାଇଁ ଆସନ୍ତୁ ବୋଲି କହିଛନ୍ତି। ଓଆରଏସ୍ ସଂଘ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଏକ ବୈଠକରେ ଆଲୋଚନା କରିଥିଲେ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ମଧ୍ୟ ଉପସ୍ଥିତ ଥିଲେ। ସମୂହ ଛୁଟିରେ ଥିବା ଓଆରଏସ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ବୁଝାଇଥିଲେ। ଓଏଏସ୍ ଅଫିସରଙ୍କୁ ମାଡ଼ ଘଟଣାରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ବଡ଼ ମନ୍ତବ୍ୟ ଆସିଛି। ଘଟଣା ପଛରେ ଥିବା ମୁଖ୍ୟ ଆସାମୀକୁ ଛଡ଼ା ଯିବନି ବୋଲି ମନ୍ତ୍ରୀ କହିଛନ୍ତି। ଯିଏ ବି ଏ କାଣ୍ଡ କରେଇଛି କାହାକୁ ଛଡ଼ା ଯିବନି। ସମସ୍ତଙ୍କୁ ଗିରଫ କରାଯିବ କାର୍ଯ୍ୟାନୁଷ୍ଠାନ କରାଯିବ। ଏନେଇ ନିର୍ଦ୍ଦେଶ ମୁଖ୍ୟମନ୍ତ୍ରୀ ଦେଇ ସାରିଛନ୍ତି। ଅପ୍ରୀତିକର ପରିସ୍ଥିତି ନହେବା କଥା ହୋଇଯାଇଛି। କଲମ ଛାଡ଼ ଆନ୍ଦୋଳନର ସମାଧାନ ଶୀଘ୍ର ହୋଇଯିବ ବୋଲି ମନ୍ତ୍ରୀ କହିଛନ୍ତି। ରଥଯାତ୍ରାରେ ସୃଷ୍ଟି ହୋଇଥିବା ଦଳଚକଟା ଭଳି ସ୍ଥିତି ନେଇ ରାଜ୍ୟରେ ଶାସକ ଏବଂ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ସରକାର ବିରୋଧୀଙ୍କ ଟାର୍ଗେଟରେ ରହିଛନ୍ତି। ସମୀକ୍ଷା ବୈଠକ ଜୋର ହେଉଛି କିନ୍ତୁ କାମ ହେଉନାହିଁ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ସରକାରଙ୍କ ଠାକୁରଙ୍କ ପ୍ରତି ଭକ୍ତି ନାହିଁ, ଲୋକଙ୍କ ପ୍ରତି ଆନ୍ତରିକତା ନାହିଁ। ସରକାର ସୁରକ୍ଷା ଦେଇ ପାରିନାହାନ୍ତି ଫଳରେ ଲୋକେ ପୁରୀକୁ ଆସିବାକୁ ଡରୁଛନ୍ତି ବୋଲି ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କଥାକୁ କେହି ମାନୁ ନାହାନ୍ତି, ମାନୁଥିଲେ ଏପରି ବିଭ୍ରାଟ ହୋଇନଥାନ୍ତା। କେବଳ ଏସପି କଲେକ୍ଟରଙ୍କ ବଦଳି ନ କରି ବଡ଼ ଅଫିସରଙ୍କ ଉପରେ କାହିଁକି ଆକ୍ସନ ନେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

## କମୁଛି ବୈତରଣୀ, ବଢୁଛି ସାଳନ୍ଦୀ ନଦୀର ଜଳସ୍ତର

ଆରଡି: ଉପରମୁଣ୍ଡରେ ବର୍ଷା କମିଥିବାରୁ ତଳମୁଣ୍ଡରେ ଅର୍ଥାତ ଆରଡି ସମେତ ଆଖପାଖ ଓଲଗ, ସୁନ୍ଦରପୁର, ଦୋହରା, ପାଲଟପୁର, ମୁଆଁ, ଶୀତଳପୁର ଆଦି ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ବୈତରଣୀ ନଦୀର ଜଳସ୍ତର କମିଥିବା ବେଳେ ହଦଗଡ ଡ୍ୟାମରୁ ଆସୁଥିବା ପାଣିରେ ସାଳନ୍ଦୀ ନଦୀର ଜଳସ୍ତର ବଢିବାରେ ଲାଗିଛି। ଆଗକୁ ପୂର୍ଣ୍ଣମାତିଥି ଥିବାରୁ ଧାମରା ନିକଟରେ ସମୁଦ୍ର ଜୁଆରିଆ ରହିବା ଫଳରେ ବୈତରଣୀ ଓ ସାଳନ୍ଦୀ ନଦୀର ଆସିଥିବା ବନ୍ୟାପାଣି ଠିକ ଭାବେ ନିଷ୍କାସନ ହେଉନଥିବାରୁ ସିଧାସଳଖ ଭାବେ ବିଭିନ୍ନ ଏସେକେପ ଓ ନଈଯୋର ଦେଇ ଶହଶହ ଏକର ଚାଷଜମିକୁ ମାଡି ଚାଲିଛି ବନ୍ୟା ପାଣି। ଗତ ୩ଦିନ ହେଲା ବନ୍ୟା ପାଣିରେ ବୁଡି ରହିଛି ସାରଦ ଧାନତଳି। ବନ୍ୟାର ସ୍ଥିତି କିପରି ରହିଛି, ଏଥିପାଇଁ ଭଦ୍ରକ ଜିଲାପାଳଙ୍କ ପରାମର୍ଶକ୍ରମେ ଧାମନଗର ଜଳସେଚନ ବିଭାଗର ଯନ୍ତ୍ରୀ କିଶୋର ଦାସ ବୈତରଣୀ ନଦୀର ସାଠିବାଙ୍କୁଡା, ଦୋହରାପାଟଣା, ସୁନ୍ଦରପୁର, ବୋଡକ ଆଦି ନଦୀବନ୍ଧର ଯାଞ୍ଚ କରିବା ସହ ଗତ ମଙ୍ଗଳବାର ରାତି ତମାମ ଜଗିରହିବା ସହ ବୁଧବାର ମଧ୍ୟ ସମସ୍ତ ଅଞ୍ଚଳ ବୁଲି ଦେଖିଥିଲେ। ବୈତରଣୀ ନଦୀର ଉପରମୁଣ୍ଡରେ ବନ୍ୟା ଜଳ କମୁଥିବାରୁ ବନ୍ୟାର ଆଶଙ୍କା ନଥିବା କହିଛନ୍ତି ଶ୍ରୀ ଦାସ।

## ରଥଯାତ୍ରାରେ ଦଳାଚକଟା ଘଟଣା

## ତଦନ୍ତରେ ସହଯୋଗ ପାଇଁ ୪ ବରିଷ୍ଠ ଓଏଏସଙ୍କୁ ଦାୟିତ୍ୱ



ପୁରୀ: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଦଳାଚକଟା ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଆଜି ଆଉ ୪ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏହି ଅଫିସରମାନେ ସମସ୍ତେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ତଦନ୍ତରେ ସହଯୋଗ କରିବେ। ପୁରୀ ଶରଧାବାଲିରେ ଗୁଣ୍ଡିଚା ମନ୍ଦିର ସାମ୍ନାରେ ୩ରଥ ପହଂଚିବା ପରେ ସେଠାରେ ଠେଲାପେଲା ଓ ଦଳାଚକଟାରେ ୩ଜଣଙ୍କ ମୃତ୍ୟୁ ହେବା ସହ ୫୦ରୁ ଉର୍ଦ୍ଧ୍ୱ ଭକ୍ତ ଆହତ ହୋଇଥିଲେ। ସରକାର ଏହି ଘଟଣାର ତଦନ୍ତ ଦାୟିତ୍ୱ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ଦେବା ସହ ଜିଲ୍ଲାପାଳ-ଏସପିଙ୍କୁ ହଟାଇ ଦେଇଥିଲେ। ତେବେ ଏହି ଦଳାଚକଟା ଘଟଣାରେ ବିରୋଧୀ ବିଜେଡି ନିରବ ରହିଥିବାବେଳେ ବିଚାରବିଭାଗୀୟ ତଦନ୍ତ ପାଇଁ କଂଗ୍ରେସ ଦାବି କରୁଛି। ମାତ୍ର ସରକାର ଆଜି ଏହି ୪ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ନିଯୁକ୍ତି ଦେବା ବେଶ୍ ଗୁରୁତ୍ୱ ବହନ କରୁଛି। ବରିଷ୍ଠ ଓଏଏସ୍ ଅଫିସର ମାନସ ରଞ୍ଜନ ସାମଲ, ବିନୟ କୁମାର ଦାଶ, ରଶ୍ମିରଞ୍ଜନ ନାୟକ ଓ ପ୍ରଦୀପ କୁମାର ସାହୁଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଯେଉଁମାନେକି ଗୁଣ୍ଡିଚା ମନ୍ଦିର ସମ୍ମୁଖ ଦଳାଚକଟା ଘଟଣାର ତଦନ୍ତ ପ୍ରକ୍ରିୟାରେ ଉନ୍ନୟନ କମିଶନରଙ୍କୁ ସହଯୋଗ କରିବେ। ଏହି ୪ଜଣ ଅଫିସର ନିଜର ଦାୟିତ୍ୱ ସହ ପ୍ରତ୍ୟେକ ଦିନ ୩ଟାରୁ ୫ଟା ପର୍ଯ୍ୟନ୍ତ ଉନ୍ନୟନ କମିଶନରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ଜାରି ହୋଇଛି। ଶ୍ରୀ ସାମଲ ଏବେ ଇଷ୍ଟେଟ ଯୁଗ୍ମ ନିର୍ଦ୍ଦେଶକ ଥିବାବେଳେ ଶ୍ରୀ ଦାସ, ଶ୍ରୀ ନାୟକ ଓ ଶ୍ରୀ ସାହୁଙ୍କର ପୁରୀରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି ତଥା ଏହି ୩ଜଣ ଅଫିସର ଏବେ ପୁରୀରେ ରଥଯାତ୍ରା ନିମନ୍ତେ ଜୁଲାଇ ୮ତାରିଖ ପର୍ଯ୍ୟନ୍ତ ମୁତୟନ ଅଛନ୍ତି। ଗୁଣ୍ଡିଚାର ମନ୍ଦିର ସାମ୍ନାରେ ୨୯ତାରିଖ ଭୋର ସମୟରେ ଦଳାଚକଟା ଘଟଣାର ପ୍ରାରମ୍ଭିକ ତଦନ୍ତ କରିଛନ୍ତି ଉନ୍ନୟନ କମିଶନର। ସେ ପୁରୀ ଯାଇ ସେଠାରେ କେଉଁ ପରିସ୍ଥିତିରେ ଏଭଳି ଠେଲାପେଲା ଓ ଦଳାଚକଟା ହେଲା ତା'ର କାରଣ ଖୋଜିବା ସହ ଜିଲ୍ଲାପାଳ, ଏସପି, ଶ୍ରୀମନ୍ଦିର ପ୍ରଶାସକ, ସେବାୟତ ଓ ସାଧାରଣ ଲୋକଙ୍କ ସଙ୍ଗେ ଆଲୋଚନା କରିଛନ୍ତି। ସରକାର ତାଙ୍କୁ ଏହି ତଦନ୍ତ ରିପୋର୍ଟ ଦାଖଲ ନିମନ୍ତେ ଏକମାସ ସମୟ ଦେଇଛନ୍ତି। ମାତ୍ର ସେ ଏହି ଅବଧି ପୂର୍ବରୁ ନିଜର ତଦନ୍ତ ରିପୋର୍ଟ ସରକାରଙ୍କୁ ଦେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ପୁରୀ ରଥଯାତ୍ରାରେ ବ୍ୟାପକ ଅବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଛି। ବିଶେଷକରି ଗୁଣ୍ଡିଚା ମନ୍ଦିର ସାମ୍ନାରେ ଠେଲାପେଲା ଓ ଦଳାଚକଟାରେ ୩ଜଣଙ୍କ ମୃତ୍ୟୁ ପରେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ତୁରନ୍ତ ବଦଳି କରିବା ସହ ଦୁଇଜଣ ପୁଲିସ ଅଧିକାରୀ(ସୁରକ୍ଷା ଦାୟିତ୍ୱ)ଙ୍କୁ ନିଲମ୍ବନ କରିଛନ୍ତି। ଏହାସହିତ ବରିଷ୍ଠ ଆଇଏଏସ୍ ଅରବିନ୍ଦ ଅଗ୍ରୱାଲଙ୍କୁ ସମଗ୍ର ରଥଯାତ୍ରା ପରିଚାଳନାର ତଦାରଖ ଦାୟିତ୍ୱ ନ୍ୟସ୍ତ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଗତକାଲି ପୁଣିଥରେ ପୁରୀ ଯାଇ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ବାହୁଡ଼ା, ସୁନାବେଶ ଓ ନିଳାଦ୍ରିବେଶ ଆଦି ବେଳେ ଭିଡ଼ ନିୟନ୍ତ୍ରଣ ଓ କୌଣସି ପ୍ରକାରର ଅବ୍ୟବସ୍ଥାକୁ ବରଦାସ୍ତ କରାଯିବ ନାହିଁ ବୋଲି ତାଗିଦ୍ କରିଥିବା ଜଣାପଡ଼ିଛି।

# ରମ୍ଭେଲିବାସୀଙ୍କ ଦୁଃଖ ବୁଝିବ କିଏ ? ବର୍ଷା ହେଲେ ରାସ୍ତା ଚିନ୍ତା



ଦାରିଙ୍ଗବାଡି : କନ୍ଧମାଳ ଜିଲ୍ଲା ର ଦାରିଙ୍ଗବାଡି ବ୍ଲକ ର ଦୁର୍ଗମ କଟିଙ୍ଗିଆ ପଞ୍ଚାୟତ ର ରାମ୍ଭେଲି ଗ୍ରାମ ବସୀଙ୍କ ଦୁଃଖ ବୁଝିବ କିଏ ? ବର୍ଷା ଦିନ ଆସିଲେ ରାସ୍ତା ସମସ୍ୟା ? ଜରୁରୀ କାଳୀନ ସେବା ପାଇଁ ଆମ୍ବୁଲାନ୍ସ ପହଞ୍ଚିବା ମଧ୍ୟ କଷ୍ଟ ସାଧ୍ୟ ହେଉଛି । କନ୍ଧମାଳ ଜିଲ୍ଲା ର ଶେଷ ତଥା ଗଜପତି ଜିଲ୍ଲା ର ସୀମାନ୍ତ ରେ ଅବସ୍ଥିତ ରାମ୍ଭେଲି ଓ ମିଞ୍ଜାପଙ୍କା ଗ୍ରାମ। ଝିଞ୍ଜୀରି ଗୁଡା ଠାରୁ କାଟିଙ୍ଗିଆ ଓ ମିଞ୍ଜାପଙ୍କା ଦେଇ ଗଜପତି ଜିଲ୍ଲା କୁ ପ୍ରଧାନ ମନ୍ତ୍ରୀ ସଡ଼କ ସଂଯୋଗ ହୋଇ ଥିବା ବେଳେ ମିଞ୍ଜାପଙ୍କା ଠାରୁ ରାମ୍ଭେଲି କୁ ପ୍ରାୟ ୪ କିମି ଘାଟି ରାସ୍ତା ଆଜ ଯାଏଁ ନିର୍ମାଣ ହୋଇପାରି ନାହିଁ। ଗ୍ରାମବାସୀଙ୍କ ବାରମ୍ବାର ଦାବୀ ପରେ ବ୍ଲକ ପ୍ରଶାସନ ପକ୍ଷରୁ ଘାଟ କଟିଙ୍ଗ କାର୍ଯ୍ୟ ହୋଇଥଲା କିନ୍ତୁ ସେହି ରାସ୍ତା କୁ ପକ୍କା ରାସ୍ତା କରାଯାଇ ପାରି ନାହିଁ। ଯାହାରି ଫଳ ରେ ବର୍ଷା ପାଣି ରେ ରାସ୍ତା ଧୋଇ ହୋଇ ଖାଲ ଖମା ସୃଷ୍ଟି ହୋଇ ବଡ ବଡ ପଥର ଅତଡ଼ା ଖସି ରାସ୍ତା ଅବରୋଧ କରୁଛି, ବାଇକ୍ କିମ୍ବା ଅଟୋ ଚଳାଚଳ ବାଧା ପ୍ରାପ୍ତ ହେଉଛି। ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜନସାଧାରଣ ଙ୍କ ଗମନା ଗମନ ର ସୁବିଧା ଦୃଷ୍ଟି ରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମର ସାମନ୍ତ କୁମାର ମଳିକ ,ହରିଶ୍ଚନ୍ଦ୍ର ମଳିକ ,ଯୁବରାଜ ମଳିକ ,କାମଦେବ ମଳିକ ଙ୍କ ସମେତ ସମସ୍ତ ଗ୍ରାମବାସୀ ଦାବୀ କରିଛନ୍ତି।

# ୭୬ ତମ ବନ ମହୋତ୍ସବ ପାଳିତ: ବରଗାଁ ପାହାଡ଼ରେ ଚାରା ରୋପଣ



ମୁନିଗୁଡା: ରାୟଗଡ଼ା ବନଖଣ୍ଡ ମୁନିଗୁଡା ରେଞ୍ଜ ଅମ୍ବାଦଳା ସେକ୍ସନ ପକ୍ଷରୁ ଆଜି ୭୬ ତମ ବନ ମହୋତ୍ସବ ୨୦୨୫ କାର୍ଯ୍ୟକ୍ରମ ପାଳିତ ହୋଇ ଯାଇଛି। ଅମ୍ବାଦଳା ବନପାଳ ମାଝୀ ମହାପାତ୍ରଙ୍କ ଆୟୋଜକରେ ଦୋରାଗାଁ ନିକଟସ୍ଥ ବରଗାଁ ପାହାଡ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁନିଗୁଡା ରେଞ୍ଜର ଅନିଲ କୁମାର ବାଲା ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଡିମିରିଗୁଡ଼ା ସ୍ଥିତ ସିଆରପିଏଫ ବାଟାଲିୟନ ଆସିଷ୍ଟାଣ୍ଟ କମାଡେଣ୍ଟ ଏମ.ଏଲ୍ ନାଇଡୁ ଗେଡେଲା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ । ପରେ ସମୂହ ଭାବେ ପାହାଡ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ । ଏହି ଅବସରରେ ରେଞ୍ଜର ଶ୍ରୀ ବାଲା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସବୁଜ ଆଚ୍ଛାଦନ ବୃଦ୍ଧି କରିବା, ବନିକରଣକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶ ସଂରକ୍ଷଣରେ ଜନସାଧାରଣଙ୍କ ଅଂଶଗ୍ରହଣ କୁ ଉତ୍ସାହିତ କରିବା ଏହି ବନ ମହୋତ୍ସବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ବୋଲି କହି ଚଳିତ ବର୍ଷ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ପ୍ରାୟ ବିଭିନ୍ନ ପ୍ରଜାତିର ଚାରା ବଣ୍ଟନ କରାଯିବ ବୋଲି କହିଥିଲେ । ।ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କମାଡେନ୍ଟ ଶ୍ରୀ ନାଇଡୁ ଗେଡେଲା ଯୋଗ ଦେଇ ପରିବେଶ ସନ୍ତୁଳନ ପାଇଁ ଗଛ ତଥା ଜଙ୍ଗଲ ଆବଶ୍ୟକତାର ବିଭିନ୍ନ ଦିଗ ଉପରେ କହି ଜୀବନ ଓ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ ରହିଛି ବୋଲି କହିଥିବା ବେଳେ ବନପାଳ ଶ୍ରୀ ମାଝୀ ଜଙ୍ଗଲର ସୁରକ୍ଷା କରାଯିବା ସହିତ ପର୍ଯ୍ୟାପ୍ତ ବୃକ୍ଷ ରୋପଣ କରାଯାଇ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି କରିବା ବର୍ତ୍ତମାନ ଆମ ପାଇଁ ଏକ ବଡ଼ ଆହ୍ୱାନ ହୋପଡ଼ିଛି । ତେଣୁ ଏହି ପବିତ୍ର ବନ ମହୋତ୍ସବ ପାଳନ ଅବସରରେ ଅଧିକରୁ ଅଧିକ ଗଛ ଲଗାଇ ଏକ ସ୍ୱଚ୍ଛ ସବୁଜ ସୁନ୍ଦର ପରିବେଶ ସୃଷ୍ଟିର ସ୍ୱପ୍ନକୁ ସାକାର କରିବା ପାଇଁ ଉପସ୍ଥିତ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପି . ଏନଜିଓ କର୍ମଚାରୀ ବିଘ୍ନରାଜ ମିଶ୍ର,ସ୍ଥାନୀୟ ଗଣ ମାଧ୍ୟମ ପ୍ରତିନିଧି, ରଞ୍ଜନ ସ୍ୱାଇଁ, ଦକ୍ଷ ବାଥ୍ରା, ରଘୁନାଥ ବେହେରା, ସୁଦୀପ ମିଶ୍ର, ଦୟାନିଧି ସାହୁ , ରମାକାନ୍ତ ପୋଡାଲ ପ୍ରମୁଖ ଯୋଗ ଦେଇ ନୂତନ ଜଙ୍ଗଲ ସୃଷ୍ଟି ଏବଂ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ପାଇଁ ବ୍ୟାପକ ଭାବେ ବୃକ୍ଷ ରୋପଣ କରାଯିବା ଦିଗରେ ଜନସାଧାରଣଙ୍କ ଅକୁଣ୍ଠ ଓ ସକ୍ରିୟ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମରେ ବନ ବିଭାଗ ପକ୍ଷରୁ ଫରେଷ୍ଟ ଗାର୍ଡ ପ୍ରଳୟ କୁମାର ଦଣ୍ଡସେନା, ଶର୍ମିଷ୍ଠା ବଡଜେନା, ବିଦ୍ୟାଧର ପାଣ୍ଡେଙ୍କ ସମେତ ପିତାମ୍ବର ଗୌଡ, ସାନବୁଢ଼ା ନାୟକ, ପଦ୍ମ ନାଭ ପ୍ରାଧାନୀ, ଗୌର ପାତ୍ର, ବଳରାମ ବଚା ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିବା ବେଳେ ସିଆରପିଏଫ ଯବାନ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସୁବର୍ଣ୍ଣପୁର ଠାରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପାଳନ

## ଗଛ ଲଗାଇଲେ ଜିଲ୍ଲାପାଳ ଓ ଏସପି

ସୁବର୍ଣ୍ଣପୁର :- ସୁବର୍ଣ୍ଣପୁର ବନଖଣ୍ଡ ଅଧିନସ୍ତ ଅର୍ଜୁନପୁର ସ୍ଥିତ ନଗରବନ ଠାରେ ଜିଲ୍ଲା ସ୍ତରୀୟ ବନ ମହୋତ୍ସବ ଆଜି ଉଦଘାଟିତ ହୋଇଯାଇଛି। ଏହି ସମାରୋହରେ ଜିଲ୍ଲାପାଳ ଅନ୍ୟା ଦାସ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ସମ୍ମାନିତ ଅତିଥି ଭାବରେ ସି ଡି ଏମ୍ ପି ଏଚ୍ ଓ ଦୁର୍ଗା ଦତ୍ତ ଦାଶ, ଜିଲ୍ଲା ଜଳ ବିଭାଜିକା ବିଭାଗ ର ଡେପୁଟି ଡାଇରେକ୍ଟର, ସି ଡି ଭି ଓ, ଏ ସି ଏଫ୍ ସୋନପୁର ଗିରିଧାରୀ ନାଗ, ଏ ସି ଏଫ୍ ଶ୍ରୀ ବରିହା, ସୋନପୁର ରେଞ୍ଜ ଅଫିସର ସୁବାଷ ମହାପାତ୍ର ପ୍ରମୁଖ ଜିଲ୍ଲା ପ୍ରଶାସନ ର ବିଭିନ୍ନ ଅଧିକାରୀ, ସ୍ୱେଚ୍ଛାସେବୀ, ବରିଷ୍ଠ ନାଗରିକ ଯୋଗ ଦେଇ ସମସ୍ତେ ଗୋଟେ ଗୋଟେ ଗଛ ଲଗାଇ ପରିବେଶ ସୁରକ୍ଷା ର ବାର୍ତ୍ତା ପ୍ରଦାନ କରିଥିଲେ ଜିଲ୍ଲା ବରିଷ୍ଠ ନାଗରିକ ଓ ସ୍ୱଚ୍ଛ ଭାରତ ସଙ୍ଗଠନ କର୍ମ କର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ





ଅନୁଷ୍ଠାନ ଯୋଗ ଦେଇ ପ୍ରମୁଖ ସଦସ୍ୟ , ଶିକ୍ଷକ, ଓ କୋଶଳ ଆବାସିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଏହି ଉତ୍ସବରେ ଯୋଗ ଦେଇ ଚାରା ରୋପଣ କରିଥିଲେ ଆଜି ପ୍ରଥମ ଦିନରେ ପ୍ରାୟ ଦୁଇ ହଜାର ବୃକ୍ଷ ରୋପଣ କରାଯିବା ନେଇ ଜିଲ୍ଲା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଅବସରରେ ଭ୍ରାମ୍ୟମାଣ ଚାରା ବଣ୍ଟନ ମୋବାଇଲ ଭ୍ୟାନ କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଜିଲ୍ଲାପାଳ ଓ ଏସପି ଏହି ଯାନରେ ଚାରା ପ୍ରତି ଏକ ଟଙ୍କା ଦରରେ ସହର ଓ ଜିଲ୍ଲା ସାରା ବୁଲି ବୁଲି ଚାରା ବିକ୍ରୟ କରାଯିବ । ଗତ କାଲି ୧ ତାରିଖ ଠାରୁ ଆସନ୍ତା ୭ ତାରିଖ ଯାଏ ଜିଲ୍ଲା ସଦର ମହକୁମା ସମେତ ବନ ବିଭାଗ ର ସମସ୍ତ ରେଞ୍ଜ ରେ ବନ ମହୋତ୍ସବ ପାଳନ ସହିତ ଔଷଧୀୟ ବୃକ୍ଷ ଓ ଅନେକ ପ୍ରକାର ଚାରା ରୋପଣ ଓ ବିକ୍ରୟ କରାଯିବ ବୋଲି ସୁଚନା ମିଳିଛି ଜିଲ୍ଲାପାଳ ଓ ଏସପି ନଗର ବନ ର ୱାଚ୍ ଟାୱାର ରେ ବସି ପ୍ରାକୃତିକ ପରିବେଶ କୁ ଉପଭୋଗ କରି ଏ ସୁନ୍ଦର ସଫଳ ପ୍ରକଳ୍ପ ଓ ବିଭାଗ ର ହାଡ୍ ୱାର୍କ ପାଇଁ ଡି ଏଫ୍ ଓ ଶ୍ରୀ ଶର୍ମା ଙ୍କୁ ପ୍ରଶଂସା କରିଥିଲେ ସୋନପୁର ଫରେଷ୍ଟର ଭକ୍ତ ବନ୍ଧୁ ମିଶ୍ର ଆଜି ର କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ଜିଲ୍ଲା ର ସମସ୍ତ ରେଞ୍ଜ ଅଫିସର ଓ କର୍ମଚାରୀ ସହଯୋଗ କରିଥିଲେ

# ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଆମ୍ବପାଲିଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ସଇଁତଳା : ଆଜି ନବୀନ ଜୈନ, ବିଧାୟକ, ଟିଟିଲାଗଡଙ୍କ ନେତୃତ୍ୱରେ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଆମ୍ବପାଲିଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜୟ କୁମାର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସରପଞ୍ଚ ରାମା ଛତ୍ରିଆ ଯୋଗଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମେନ ସଦାଶିବ ଗହିର ଓ ସମସ୍ତ ସଦସ୍ୟମାନେ ଓ ପୂର୍ବତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ସମାଜସେବୀ ସୁବାସିଂ ଛତ୍ରିଆ ଓ ପ୍ରକୃତି ମିତ୍ର ତଥା ସବୁଜ ବନାନିର କର୍ଣ୍ଣଧାର ତଥା ଉଦୀୟମାନ ସମାଜସେବୀ ସୁରେନ୍ଦ୍ର ଭୋଇ, ଧୂମାପାଲି, ଏବଂ ବିଦ୍ୟାଳୟର ଶିକ୍ଷା କର୍ମଚାରୀ ସୁଶୀଲ କୁମାର ଭୋଇ, ଛନ୍ଦା ଚରଣ ସୁନା, ଚକ୍ର ଧର ବାଗ, ଅନିଲ କୁମାର ନନ୍ଦ, ରାଜକିଶୋର କୁଅଁର, କ୍ଷେତ୍ର ମେହେର, ରାଜବିହାରି ବଞ୍ଜୋର, ପର୍ଶୁରାମ ପଟେଲ, ବଇଚନ୍ଦ୍ର ମହାନନ୍ଦ, ଗନ୍ଧର୍ବ ଗହିର, ଦେବରାଜ ଭୋଇ, ଓ ଶତାଧିକ ଦଳୀୟ କର୍ମୀ ତଥା ଆମ୍ବପାଲି ଗ୍ରାମପଞ୍ଚାୟତର ସର୍ବସାଧାରଣ ଉପସ୍ଥିତ ଥିଲେ । ଛନ୍ଦା ଚରଣ ସୁନା ଧନ୍ୟବାଦ୍ ଦେଇଥିଲେ । ସର୍ବ ପ୍ରଥମେ ବିଧାୟକଙ୍କୁ ଫୁଲମାଳ ସହ ଉତ୍ତରୀୟ ଦେଇ ବିଦ୍ୟାଳୟ ତରଫରୁ ସ୍ୱାଗତ କରାଯାଇଥିଲା ।

# ୬ କ୍ୱିଣ୍ଟାଲ ୧୫ କେଜି ଗଞ୍ଜେଇ ସହ ପିକ ଅପ୍ ଭ୍ୟାନ ଜବତ, ଅଭିଯୁକ୍ତ ଫେରାର



ସୁବର୍ଣ୍ଣପୁର:- ଗତକାଲି ସୁବର୍ଣ୍ଣପୁର ଜିଲ୍ଲା ତରଭା ପୁଲିସ ଗଂଜେଇ ଚୋରାଚାଲାଣ ହେଉଥିବା ଏକ ପିକ୍ଅପ୍ ଭ୍ୟାନ୍‌ରୁ ୬ କ୍ୱିଣ୍ଟାଲ ୧୫ କେଜି ଗଂଜେଇ ଜବତ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଏକ ପିକ୍ଅପ୍ ଭ୍ୟାନ୍ ନକଲି ନମ୍ବର (ଓଡି ୩୧ଜି -୨୮୪୩) ଗଞ୍ଜେଇ ନେଇ କଣ୍ଟାମାଳ ପଟୁ ତରଭା ଆଡ଼କୁ ଆସୁଥିବା ଖବର ପାଇ ଏସ୍‌ପି ନାରାୟଣ ନାୟକ ତରଭା ପୋଲିସ କୁ ଖବର କରିଥିଲେ । ପରେ ତରଭା ଆଇଆଇସି ଙ୍କ ନେତୃତ୍ୱରେ ଏକ ଟିମ୍ ରେ ଏଏସଆଇ ରବିନ୍ଦ୍ର ସାହୁ ଏବଂ ଅନ୍ୟ ଅଧିକାରୀ ମାନେ ଗାଡି ଉପରେ ସତର୍କ ନଜର ରଖିଥିଲେ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ପଟରୁ ଦ୍ରୁତ ଗତିରେ ଆସୁଥିବା ଗାଡ଼ି କୁ ପୋଲିସ ଟିମ୍ କୌଶଳ କ୍ରମେ ଅଟକାଇବା ବେଳେ ଭ୍ୟାନ୍ ଚାଳକ ଜାଣିପାରି ଗାଡ଼ିକୁ ଅଟକାଇ ଫେରାର ହୋଇଯାଇଥିଲା । ପରେ ଯାଞ୍ଚ ସମୟରେ ପିକ୍ଅପ୍ ଭ୍ୟାନ୍‌ରୁ ୨୫ଟି ବସ୍ତାରେ ଭର୍ତ୍ତି ହୋଇଥିବା ୬୦୮ ପ୍ୟାକେଟ ଗଞ୍ଜେଇ ବାହାରିଥିଲା। ଉକ୍ତ ଗାଡିକୁ ମାଜିଷ୍ଟ୍ରେଟ ସମ୍ମୁଖରେ ଯାଞ୍ଚ କରିବା ପରେ ସେଥିରୁ ୬ କ୍ୱିଣ୍ଟାଲ ୧୫ କେଜି ୨୩୦ ଗ୍ରାମ ଗଞ୍ଜେଇ ଜବତ କରିଛି କେଶ୍ ନମ୍ବର ୧୬୩ ୧-୭-୨୦୨୫ ୟୁ ଏସ ୨୦( ବି ) ( ) ରେ ମାମଲା ରୁଜୁ ହୋଇଛି ଓ ଏକ ଫେକ୍ ନମ୍ବର୍ ଥିବା ପିକ୍ ଅପ୍ ଗାଡ଼ି କୁ ପୋଲିସ ଜବତ କରିଥିବା ବିଷୟ ଆଜି ଏସପି ଶ୍ରୀ ନାରାୟଣ ନାୟକ ଏକ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି। ଜବତ ଗଞ୍ଜେଇ ର ମୂଲ୍ୟ ପ୍ରାୟ ୧ କୋଟି ରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଏହି ଚଢ଼ଉରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ଅନିତା କିଡୋ, ଏସ୍ଆଇ ରବୀନ୍ଦ୍ର ସାହୁ, ମାରୁତ ଚନ୍ଦ୍ର ପ୍ରଧାନ, ଏଏସ୍ଆଇ ଶୁଭେନ୍ଦୁ ସିଂ, ମେଣ୍ଡା ଫାଣ୍ଡି ଅଧିକାରୀ ଟଙ୍କଧର ଛତ୍ରିଆ, କନଷ୍ଟେବଳ କୈଳାସ ଭୋଇ, ଗୋପୀନାଥ ସାହୁ, ଓଏପିଏ ପରମାନନ୍ଦ ପଧାନ, ଜ୍ୟୋତ୍ସ୍ନା ପ୍ରଧାନ, ପ୍ରଭାସିନୀ ପ୍ରଧାନ ଓ ହୋମଗାର୍ଡ ତରଣୀ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ ।

# ଚୋରା ଗଞ୍ଜେଇ ଚାଲାଣ; ୫୦ କେଜି ଗଞ୍ଜେଇ ସହ ୨ ଗିରଫ, ଆମ୍ବୁଲାନ୍ସ ଗାଡି ଜବତ




ସୁବର୍ଣ୍ଣପୁର:- ଚୋରା ଗଞ୍ଜେଇ ଚାଲାଣ ମାମଲାରେ ୨ ଅଭିଯୁକ୍ତକୁ ଗିରଫ ସହ ଏକ ଆମ୍ବୁଲାନ୍ସ ଗାଡି ଜବତ କରିଛି ସୁବର୍ଣ୍ଣପୁର ଅବକାରୀ ବିଭାଗ। ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ପକ୍ଷରୁ ସୁବର୍ଣ୍ଣପୁର ସହରର ବୁଢ଼ାରଜା ଛକ ନିକଟରେ ପେଟ୍ରୋଲିଂ କରୁଥିବା ସମୟରେ ଦିନ ପ୍ରାୟ ୧୧ ବେଳେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ପଟରୁ ଆସୁଥିବା ଆମ୍ବୁଲାନ୍ସ ଗାଡି ଟି ନମ୍ବର ବିହୀନ ଗାଡି ଆସୁଥିବା ବେଳେ ତାକୁ ସନ୍ଦେହରେ ବୁଢ଼ାରଜା ଛକରେ ଅଟକ ରଖି ତନଖି ସମୟରେ ସେଥିରୁ ୫୦ କେଜି ଗଞ୍ଜେଇ ମିଳିଥିଲା। ଏବଂ ଆମ୍ବୁଲାନ୍ସ ଗାଡିରେ ଥିବା ପଶ୍ଚିମବଙ୍ଗ ରାଜ୍ୟ ବରଡଧାମନ ଜିଲ୍ଲା ନନ୍ଦଘାଟ ଥାନାର ସଞ୍ଜିତ ଶର୍ମା (୪୦) ଓ ନଦିଆ ଜିଲ୍ଲା ଶାନ୍ତିପୁର ଥାନା ର ବୁଦ୍ଧଦେବ ମେହେଟୋ(୪୦) ବର୍ଷଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ମାନେ ଏହା ବୌଦ୍ଧ ଜିଲ୍ଲାରୁ ପଶ୍ଚିମବଙ୍ଗ ରାଜ୍ୟ କୁ ଚାଲାଣ କରୁଥିବା ସୂଚନା ଦେଇଛନ୍ତି। ଏ ନେଇ ସୁବର୍ଣ୍ଣପୁର ଅବକାରୀ ବିଭାଗର ପକ୍ଷରୁ ଏକ ମାମଲା ୫୭/୨୫ /୨୬ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଆମ୍ବୁଲାନ୍ସ ଗାଡି ଓ ଗଞ୍ଜେଇ ଜବତ ସହ ୨ ଅଭିଯୁକ୍ତଙ୍କୁ ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ ଇନ୍ସପେକ୍ଟର ପ୍ରକାଶ କୁମାର ସା, ଇନ୍ସପେକ୍ଟର ହରପ୍ରସାଦ ରଣା, ଓଆଇସି ଶାନ୍ତନୁ ପଟ୍ଟନାୟକ, ଏଏସଆଇ ଲୋକନାଥ ବେହେରା , ଇଏସ ଆଇ ସନ୍ତୋଷ କୁମାର ସ୍ୱାଇଁ,ଇଏସଆଇ ଅଭିଳାଷ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ସୋନପୁର ରେ ଆଜି କୃଷ୍ଣ ଓ ବଳରାମ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ



ସୁବର୍ଣ୍ଣପୁର :- ସୋନପୁର ଗୁଣ୍ଡିଚା ମନ୍ଦିର ଠାରେ ଚତୁର୍ଦ୍ଧାମୂର୍ତ୍ତି ଭକ୍ତଙ୍କୁ କୃଷ୍ଣ ଓ ବଳରାମ ବେଶରେ ଦର୍ଶନ ଦେଇଛନ୍ତି । କଥାରେ ଅଛି ଆଡପ ମଣ୍ଡପରେ ପ୍ରଭୁଙ୍କୁ ଦର୍ଶନ ମହାପୁଣ୍ୟ ଓ ଫଳ ପ୍ରାପ୍ତି ଅଟେ। ସେପଟେ ଦିନସାରା ଝିପଝିପି ବର୍ଷା ସତ୍ତ୍ୱେ ମହାପ୍ରଭୁଙ୍କ ଦିବ୍ୟ ଲୀଳା କୁ ଦେଖିବାକୁ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଭିଡ ଜମାଉଛନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କ ମାନବୀୟଲୀଳା ବିଷୟରେ ପ୍ରାୟତଃ ସମସ୍ତେ ଊଣା ଅଧିଖେ ଜାଣନ୍ତି। ଏହି ଲୀଳାରେ ଭଗବାନ ବିଷ୍ଣୁଙ୍କୁ ମାନବ ଭାବରେ ଦ୍ୱାପର ଯୁଗରେ ଅତ୍ୟାଚାରୀ କଂସ ମହାରାଜାଙ୍କ ନିଧନ ସକାଶେ ଧରାପୃଷ୍ଠକୁ ରୋହିଣୀ ଓ ବସୁଦେଙ୍କ ପୁତ୍ର ସନ୍ତାନ ଶ୍ରୀକୃଷ୍ଣ ଭାବେ ଅବତରଣ କରିବାକୁ ପଡ଼ିଥିଲା। ସେହିଭଳି ଭାବେ ଅତ୍ୟାଚାରୀ କଂସ ମହାରାଜାଙ୍କ ନିଧନ ପାଇଁ ଭଗବାନ ଶ୍ରୀକୃଷ୍ଣଙ୍କୁ ସହାୟତା ତଥା ଶିଶୁପାଳର ନିଧନ ପାଇଁ ଭଗବାନ ବିଷ୍ଣୁଙ୍କୁ ରୋହିଣୀ ଓ ନନ୍ଦରାଜାଙ୍କ ପୁତ୍ର ସନ୍ତାନ ବଳରାମ ଭାବରେ ଏହି ପୃଥିବୀ ପୃଷ୍ଠକୁ ଆସିବାକୁ ହୋଇଥିଲା। ଯାହାକି ବିସ୍ତୃତ ଭାବେ ଭଗବାନ ଶ୍ରୀକୃଷ୍ଣ ଓ ବଳରାମଙ୍କ ଲୀଳା ବିଷୟରେ ଭାଗବତରେ ବର୍ଣ୍ଣନା କରାଯାଇଛି ଏହି ଅବସରରେ ବଡ଼ବଜାର ଗୁଣ୍ଡିଚା ମନ୍ଦିର ଠାରେ ସନ୍ଧ୍ୟା ସମୟ ରୁ ରାତି ପର୍ଯ୍ୟନ୍ତ ପ୍ରତ୍ୟହ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଆଜି ନୃତ୍ୟପ୍ରଭା ଡାନ୍ସ ଏକାଡେମୀ କାର୍ଯ୍ୟକ୍ରମକୁ ହଜାର ହଜାର ଲୋକ ଉପଭୋଗ କରିଥିଲେ। ସମାଜସେବୀ ଶ୍ରୀବସ୍ତ ମଲ୍ଲିକ ଓ ଘୋରୋଇ ବସ ମାଲିକ ସଂଘ ର ସଭପତି ଦୀପକ ମହାପାତ୍ର ଏବଂ ସଂପାଦକ ପିଣ୍ଟୁ ପଣ୍ଡା ସାଂସ୍କୃତିକ କାର୍ଯକ୍ରମ ରେ ଅତିଥି ଭାବରେ ଯୋଗ ଦେଇଥିଲେ। ସେହିପରି ବୃନ୍ଦାବନ ମନ୍ଦିରରେ ପ୍ରଭୁ ଜଗନ୍ନାଥ କାଳୀୟ ଦଳନ ଅବତାରରେ ଭକ୍ତମାନଙ୍କୁ ଦର୍ଶନ ଦେଉଥିବା ବେଳେ ବଡ଼ଠାକୁର ପ୍ରଭୁ ଦଧିବାମନ ମଝିପଡାଠାରେ କୃଷ୍ଣ ଓ ବଳରାମ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଓ ଥନାପତି ପଡାରେ ମଧ ଶ୍ରଦ୍ଧାଳୁ ପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଲୀଳା ଦର୍ଶନ କରୁଛନ୍ତି।

# ସୋନପୁର କଲେଜର ୬୨ ତମ ପ୍ରତିଷ୍ଠା ଦିବସରେ ପୂରାତନ ଛାତ୍ର ସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ




ସୁବର୍ଣ୍ଣପୁର : ସୋନପୁର କଲେଜର ୬୨ ତମ ପ୍ରତିଷ୍ଠା ଦିବସ ଅବସରରେ ପୁରାତନ ଛାତ୍ର ସଂଘ ପକ୍ଷରୁ ସୋନପୁର କଲେଜ ଠାରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୋନପୁର ଏସପି ନାରାୟଣ ନାୟକ ଓ କଲେଜ ଅଧକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିବା ବେଳେ ପୂରାତନ ଛାତ୍ର ସଂଘ ର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ, ସଂପାଦକ ଭାରତ ଭୁଷଣ ଦାଶ, ଉପଦେଷ୍ଟା ସିତାଂଶୁ ଶେଖର ମିଶ୍ର ରକ୍ତଦାନ କରିବା ପାଇଁ ନୂତନ ରକ୍ତ ଦାତଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ପୂରାତନ ଛାତ୍ର ସଙ୍ଘର ଉପ ସଭାପତି ଗତିକୃଷ୍ଣ ମିଶ୍ର, ସହ ସମ୍ପାଦକ ବିଶ୍ୱବିର ମିଶ୍ର, କୋଷାଧକ୍ଷ ବିଶ୍ୱ ରଞ୍ଜନ ପୂଝାରୀ ଏବଂ ପ୍ଲାବନ ମହାପାତ୍ର, ସ୍ୱରୂପ ପାତ୍ର, ଶାଶ୍ୱତ ମିଶ୍ର, ଶୁଭମ ମିଶ୍ର, ଗୋପାଳ ବାରଇ, ଅଭିଷେକ ଶର୍ମା, ଦୀପକ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ଜ୍ୟୋତିର୍ମୟ ମିଶ୍ର ପ୍ରମୁଖଙ୍କ ସହ ସମସ୍ତ କାର୍ଯ୍ୟକର୍ତ୍ତା ଓ ଜିଲ୍ଲା ରକ୍ତଦାତା ସେବା ସଂଘ ସଭାପତି ମନୋଜ ପଣ୍ଡା, ସହଯୋଗ କରିଥିଲେ। ଜିଲ୍ଲା ବାର ଆସୋସିଏସନ୍, ବୁଢ଼ାରଜା ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ବେଳେ ଜିଲ୍ଲା ରକ୍ତ କେନ୍ଦ୍ରର ଡ଼ା. ଚିତ୍ତ ରଞ୍ଜନ ତ୍ରିପାଠୀ, କାଉନସିଲର ଜଗତ ଦାରୁଅନ୍, ଲେ ଟେକ୍ନିଶିଆନ ସତ୍ୟବ୍ରତ ତାଣ୍ଡି, ଯୁଧିଷ୍ଠିର ନାଏକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

# ପୃଥକ ସଡ଼କ ଦୁର୍ଘଟଣାରେ ୭ ଆହତ ୪ଗୁରୁତର



ଦାରିଙ୍ଗବାଡ଼ି : କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳ ର ଦୁଇଟି ସ୍ଥାନ ରେ ଘଟିଛି ସଡ଼କ ଦୁର୍ଘଟଣା , ଦୁଇଟି ସ୍ଥାନ ରେ ଅଟୋ ସହ ବାଇକ୍ ର ଧକ୍କା ହୋଇଥିବା ସୂଚନା ରହିଛି । ଗୋଟିଏ ଘଟଣା ଦାରିଙ୍ଗବାଡ଼ି ବ୍ଲକ ପାଙ୍ଗାଲି ଘାଟିରେ ଅଟୋ ସହ ମୋଟର ସାଇକେଲ ମୁହାଁମୁହିଁ ଧକ୍କା ହେବା ଫଳ ରେ ୬ଜଣ ଗୁରୁତର ଆହାତ ହୋଇଥିବା ଖବର ପାଇ ଦାରିଙ୍ଗବାଡି ଥାନା ଅଧିକାରୀ କନକ କୁମାର ମାଝୀ ଅଗ୍ନିଶମ ବିଭାଗକୁ ସୂଚନା ଦେଇ ଘଟଣା ସ୍ଥଳରେ ପହଞ୍ଚି ଆହାତ ମାନଙ୍କୁ ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରିଥିଲେ। ଆହାତ ୬ଜଣଙ୍କ ମଧ୍ୟରୁ ତିନିଜଣ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲ କୁ ରେଫର କରାଯାଇ ଥିବା ସୂଚନା ରହିଛି । ଗୁରୁତର ଆହତ ହୋଇଥିବା ତିନିଜଣ ହେଲେ ଗାହକିଆ ଗ୍ରାମର ରମେଶ ବଳିୟାରସିଂ ପୁଅ ଅମିର ବଳିୟାରସିଂ (୨୧), ସିପ୍ରୀୟାନ ବଳିୟାରସିଂ ପୁଅ ଫିରଜ ବଳିୟାରସିଂ(୨୦) ଓ କିଲାବାଡ଼ି ଗ୍ରାମର ପିତର ପ୍ରଧାନ (୨୧) ଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇ ଥିବା ବେଳେ , ଅନ୍ୟ ତିନିଜଣ ଆହାତ ସମ୍ବିଳ ମଲିକ (୨୦), ପିଙ୍କୁ ଦିଗାଲ (୨୧) ଓ ଲିପୁନ ଦିଗଲ (୧୯)ଦାରିଙ୍ଗବାଡି ମେଡ଼ିକାଲ୍ ରେ ଚିକିତ୍ସା କରଯାଇଛି । ସୂଚନା ଅନୁଯାୟୀ ବୁଧବାର ଦିନ ଅପରାହ୍ନ ରେ ଗାହକିଆ ଗ୍ରାମର ଅମିର ବଳିୟାରସିଂ, ଫିରଜ ବଳିୟାରସିଂ,ଲିପୁନ ଦିଗଲ ଓ ପିଙ୍କୁ ଦିଗାଲ କୌଣସି ଘରୋଇ କାମରେ ଦାରିଙ୍ଗବାଡ଼ି ଆସି ନିଜ ଗ୍ରାମକୁ ଏକ ଅଟୋ ଯୋଗେ ଫେରୁଥିଲେ। ସେହି ସମୟରେ କିଲାବାଡ଼ି ଗ୍ରାମର ପିତର ପ୍ରଧାନ ଓ ସମ୍ବିଳ ମଲିକ ମଟର ସାଇକେଲରେ ଟେକାବାଡ଼ି ଗ୍ରାମରୁ ଦାରିଙ୍ଗବାଡ଼ିକୁ ଆସୁଥିଲେ । ପାଙ୍ଗାଲି ଘାଟିରେ ଉଭୟ ଅଟୋ ଓ ମଟର ସାଇକେଲ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଥିଲା ।

ସେହି ପରି କସବସା ଗ୍ରାମ ର ସଂଗ୍ରାମ ନାୟକ (୨୫) କୌଣସି କାମ ରେ ବ୍ରାହ୍ମଣୀଗାଁ ରୁ ଏକ ବାଇକ୍ ଯୋଗେ ସନ୍ଧ୍ୟା ପ୍ରାୟ ୭ଟା ୩୦ ରେ ନିଜ ଗ୍ରାମ କୁ ଫେରୁ ଥିବା ବେଳେ ବଙ୍ଗଡ ଦୁଆ ଘାଟି ବୁଲାନ୍ତି ରେ ଅପର ପକ୍ଷରୁ ଆସୁଥିବା ଅଟୋ ସହ ଧକ୍କା ହୋଇ ଘଟଣା ଗୁରୁତର ଆହତ ହୋଇ ପଡ଼ିଥିଲେ, ସ୍ଥାନୀୟ ଲୋକେ ଘଟଣା ସ୍ଥଳ ରୁ ଉଦ୍ଧାର କରି ବ୍ରାହ୍ମଣୀଗାଁ ମେଡ଼ିକାଲ୍ ରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବା ରୁ ତାଙ୍କୁ ବ୍ରହ୍ମପୁର ବଡ ମେଡ଼ିକାଲ ନେବାକୁ ଡାକ୍ତର ପରାମର୍ଶ ଦେଇଥିବା ଜଣା ପଡ଼ିଛି।

# ମହରମ ପର୍ବ ଉପଲକ୍ଷେ ବାଲେଶ୍ୱର ପୌରାଞ୍ଚଳରେ ଯାନବାହନ ଚଳାଚଳରେ କଟକଣା

ବାଲେଶ୍ୱର: ଜିଲ୍ଲା ଗୁଇନ୍ଦା ବିଭାଗ ଚିଠି ସଂଖ୍ୟା ୪୦୮/ଆଇ.ବି ଅନୁଯାୟୀ ଆରକ୍ଷୀ ଅଧିକ୍ଷକ ବାଲେଶ୍ୱରଙ୍କ ନିର୍ଦ୍ଦେଶ ଅନୁସାରେ ଏତଦ୍ୱାରା ବାଲେଶ୍ୱର ପୌରାଞ୍ଚଳର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଅଛିକି ଆସନ୍ତା ମହରମ ପର୍ବକୁ ଦୃଷ୍ଟିରେ ରଖି ଚଳିତ ମାସ ତା: ୦୩,୦୪,୦୫,୦୭ ରିଖ ପାଳନ ପରିପ୍ରେକ୍ଷୀରେ ଆଖଡ଼ା/ ତାଜିଆ, ଶୋଭା ଯାତ୍ରା ପାଇଁ ସହରର ବିଭିନ୍ନ ରାସ୍ତା, ଗଳିଛକ - ନୁଣିଆ ଯୋଡ଼ି, ଫାଣ୍ଡି ଛକ, ଚିଡ଼ିଆ ପୋଲ, ସିନେମା ଛକ, ଟାଉନ ଥାନା ଛକ, ସୁଏଲପୁର, ମାଣିଖମ୍ବ, ମଣ୍ଡଳ ବଜାର, ଟାଉନ ହଲ, ଗୋଳାପୋଖରୀ, ବଙ୍କା ଖଜୁରୀ, ହେମକାପଦା, ଗଡ଼ଗଡ଼ିଆ, ମଧରେ ସନ୍ଧ୍ୟା ଘ ୫ ଟିକା ଠାରୁ ଶୋଭାଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକାରର ଯାନ ବାହନ ଏପରିକି ସାଇକଲ ଚଳାଚଳ ଉପରେ କଟକଣା ଜାରି କରାଯାଇଅଛି । ଏଣୁ ଜନସାଧାରଣଙ୍କୁ ପ୍ରଶାସନ ନିର୍ଦ୍ଦେଶନାମା ପାଳନ ଏବଂ ସହଯାଗ କରିବା ନିମନ୍ତେ ଅନୁରୋଧ ।

# ପୂର୍ବତନ କାଉନସିଲରଙ୍କ ପରଲୋକ

## ପୂର୍ବତନ ସାଂସଦଙ୍କ ଶୋକ



ତାଳଚେର: ତାଳଚେର ପୌର ପରିଷଦ ୱାର୍ଡ ନମ୍ବର ଚାରି( ବିରାଧରପଡା ) ଶଙ୍କର୍ଷଣ ରାଉତ (ବାବାଜୀ ) ପ୍ରାୟ ୭୦ ବର୍ଷ, ସ୍ୱାସ୍ଥ୍ୟ ଖରାପ ଥିବା ଯୋଗୁ ଚିକିତ୍ସାଳୟ ନେଇଥିଲେ, କିଛି ଦିନ ପରେ ଚିକିତ୍ସା ଅବସ୍ଥା ରେ ପରଲୋକ ବୁଧବାର ତାରିଖ ୨-୭-୨୦୨୫ ଦିନ ଭୋରୁ ହେଲା, ଅଂଚଳ ରେ ଶୋକର ଛାୟା ଖେଳିଗଲା, ସ୍ବର୍ଗତ ରାଉତ ଜଣେ ମେଳାପୀ, ଅମାୟିକ, ସାଧାରଣ ଜୀବନ ଯାପନ ବ୍ୟକ୍ତି ଥିଲେ ସ୍ବର୍ଗତ ବାବାଜୀ ଙ୍କ ପାର୍ଥିବ ଶରୀର କୁ ଶେଷ ଦର୍ଶନ କରିଥିଲେ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ପ୍ରାକ୍ତନ ସାଂସଦ ମହେଶ ସାହୁ, ନଗରପାଳ ପବିତ୍ର ଭୂତିଆ, କାଉଁ ସିଲର ୱାର୍ଡ ନମ୍ବର (୧,୨,୩,୪,୬,),ସମାଜସେବୀ ଧିରେନ ଶତପଥି, ଶିକ୍ଷାବିତ ବିଭୁତି ମିଶ୍ର,ବିଭିନ୍ନ ରାଜନୈତିକ ଦଳ ର ନେତା, ପରିବାର ବର୍ଗ, ୱାର୍ଡ ବାସି ପାର୍ଥିବ ଶରୀର କୁ ଶୋଭାଯାତ୍ରା ରେ ନିଆଯାଇ ସ୍ମଶାନ ରେ ଦାହ କରାଯାଇଥିଲା ।

# ତିହିଡ଼ିରେ ବନ୍ୟାଜଳ ପ୍ରବେଶ




ତିହିଡ଼ି: ସାଳନ୍ଦୀ ନଦୀର ବନ୍ୟା ଜଳ ତିହିଡ଼ି ବ୍ଲକର ଦୁଇ ପଞ୍ଚାୟତରେ ପ୍ରବେଶ କରିଛି। ବ୍ଲକ ପ୍ରଶାସନିକ ଅଧିକାରୀମାନେ ଆଜି ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି। ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ଅତିରିକ୍ତ ତହସିଲଦାର ନମିତା ଧଳ, ତଳଗୋପବିନ୍ଧା ସରପଞ୍ଚ ସଂଜୀବ ବେହେରା ପ୍ରମୁଖ ଆଜି ପଞ୍ଚାୟତ ବୁଲି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପଞ୍ଚାୟତର ତଳିଆ ଅଞ୍ଚଳ ତଳଗୋପ, ଖଟୁଆସାହି, ମିରିପୁର ଠାରେ ସାଳନ୍ଦୀ ନଦୀର ବନ୍ୟା ଜଳ ପ୍ରଭାର ଅନୁଧ୍ୟାନ କରିଛନ୍ତି। ସରପଞ୍ଚ ସଂଜୀବ ବେହେରାଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଖଟୁଆସାହି ଓ ମାଙ୍କଡ଼କୋଲା ରାସ୍ତାରେ ଘାଇ ସୃଷ୍ଟି ହୋଇଛି। ଜଳସେଚନ ବିଭାଗର ଯନ୍ତ୍ରୀମାନେ ଆଜି ଅପରାହ୍ନରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ବୋଡ଼କ ପଞ୍ଚାୟତର ନନ୍ଦୋର ଗ୍ରାମର ବିଲ ସବୁ ବୁଡ଼ିବାକୁ ଲାଗିଲାଣି। ବୋଡ଼କ ସମିତି ସଭ୍ୟ ଜୟପ୍ରକାଶ ମଳିକଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନିଶ୍ଚନ୍ତା, ଜେନା ସାହି, ଗୁହାଳଡିହ ଗ୍ରାମକୁ ବନ୍ୟା ଜଳ ସ୍ପର୍ଶ କରିସାରିଛି। ଆଜି ରାତିସୁଦ୍ଧା ସ୍ଥିତି କ'ଣ ହେବ ସେ ନେଇ କେହି କିଛି କହିପାରୁନାହାନ୍ତି। ନରସିଂହପୁର ଠାରେ ନାଳିଆ ନଦୀର ପୋଲ ଭାଙ୍ଗିଯିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ବୋଡ଼କ ପଞ୍ଚାୟତର ରେବ ନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଛି।

# ସାଳନ୍ଦୀ ନଦୀର ବନ୍ୟାଞ୍ଚଳ ପରିଦର୍ଶନ କଲେ ବିଧାୟକ ଓ ଶୁଖିଲା ଖାଦ୍ୟ ପ୍ରଦାନ କଲେ

ଭଦ୍ରକ : ଲଗାଣ ବର୍ଷା ଯୋଗୁଁ ସାଳନ୍ଦୀ ନଦୀରେ ବନ୍ୟା ବିପଦ ସଂକେତ ଉର୍ଦ୍ଧରେ ପ୍ରବାହିତ ହୋଇଛି ବନ୍ୟା ର ପ୍ରଭାବ ରେ ଭଦ୍ରକ ଅଞ୍ଚଳର ବହୁ ଜନଜୀବନ ଜଳମଗ୍ନ ହୋଇଛି ବିଶେଷ କରି ତଳିଆ ଅଂଚଳ ଅତ୍ୟନ୍ତ ଭାବେ ପ୍ରଭାବିତ ହୋଇଛି।ଭଦ୍ରକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଣ୍ଡତଡ଼ା,ବେନ୍ତାଳ, ଅର୍ଣ୍ଣପାଳ ଆଦି ପଞ୍ଚାୟତ ର ତଳ ଅଂଚଳ ଜଳମଗ୍ନ ହେବା ସହିତ ପୌରପାଳିକା ୱାର୍ଡ଼ ନମ୍ବର ୨୮,୨୯ ଓ ୩୦ ଠାରେ ବନ୍ୟାଜଳ ପ୍ରବେଶ କରି ଜନବସତି ପ୍ରଭାବିତ ହୋଇଛି ବିଧାୟକ



ସୀତାଂଶୁ ଶେଖର ମହାପାତ୍ର ବିଭିନ୍ନ ବନ୍ୟା ଅଞ୍ଚଳପରିଦର୍ଶନ. କରିଛନ୍ତି ବିଧାୟକ ଶ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀ ମାନଙ୍କ ସହ ବନ୍ୟା ପ୍ରିପୀଡ଼ିତ ଅଂଚଳ ବୁଲି ଦେଖିବା ସହ ଜଳବନ୍ଦୀ ହୋଇ ରହିଥିବା ପରିବାର ବର୍ଗଙ୍କ ପାଇଁ ଶୁଖିଲା ଓ ରନ୍ଧା ଖାଦ୍ୟ,ପାନୀୟ ଜଳ ଯୋଗାଣ,ଗୃହ ପାଳିତ ପଶୁ ମାନଙ୍କ ପାଇଁ ଚାରା, ଦାନା ର ସହାୟତା ଯୋଗାଇ ଦେଇଛନ୍ତି ଓ ଯେଉଁଠି ବନ୍ୟା ଜଳ ପ୍ରବେଶ କରିଛି କିପରି ନିଷ୍କାସନ ହୋଇପାରିବ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଜଳେଶ୍ୱର ବ୍ଲକ ତରଫରୁ ହିତାଧକାରୀ ମାନଙ୍କୁ ଭିନ୍ନକ୍ଷମ ସାଇକେଲ ପ୍ରଦାନ



ଜଳେଶ୍ୱର :ଜଳେଶ୍ୱର ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଥିବା ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ମାନଙ୍କୁ ଜଳେଶ୍ୱର ବ୍ଲକ ତରଫରୁ ଟ୍ରାୟ ସାଇକେଲ ପ୍ରଦାନ କରାଯାଇଛି ।ଶ୍ରୀରାମପୁର ପଂଚାୟତର ଶ୍ରୀରାମପୁର ଗ୍ରାମର ବେଣୁଧର ମଲ୍ଲିକ (୭୮), ସୁଭଦ୍ରା ମଲ୍ଲିକ (୭୨), କୋଟସାହି ପଂଚାୟତର ବାସୁଦେବ ବେହେରା (୭୬), ପାଇକସିଦା ପଂଚାୟତର ବାସନ୍ତୀ ମହାନ୍ତି(୭୫)ଙ୍କୁ ଏହି ଟ୍ରାୟ ସାଇକେଲ ପ୍ରଦାନ କରାଯାଇଛି । ବିଭିନ୍ନ ପଂଚାୟତରେ ବହୁ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ମହିଳା ଓ ପୁରୁଷ ମାନେ ଚାଲିବା ବୁଲିବାରେ ଅସୁବିଧାର ସମ୍ମୁଖୀନ ହେବା ସହିତ ଏହି ଟ୍ରାୟ ସାଇକେଲ ପାଇବା ପାଇଁ ଆବେଦନ କରିଥିଲେ ।ବୁଧବାର ଜଳେଶ୍ୱର ବ୍ଲକର ସାମାଜିକ ସୁରକ୍ଷା ଅଧିକାରିଣୀଙ୍କ ସଲିମା ରାଉତ ଏହି ବୃଦ୍ଧବୃଦ୍ଧା ମାନଙ୍କୁ ଟ୍ରାୟ ସାଇକେଲ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ପଞ୍ଚାୟତରେ ରହିଥିବା ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ କାରାଯାଇ ବିଭିନ୍ନ ଉପକରଣ ଯୋଗାଇ ଦିଆଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ସୂଚନା ଦେଇଛନ୍ତି।

# ରାଜନଗର ତହସିଲ ଅଚଳ: ଲୋକ ହନ୍ତସନ୍ତ

ରାଜନଗର, ୨୭: ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ମାଡ ମାରିବାର ପ୍ରତିଫଳନ ଆଜି ରାଜନଗର ତହସିଲରେ ଦେଖିବାକୁ ମିଳିଛି। ଓଏଏସ ଏବଂ ଓଆରଏସ ଅଧିକାରୀମାନେ ସମୂହ ଛୁଟିରେ ରହିବାରୁ ସ୍ଥାନୀୟ ତହସିଲ କାର୍ଯ୍ୟ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ତହସିଲଦାର ଓ ଅତିରିକ୍ତଙ୍କ କାର୍ଯ୍ୟାଳୟ ଫାଙ୍କା ପଡିଛି। ଲୋକମାନେ ଦୂରଦୁରାନ୍ତରୁ ଆସି ଫେରିଯାଉଛନ୍ତି। ସତ୍ୟପାଠ, ବିଭିନ୍ନ ସାଟିଫିକେଟ, ଜମିଜମା ସମ୍ପର୍କୀୟ କାଗଜାତ ଆଦି ପାଇଁ ଆସି ଫେରୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଥିବା

# ରାଜନଗର ପଚାଂୟତ ସମିତିର ଷଷ୍ଠ ସାଧାରଣ ବୈଠକ

ରାଜନଗର: ରାଜନଗର ବ୍ଲକ ପଚାଂୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ପଚାଂୟତ ସମିତି ଅଧକ୍ଷା ପ୍ରତିଭା ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ବିଡିଓ ଅନିରୁଦ୍ଧ ବେହେରା ଜାମ୍ମୁ-କାଶ୍ମିରୀରେ ପ୍ରାଣ ହରାଇଥିବା ପର୍ଯ୍ୟଟକ, ଗୁଜୁରାଟରେ ଉଡାଜାହାଜ ଜଳିଯାଇ ଶତାଧିକ ଯାତ୍ରୀଙ୍କ ମୃତ୍ୟୁରେ ଶୋକ ପ୍ରସ୍ତାବ ଆଗତ କରିଥିଲେ । ସମିତି ସଭ୍ୟ ପ୍ରଶା'କୁମାର ରାଉତ ପୁରୀ ରଥଯାତ୍ରାରେ ତିନିଜଣ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଥିବା ନେଇ ଶୋକ ପ୍ରସ୍ତବ ଆଗତ କରିଥିଲେ । ଏହି ଅବସରରେ ସାଂସଦଙ୍କ ପ୍ରତିନିଧି ସ'ୋଷକୁମାର ମହାି ଏହି ବ୍ଲକ ଡେରା ଗ୍ରାମର ଦୁଇଝିଅ ଓ ତାଙ୍କ ସାଙ୍ଗ ବାଇକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ନେଇ ଶୋକ ପ୍ରସ୍ତବ ଆଗତ କରିଥିଲେ । ସେମାନଙ୍କର ଅମର ଆତ୍ମାର ସଦ୍‌ଗତି ନିମର୍ ୧ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ବିଧାୟକ ଧ୍ରୁବ ସାହୁ ତାଙ୍କ ପାଣ୍ଠିରୁ ଦିଆଯାଇଥିବା ପ୍ରକଳ୍ପଗୁଡିକ ସଂପର୍କରେ ପଚାଂୟତ ସମିତିକୁ ଅବଗତ କରାଇଥିଲେ । ବିକଶିତ ଗାଁ ବିକଶିତ ଓଡିଶା ପାଇଁ ଆସିଥିବା ଅନୁଦାନ କିଭଳି ବିନିଯୋଗ କରାଯିବା ସେ ନେଇ ଆଲୋଚନା ହୋଇଥିଲା । ରାସ୍ତାଘାଟ, ସ୍ୱାସ୍ଥ୍ୟ, ପାନୀୟଜଳ, ଶିକ୍ଷା, ବିଦ୍ୟୁତ ଯୋଗାଣ ସଂପର୍କରେ ଆଲୋଚନା କରାଯାଇଥିଲା । ପଚାଂୟତ ସମିତି ଉପାଧକ୍ଷ ଗଣେଷଚନ୍ଦ୍ର ଗୁଡିଆଙ୍କ ସହ ସରଂପଚ, ସମିତି ସଭ୍ୟ, ସରକାରୀ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ସଂପାଦକୀୟ

# ସିଭିକ୍ ସେନ୍ସର ଅଭାବ

କିଛିଦିନ ତଳର ଏକ କୌଣସି ପୁରୁଣା ଲେଖାଟି କଥା ମନେପଡୁଥିବାବେଳେ ସେଥିରେ ଯାହା ଉଲ୍ଲେଖ ରହିଥିଲା 'ଆଗରୁ ବିଦେଶୀମାନେ କହୁଥିଲେ, ଏବେ ଭାରତୀୟମାନେ ମଧ୍ୟ ଅନୁଭବ କଲେଣି ଆମ ଲୋକଙ୍କ ଭିତରେ ସିଭିକ୍ ସେନ୍ସର ଅଭାବ ରହିଛି। ସ୍ୱାସ୍ଥ୍ୟ ଏବଂ ପରିମଳକୁ ନେଇ ଆମ ଦେଶରେ ସଚେତନତାର ଅଭାବ ଅଛି। ଆଗରୁ ବିଦେଶୀ ଅଧ୍ୟୟନକାରୀମାନେ ଭାରତକୁ ଅପରିଷ୍କାର, ପଛୁଆ ଏବଂ ଦୁର୍ନୀତିଗ୍ରସ୍ତ ଦେଶ ବୋଲି କହୁଥିଲେ। ଏହି ସର୍ବେକ୍ଷଣ ଭାରତୀୟମାଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରୁଥିଲା, କିନ୍ତୁ ସେମାନେ ସଜାଗ ହେଉନଥିଲେ। ହେଲେ ଏବେ ଅନେକ ଜିନିଷ ନିଜକୁ ଖରାପ ଲାଗୁଛି। ଦେଶରେ ସହରୀକରଣ ବଢୁଛି। ମହାନଗରଗୁଡ଼ିକରେ ଲୋକସଂଖ୍ୟା ବଢ଼ିବାରେ ଲାଗିଛି। କାମ କରିବା ଏବଂ ରହିବା ଶୈଳୀ ବଦଳୁଛି। ସଡ଼କରେ ବିଦେଶୀ ଗାଡ଼ି ଛୁଟୁଛି। ମେଟ୍ରୋ ଟ୍ରେନ୍ ମଧ୍ୟ ଚାଲିଛି। ଧୀରେ ଧୀରେ ଅନୁଭବ ହେଉଛି ସହରର ଢ଼ାଞ୍ଚା ବଦଳୁଛି। ହେଲେ ଏହି ପରିବର୍ତ୍ତନ ସହ ତାଳ ଦେଇ ଆମ ଆଚରଣ ଏବଂ ବ୍ୟବହାର ବଦଳୁନି ବା ଉନ୍ନତ ହେଉନି। ଆଜିର ଧାଁ ଧଉଡ, କର୍ମବ୍ୟସ୍ତ ଜୀବନ ଭିତରେ ଲୋକମାନେ ସହରରେ ହାଉସିଂ ସୋସାଇଟି ବନାଉଛନ୍ତି, ନିଜକୁ ଆଧୁନିକ ପ୍ରତିପାଦିତ କରିବା ପାଇଁ ପ୍ରତିଯୋଗିତା ହେଉଛି। ହେଲେ ଘରର ଅଳିଆ ରାସ୍ତାରେ ପଡୁଛି। କେତେକ ସ୍ଥାନରେ ଆପାର୍ଟମେଣ୍ଟରେ ରହୁଥିବା ଲୋକେ ଘର ପୋଛି ମଇଳା ପାଣି ବାଲ୍‌କୋନିରୁ ରାସ୍ତାକୁ ଫିଙ୍ଗୁଛନ୍ତି, ପଡ଼ୋଶୀଙ୍କ ବିଷୟରେ ଚିନ୍ତା ନକରି ରାତିଅଧରେ ଉଚ୍ଚ ସ୍ୱରରେ ମ୍ୟୁଜିକ୍ ସିଷ୍ଟମ୍ ବଜାଉଛନ୍ତି। ଯେତେ ଶିକ୍ଷିତ ଲୋକ ହେଲେ ବି ରାସ୍ତାରେ ବରଯାତ୍ରୀ ନେବା ବେଳେ ରାସ୍ତା ମଝିରେ ନାଚଗୀତ ଚାଲୁଛି, ଘଣ୍ଟା ଘଣ୍ଟା ଧରି ଗାଡ଼ିମଟର ଅଟକି ରହୁଛି। ଅନ୍ୟ ଲୋକଙ୍କୁ ଯେ ଅସୁବିଧା ହେଉଛି ଏ ନେଇ ଚିନ୍ତା ନାହିଁ କାହାର। ରାସ୍ତା ଅବରୋଧ ହୋଇଯିବା ଦ୍ୱାରା ଟ୍ରାଫିକ ଭିଡ଼ ସୃଷ୍ଟି କରୁଛି, ଗହଳି ଭିତରେ ଆମ୍ବୁଲାନ୍ସ ଗାଡ଼ି ମଧ୍ୟ ଅଟକି ଯାଉଛି, କେତେକ ସ୍ଥାନରେ ଜଣେ ଜଣେ ଡାକ୍ତର ମଧ୍ୟ ଭିଡ଼ ଭିତରେ ଏପରି ଫସି ଯାଉଛନ୍ତି ଯେ ତାଙ୍କୁ ଅପେକ୍ଷା କରିଥିବା ରୋଗୀ ମାନଙ୍କ କଥା କେହି କେବେ ଚିନ୍ତା କରିନଥାନ୍ତି। ସହର ବଢୁଛି, ବିକାଶ ବି ବଢ଼ିବା ସ୍ୱାଭାବିକ। ସଡ଼କ ଚଉଡା ହେବାରେ ଲାଗିଛି, ଗାଡ଼ି ସଂଖ୍ୟା ବଢୁଛି, ହେଲେ ଗାଡ଼ିର ମାଲିକ ଲେନ୍ କିମ୍ବା ସ୍ପିଡ୍ ବିଷୟରେ ଚିନ୍ତା କରୁନାହାନ୍ତି। ସେମିତି ପଥଚାରୀମାନେ ମଧ୍ୟ ଭାବୁ ନାହାନ୍ତି ଟ୍ରାଫିକ୍‌ରେ ରସବୁଜ ଲାଇଟ୍ ଜଳିବା ବେଳେ ରାସ୍ତା ପାର କରୁଛନ୍ତି। ଆମ ଲୋକମାନଙ୍କୁ ମେଟ୍ରୋ ଟ୍ରେନ୍‌ର ସୁବିଧା ଦରକାର କିନ୍ତୁ ଏଥିରେ ଚଢ଼ିବା ପାଇଁ ଧାଡ଼ିରେ ଛିଡ଼ା ହେବା ବଦଳରେ ଜଣେ ଅନ୍ୟ ଜଣଙ୍କୁ ଧକ୍କା ଦେଇ ଆଗ ଚଢ଼ିବାକୁ ପ୍ରସ୍ତୁତ। ରାସ୍ତା କଡ଼ରେ ପରିସ୍ରା କରିବା, ଛେପ ପକାଇବା, ନାକ ପୋଛିବା, ଫଳଚୋପା, ଗୁଟଖା ପାଉଚ୍ ଆଦି ପକାଇବା ଖୁବ୍ ସାଧାରଣ କଥା। ଏ କ୍ଷେତ୍ରରେ ସରକାର ଓ ପ୍ରଶାସନକୁ ପୁଣି ସତର୍କତା ବା ଅନୁରୋଧମୂଳକ ସୂଚନା ଦେବାକୁ ଏବେ ବି ପଡୁଛି। ଦେଶର ପରିମଳ ବ୍ୟବସ୍ଥା ନେଇ ନିକଟରେ ଏକ ବିଦେଶୀ ଗଣମାଧ୍ୟମ ସଂସ୍ଥା ଯେଉଁ ସମାଲୋଚନାଟି ଉଠାଇଥିଲେ ଏହା ତରଫରୁ କର୍ତ୍ତୃପକ୍ଷଙ୍କ ଉତ୍ତରଟି ଥିଲା, ପରିମଳ ବ୍ୟବସ୍ଥାକୁ ନେଇ ଆମ ଦେଶରେ ଏବଂ ବିଦେଶରେ ମାପଦଣ୍ଡ ଭିନ୍ନ। ଭୌଗୋଳିକ ପରିବେଶରେ ଭିନ୍ନତା ଯୋଗୁଁ ଅବଶ୍ୟ ମାପଦଣ୍ଡରେ କିଛି ଭିନ୍ନତା ଥିବ। କିନ୍ତୁ ପ୍ରକୃତରେ ପରିମଳ, ଗମନାଗମନ ଏବଂ ନାଗରିକ ଜୀବନକୁ ନେଇ ଭାରତୀୟ ମାପଦଣ୍ଡ କ'ଣ ? ଏହାର ଉତ୍ତର ବୋଧହୁଏ କାହାପାଖରେ ନଥିବ। ସତ କହିବାକୁ ଗଲେ ପରିଷ୍କାର ପରିଚ୍ଛନ୍ନତା, ପରିବେଶ, ପରିମଳ ଆମ ସରକାରଙ୍କ ପାଇଁ କିମ୍ବା ଆମ ସମାଜ ପାଇଁ କୌଣସି ବଡ଼ ପ୍ରସଙ୍ଗ ନୁହେଁ। କାରଣ ଆମ ନେତାମାନେ ସାମାଜିକ ଜୀବନର ପ୍ରଶ୍ନକୁ ରାଷ୍ଟ୍ରୀୟତା ସହ ଯୋଡ଼ି ନାହାନ୍ତି। ଚଳିତ ନିର୍ବାଚନରେ ସବୁ ଦଳର ନିର୍ବାଚନ ଘୋଷଣାନାମା ବା ଇସ୍ତାହାର ସଂକଳ୍ପ ପତ୍ର ଦେଖନ୍ତୁ। ଆମେ ଆଲୋଚନା କରୁଥିବା ଉପରୋକ୍ତ ପ୍ରସଙ୍ଗ ଗୁଡ଼ିକୁ କେଉଁମାନେ ସେମାନଙ୍କ ଘୋଷଣା ସଂକଳ୍ପ ପତ୍ରରେ ଗ୍ରହଣ କରିଛନ୍ତି ? କିନ୍ତୁ ଅନେକ ବିକାଶଶୀଳ ଦେଶରେ ଏହା ଏକ ମୁଖ୍ୟ ପ୍ରସଙ୍ଗ। ଆମେ ଭିଏତ୍‌ନାମକୁ ଏହାର ଉଦାହରଣ ଭାବରେ ନେଇପାରିବା। ଭିଏତ୍‌ନାମର ଜନନାୟକ ହୋ ଚି ମିନ୍ ପରିମଳକୁ ରାଜନୈତିକ ଚେତନା ଏବଂ ଦେଶ ଭକ୍ତିର ଏକ ଅଭିନ୍ନ ଅଂଶରେ ପରିଣତ କରିଥିଲେ। ସେଥିପାଇଁ ସେ ରାସ୍ତା ଝାଡୁ କରିବା ପାଇଁ ବାହାରି ପଡୁଥିଲେ। ଭାରତରେ କେବଳ ଗାନ୍ଧୀ ଏହାକୁ ଅନୁଭବ କରିଥିଲେ। କିନ୍ତୁ ସେ ଉନ୍ନତ ନାଗରିକ ଜୀବନ ପ୍ରସଙ୍ଗକୁ ରାଜନୈତିକ ସ୍ୱାଧୀନତାର ସ୍ୱପ୍ନକୁ ଯୋଡ଼ିପାରି ନଥିଲେ। ଜାତୀୟ କଂଗ୍ରେସ ଏହି ପ୍ରସଙ୍ଗ ନେଇ ତାଙ୍କ ସହ ସହମତ ହୋଇନଥିଲା। ଏହି ପ୍ରସଙ୍ଗକୁ ସାମିଲ କରିବା ପାଇଁ କଂଗ୍ରେସର ଆଗ୍ରହ ମଧ୍ୟ ନଥିଲା ନେଇ ସେତେବେଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ଆଉ ଦଳର ଅଧିକାଂଶ ନେତା ଗାନ୍ଧିଜୀଙ୍କର ପରିମଳ ଆଗ୍ରହକୁ ତାଙ୍କର ନିଜସ୍ୱ ଆଗ୍ରହ ବୋଲି କହୁଥିଲେ। ନେହରୁ ମଧ୍ୟ ନାଗରିକ ଜୀବନ ପ୍ରସଙ୍ଗକୁ ଗୁରୁତ୍ୱ ଦେଉନଥିଲେ ବୋଲି ଏହା ଗଣମାଧ୍ୟମର ଶିରୋନାମା ମଧ୍ୟ ପାଲଟିଥିଲା। ପ୍ରକୃତରେ ତାଙ୍କୁ ଏବଂ ଅନ୍ୟ ନେତାମାନଙ୍କୁ ଲାଗୁଥିଲା, ସ୍ୱାଧୀନତା ପରେ ସବୁକିଛି ମନକୁ ମନ ଠିକ୍ ହୋଇଯିବ। ସେତେବେଳେ ସେମାନେ ବୁଝିପାରିନଥିଲେ ସ୍ୱାଧୀନତା ପରେ ରାଷ୍ଟ୍ରକୁ ଦୃଢ଼ ରଖିବା ନିମନ୍ତେ ଆମକୁ ଏକ ସଚେତନ ନାଗରିକ ସମାଜ ଆବଶ୍ୟକ ହେବ। ଆଉ କେତେକଙ୍କ ମତ ଭାରତ ପରି ଗରିବ ଦେଶ ପାଇଁ କ୍ଷୁଧା ନିବାରଣ ସବୁଠାରୁ ବଡ଼ ପ୍ରସଙ୍ଗ। ପରିମଳ ଏବଂ ନାଗରିକ ଜୀବନ ଢ଼େର୍ ପଛରେ। ତେଣୁ ସ୍ୱାଧୀନତା ପରେ ମଧ୍ୟ ବାମପନ୍ଥୀମାନେ କିମ୍ବା ଅନ୍ୟ କୌଣସି ନୀତିବାଦୀମାନେ ଏହାକୁ ଜନଆନ୍ଦୋଳନର ପ୍ରସଙ୍ଗ କରିନଥିଲେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ସରକାରଙ୍କ ସହ ଅସହଯୋଗ ଏବଂ ଆଇନଭଙ୍ଗକୁ ନେତାମାନେ ଏକ ହତିଆର ଭାବେ ବ୍ୟବହାର କରୁଥିଲେ । ସ୍ୱାଧୀନତା ଲାଭ କରିବା ପରେ ମଧ୍ୟ ଲୋକମାନଙ୍କ ମନରୁ ଏହାର ସ୍ମୃତି ଲିଭି ପାରିନି । ସରକାରଙ୍କ ପ୍ରତି ସେହି ଅସହଯୋଗ ଭାବନା ଏବେ ବି ରହିଛି । ଅନେକ କ୍ଷେତ୍ରର ଘଟଣାକୁ ଅନୁଭବକରି ଜଣେ ବୁଦ୍ଧିଜୀବୀ ପ୍ରଶ୍ନ କରିଥିଲେ ଯେ ସରକାରଙ୍କୁ ନିଜର ଶତ୍ରୁ ଭାବରେ ଦେଖିବାର ମନୋଭାବ ଏବେ ବି ଲୋକଙ୍କ ଭିତରେ ରହିଛି । ନିୟମର ଉଲ୍ଲଂଘନ କୌଣସି ନା କୌଣସି ରୂପରେ ଏହି ମନୋଭାବର ଅଭିବ୍ୟକ୍ତି । ଆମ ଦେଶରେ କୌଣସି ଦାବି ପୂରଣ ପାଇଁ ସର୍ବପ୍ରଥମେ ରାସ୍ତା ବନ୍ଦ କରି ଧର୍ମଘଟ କରାଯାଏ । ଏଥିରେ ସାଧାରଣ ଲୋକଙ୍କର ଯାତାୟାତରେ ଅସୁବିଧା ହୁଏ । ଏହାପରେ ସେମାନେ ସାର୍ବଜନୀନ ସମ୍ପତ୍ତି ଉପରେ ଆକ୍ରମଣ କରନ୍ତି । ଦୁର୍ଭାଗ୍ୟବଶତଃ ସରକାରୀ ଅନୁଷ୍ଠାନମାନେ ମଧ୍ୟ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରି ନାହାନ୍ତି ଏ ପର୍ଯ୍ୟନ୍ତ । ଏହି କାରଣରୁ ସେମାନଙ୍କୁ ଜନସହଯୋଗ ମିଳିପାରି ନାହିଁ । ସନ୍ତୁଳିତ ନାଗରିକ ଜୀବନ ପାଇଁ ନାଗରିକମାନଙ୍କ ମଧ୍ୟରେ ସମାନତା ଭାବ ଆସିବା ଖୁବ୍ ଜରୁରୀ । କିନ୍ତୁ ଭାରତରେ ଯେପରି ଭାବରେ ଜାତି, ଧର୍ମ, ଅଞ୍ଚଳକୁ ନେଇ ରାଜନୀତି ହେଉଛି, ତା'ଦ୍ୱାରା ଲୋକଙ୍କ ମନରେ ସହଯୋଗ ପ୍ରବୃତ୍ତି ବୃଦ୍ଧି ପାଉନି । ଏହା ବ୍ୟତୀତ ଆର୍ଥିକ ଏବଂ ଶିକ୍ଷାକ୍ଷେତ୍ରରେ ଅସନ୍ତୁଳନ ରହିଛି । ସହରରେ ରହୁଥିବା ଲୋକେ ନିଜ ସହ ଗାଁ ସ୍ମୃତି ନେଇ ଆସିଥାନ୍ତି, ଯାହା ସେମାନଙ୍କ ଅବଚେତନ ମନରେ ବସାବାନ୍ଧି ରହିଥାଏ । ସେମାନେ ସବୁବେଳେ ସହରକୁ ଗାଁ ସହ ତୁଳନା କରନ୍ତି । ଗାଁରେ ସହର ପରି ପରିମଳ ଏବଂ ଟ୍ରାଫିକ୍ ସମସ୍ୟା ନଥାଏ । ତେଣୁ ସହରର ମାପଦଣ୍ଡକୁ ସେମାନେ ମାନସିକ ଭାବରେ ଗ୍ରହଣ କରିପାରନ୍ତିନି । ଆମ ଦେଶରେ ବିକାଶର ଯେଉଁ ମଡ଼େଲ ଅଛି, ତାହାର ମୁଖ୍ୟ ଅଂଶ ସହରୀକରଣ । ତେବେ କେବଳ ଚଉଡ଼ା ରାସ୍ତା କିମ୍ବା ଉଚ୍ଚ ଅଟ୍ଟାଳିକା ତିଆରି କରିଦେଲେ ସହର ହୋଇଯାଏନି । ସହରୀକରଣ ପାଇଁ ନାଗରିକମାନଙ୍କୁ ମାନସିକ ଭାବରେ ପ୍ରସ୍ତୁତ କରିବାକୁ ହୁଏ । ମୁଖ୍ୟ ଆମ ଆଲୋଚନାଟି ହେଉଛି ଭଲ ହେବା ଆଉ ଭଲ କାମ କରିବା ଏହା ଏକ ଜୀବନଧର୍ମୀ ଆଉ ଗଠନମୂଳକ ଜୀବନ ଚେତନା। ଭଲ ହେବାଟି ପାଇଁ କେଉଁ ବଂଶ ପରମ୍ପରାର ବାଧ୍ୟବାଧକତା ବା ଧର୍ଣ୍ଣାଢ଼୍ୟ, ପ୍ରଭାବଶାଳୀ, ବାହୁବଳୀ ବ୍ୟକ୍ତିତ୍ୱ ଆବଶ୍ୟକ ପଡ଼ିନଥାଏ। ନିଜକୁ ସବୁବେଳେ ନିଜ ଭିତରକୁ ପଚାରି କାର୍ଯ୍ୟ କରିଚାଲିଲେ ଏହା ହିଁ ଆମ ସମସ୍ତଙ୍କ ପାଇଁ ଏକ ଭଲ ମାନସିକତା ସୃଷ୍ଟି କରିପାରିବ। ନିଜ ଜୀବନଚର୍ଯ୍ୟାଟି ଠିକ ରଖିବା, ଘର ପରିବାର ସଂସାର ପାଇଁ ସଠିକ ସମୟ ଦେବା, ସରକାରଙ୍କ ରାଜସ୍ୱ ଉପଯୁକ୍ତ ସମୟରେ ଭରଣା ସହ ନିଜ ଅଧିକାର ଆଉ କର୍ତ୍ତବ୍ୟ ପ୍ରତି ସଚେତନ ରହିଲେ ଭଲ ହେବା ଆଦୌ ଏକ ଆଶ୍ଚର୍ଯ୍ୟକର ଅନୁଭବ ଯେ ନୁହେଁ ଏହା ଆପଣ ବେଶ ଭଲ ଭାବେ ବୁଝି ପାରିବେ।

# ପବିତ୍ର ହେରାପଞ୍ଚମୀ




**ଶ୍ରୀ ବିଶ୍ୱ ରଞ୍ଜନ ସାହୁ**
**କୁଏତ**

ରଥଯାତ୍ରା ପାଳନ ଅବସରରେ ହେରା ପଞ୍ଚମୀ ଉତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ସାଧାଣତଃ ରଥଯାତ୍ରାଠାରୁ ପଞ୍ଚମୀ ଦିବସରେ ଅର୍ଥାତ ଆଷାଢ଼ ଶୁକ୍ଳ ଷଷ୍ଠୀ ଦିନ ହେରା ପଞ୍ଚମୀ ଉତ୍ସବ ପାଳିତ ହୋଇଥାଏ। ଯାତ୍ରା ଭାଗବତରେ କୁହାଯାଇଛି - ତତୋ ଗୁଣ୍ଡିଚାନନ୍ତରଂ ପଞ୍ଚମ ଦିବସେ ହେରା ପଞ୍ଚମୀ ଭବତି । ତେବେ ହେରା ପଞ୍ଚମୀ ନୀତି ସମ୍ପର୍କରେ ବାମଦେବ ସଂହିତରେ ବିଶେଷ ଭାବେ ବର୍ଣ୍ଣନା ହୋଇଥିବା ଜଣାଯାଏ ।

ଏହିପରି ୭ ଜଣ ରାଜା ଭାନୁ ବାସୁଦେବ ନାମରେ ରାଜୁତି କରିବା ପରେ କପିଳେଶ୍ୱର ଦେବ ହେରା ଯାତ୍ରାରେ ବିଧାନକୁ ଆଟୋପରେ କରାଇଲେ । ପୂର୍ବରୁ ମନ୍ତ୍ର ବାକ୍ୟରେ ଲକ୍ଷ୍ମୀ ନାରୟଣ ବନ୍ଦାପନା କରାଯାଉଥିଲା। ଯାତ୍ରାର ୫ମ ଦିବସରେ କପିଳେଶ୍ୱର ସୁବର୍ଣ୍ଣ ଲକ୍ଷ୍ମୀ ଗଢ଼ାଇ ହେରା ଗୋହିରୀ ବସାଇ ଆଡ଼ମ୍ବରରେ ପଞ୍ଚ ପାଣ୍ଡବଙ୍କୁ ନେଇ ହେରା ପଞ୍ଚମୀ କଲେ । ହେରା ପଞ୍ଚମୀ ଯାତ୍ରା ସମ୍ପର୍କରେ ଏକ ସୁନ୍ଦର ଜନଶୃତି ବା ଆଖ୍ୟାୟିକା ରହିଛି। ତାହା ହେଲା, ଜଗନ୍ନାଥ ତାଙ୍କର ଭ୍ରାତା ଓ ଭଗିନୀଙ୍କ ସହ ରଥରେ ଗୁଣ୍ଡିଚା ଘରକୁ ଯାତ୍ରା କରିବା ଫଳରେ ପତି ବିରହ ବିଧୁରା ଲକ୍ଷ୍ମୀ ଠାକୁରାଣୀ ସ୍ୱକୀୟ ବିରହ ବ୍ୟଥା ଭଗିନୀକଳ୍ପା ବିମଳାଦେବୀଙ୍କ ପାଖରେ ବର୍ଣ୍ଣନା କରି ପ୍ରତିକାରର ପରାମର୍ଶ ଚାହିଁଥିଲେ। ଏହି ବିଷୟ ବାମଦେବ ସଂହିତାରେ ବର୍ଣ୍ଣନା ହୋଇଛି। ବିମଳାଦେବୀ ଲକ୍ଷ୍ମୀଙ୍କୁ ସାନ୍ତ୍ୱନା ବାକ୍ୟରେ ବୁଝାଇ କହିଥିଲେ ଯେ, ସ୍ୱାମୀ ଯଦି କେବେ ବିବେକ ଶୂନ୍ୟ ହୋଇ ଅକରଣୀୟକୁ କରଣୀୟ ବୋଲି ମନେ କରନ୍ତି, ତେବେ ତାଙ୍କୁ ଉଚ୍ଚାଟିତ କରିବାକୁ ପଡିଥାଏ। ତେଣୁ ତୁମ ମୋହଚୂର୍ଣ୍ଣ ନେଇ ସ୍ୱାମୀଙ୍କ ନିକଟକୁ ଯାତ୍ରା କରିବା ଉଚିତ୍ । ଏହି ମରାମର୍ଶ ଦେବାରୁ ଶ୍ରୀଗୁଣ୍ଡିଚାର ପଞ୍ଚମ ଦିବସରେ ଲକ୍ଷ୍ମୀ ଠାକୁରାଣୀ ଗୁଣ୍ଡିଚା ମନ୍ଦିରକୁ ଯାଇଥିଲେ । ଲକ୍ଷ୍ମୀ ଶ୍ରୀମନ୍ଦିରରୁ ଶ୍ରୀଜୀଉଙ୍କର ଦର୍ଶନ ନିମନ୍ତେ ଗୁପ୍ତରେ ଯାଇ ଏକାନ୍ତରେ ଦର୍ଶନ କରି ମୋହାଞ୍ଜନରେ ପ୍ରଭୁଙ୍କୁ ମୁଗ୍ଧ କରିଥିବାରୁ ପରେ ପ୍ରତ୍ୟାଗମନ ପାଇଁ ରଥ ଦକ୍ଷିଣାଭିମୁଖ କରାଯିବା ନିମନ୍ତେ ଆଦେଶ ଦିଆଗଲା । ଯାହା ଫଳରେ କି ହେରା ପଞ୍ଚମୀର ପ୍ରରଦିନ ପ୍ରଭୁଙ୍କର ଆଜ୍ଞାମାଳ ଦିଆଯାଇ ରଥ ଦକ୍ଷିଣମୋଡ଼ ହୋଇଥାଏ। ଶ୍ରୀଜଗନ୍ନାଥ ମନ୍ଦିରର ସ୍ୱତ୍ୱଲିପିରେ ହୋଇଥିବା ଉଲ୍ଲେଖ ପ୍ରକାରେ ହେରା ପଞ୍ଚମୀ ଦିନ ଶ୍ରୀମନ୍ଦିରର ଭଣ୍ଡାର ଘରେ ବିଜେ ହୋଇଥିବା ଲକ୍ଷ୍ମୀ ଠାକୁରାଣୀଙ୍କୁ ପାଳିଆ ମହାଜନ ସେବକମାନେ ମାଜଣା କରନ୍ତି। ଏହା ପରେ ବନକ ଲାଗି, ପାଟ ଶାଢ଼ୀ, ଅଳାଙ୍କାର ଇତ୍ୟାଦି ଲାଗି ହୋଇ ବେଶ ବଢ଼ିବା ପରେ ପୂଜାପଣ୍ଡା ସେବକଙ୍କଦ୍ୱାରା ପନ୍ତି ଭୋଗ ହୋଇଥାଏ। ତପୃରେ ବଟବୃକ୍ଷ ତଳେ ରହିଥିବା ବିମାନକୁ ଲକ୍ଷ୍ମୀ ବିଜେ କରିଥାନ୍ତି। ବିମାନବଡୁ ସେବକମାନେ ବିମାନକୁ ଧାରଣ କରି ଘଣ୍ଟ, କାହାଳି, ଛତା ସହ ସିଂହଦ୍ୱାର ଦେଇ ବଡ଼ଦାଣ୍ଡରେ ନେଇ ଗୁଣ୍ଡିଚା ଘର ସମ୍ମୁଖସ୍ଥ ଜଗନ୍ନାଥ ମହାପ୍ରଭୁଙ୍କ ରଥ ପାଶରେ ରଖିଥାନ୍ତି। ଏଠାରେ ପତିମହାପାତ୍ର ପ୍ରସାଦ ଲାଗି, ବନ୍ଦାପନା, ଚାମର ଆଲଟ,ଘସା ବିଡିଆ ଓ ହଦି ପଟି ମଣୋହି କରନ୍ତି। ଏ ସମୟ ମଧ୍ୟରେ ଗୁଣ୍ଡିଚା ଘରେ ଠାକୁରମାନଙ୍କର ମଧ୍ୟାହ୍ନ ଧୂପ ସରି ଶାଢ଼ୀ ଲାଗି ହୋଇ ଆଳତି ବଢ଼ିଥାଏ। ଆଳତି ପରେ ଜଗନ୍ନାଥ ମହାପ୍ରଭୁଙ୍କ ବାଡ଼ରେ ପଞ୍ଚାମୃତ ମହାସ୍ନାନ ଓ ତିନି ବାଡ଼ରେ ସର୍ବାଙ୍ଗ ହୋଇ ବେଶ ବଢେ। ତପୃରେ ସନ୍ଧ୍ୟା ଧୂପ ଉଠି ପୂଜା ବସିଥିବା ସମୟେ ମହାଲକ୍ଷ୍ମୀ ରଥ ପାଖରେ ନୀତି ବଢ଼ାଇ ଜଗମୋହନର ଜୟବିଜୟ ଦ୍ୱାରଠାକୁ ଆସିଥାନ୍ତି। ଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆସି ଲକ୍ଷ୍ମୀଙ୍କୁ ଦିଆଯିବା ପରେ ପୂଜା ବଢ଼ି ଧୂପ ଦୀପ ଦିଆଯାଇ ଟେରା ପଡେ । ଏହା ପରେ ଲକ୍ଷ୍ମୀଙ୍କ ବିମାନ ଜଗମୋହନରୁ ନାକଚଣା ଦୁଆର ପାଖରେ ରହିଥାଏ। ସେଠାରେ ଭିତରଛ ମହାପାତ୍ର ଗରାବଡୁ ସେବକଙ୍କଠାରୁ ହାତୁଆଣି ନେଇ ବନ୍ଦାପନା ଓ ଦହି ପଟି ମଣୋହି କରନ୍ତି। ଉପରୋକ୍ତ ନୀତି ଶେଷ ହେବାପରେ ଲକ୍ଷ୍ମୀଙ୍କ ବିମାନ ଜଗନ୍ନାଥଙ୍କ ରଥ ପାଖକୁ ନିଆଯାଇ ରଥ କାଠ ଖଣ୍ଡିଏ ଭାଙ୍ଗି ଦିଆଯିବା ପରେ ହେରା ଗୋହିରୀ ସାହି ବାଟେ ଲକ୍ଷ୍ମୀଙ୍କୁ ବଡ଼ ଦେଉଳକୁ ବାହୁଡା ବିଜେରେ ଅଣାଯାଏ। ଉଭୟ ଆସିବା ଓ ବାହୁଡା ବିଜେ ସମୟରେ ଲକ୍ଷ୍ମୀ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ମଠ, ସେବକ, ଜାଗା, ଆଖଡ଼ା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ତରଫରୁ ବଡ଼ଦାଣ୍ଡ, ହେରାଗୋହିରୀ ସାହି ଓ ମଠ ବିଜେ ସ୍ଥଳୀଠାରେ ପନ୍ତି ଭୋଗ କରାଯାଇଥାଏ।

ଓଁ ଶ୍ରୀ ଲକ୍ଷ୍ମୀ ଜଗନ୍ନାଥାଭ୍ୟାମ୍ ନମଃ

# ମୁକ୍ତିର ସ୍ୱାଦ - ମୃତ୍ୟୁର ମୁକ୍ତି

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ମୁକ୍ତି ହେଉଛି ମନୁଷ୍ୟର ଜନ୍ମଗତ ଅଧିକାର । ମୁକ୍ତି ହେଉଛି ସତ୍-ଚିତ୍-ଆନନ୍ଦ । ମୁକ୍ତି ହେଉଛି ଅମରତ୍ୱ । ମୁକ୍ତି ହେଉଛି ଜ୍ଞାନ, ଶାନ୍ତି ଓ ଆନନ୍ଦର ସମନ୍ୱୟ । ସଚେତନ ବା ଅଚେତନ ଅବସ୍ଥାରେ କିମ୍ବା ଜ୍ଞାତରେ ବା ଅଜ୍ଞାତରେ ପ୍ରତ୍ୟେକ ବ୍ୟକ୍ତି ଏହି ମୁକ୍ତି ଲାଭ ପାଇଁ ସତତ ପ୍ରଚେଷ୍ଟମାନ । ମୁକ୍ତି ପାଇଁ ଜାତି ଜାତି ମଧ୍ୟରେ ଯୁଦ୍ଧ ଲାଗିଛି । ମଣିଷର ପ୍ରତ୍ୟେକ ପଦକ୍ଷେପ ମୁକ୍ତି ବା ସତ୍-ଚିତ୍-ଆନନ୍ଦ ଆଡ଼କୁ ହିଁ ହୋଇଥାଏ । ଜନୈକ ଭକ୍ତ କଥା ପ୍ରସଙ୍ଗରେ ଜାଣିବାକୁ ଚାହିଁଲେ - ମୁକ୍ତି କାହାକୁ କୁହନ୍ତି ? ମୁକ୍ତି ଆସିଥାଏ କିପରି ? ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନକୂଳଚନ୍ଦ୍ର ତାଙ୍କର ସ୍ୱଭାବ ସୁଲଭ ଭଙ୍ଗୀରେ କହିଲେ - ମୁକ୍ତି କହିଲେ ବୁଝିବାକୁ ହେବ ପ୍ରବୃତ୍ତି ପରାୟଣତାରୁ ମୁକ୍ତି, ସ୍ୱାର୍ଥପର କାମନା କଳୁଷ ଠାରୁ ମୁକ୍ତି । ଏହି ଦୃଷ୍ଟିକୋଣରୁ ଯିଏ ଯେତେ ପରିମାଣରେ ମୁକ୍ତ, ତାହାର ଜୀବନ ସେତେ ପରିମାଣରେ ଦୀପ୍ତ ଓ ବ୍ୟାପ୍ତ । ଏହା ନହୋଇ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଜଣକର ଜୀବନ ଯେତେ ଉଜ୍ଜ୍ୱଳ ଦେଖା ଯାଉନା କାହିଁକି ସେହି ଜ୍ୟୋତି ମଧ୍ୟରେ ରହିଥାଏ ଏକ ଅଦୃଶ୍ୟ କାଳିମା । ତେଣୁ ଜୀବର ସତ୍ତାକୁ ତାହା ସନ୍ଦୀପିତ ଓ ସମୁନ୍ନତ କରିପାରେ ନାହିଁ । ଭକ୍ତି ହିଁ ମୁକ୍ତିର ପଥ । ପ୍ରବୃତ୍ତିଗୁଡ଼ିକୁ ସମ୍ୟକ୍ ଭାବରେ ଇଷ୍ଟ ପ୍ରତିଷ୍ଠାପନ୍ନ ବା ଗୁରୁକୈନ୍ଦ୍ରିକ କରି ତୋଳିବା ହିଁ ମୁକ୍ତିର ତାତ୍ପର୍ଯ୍ୟ । ଏହି ଅବଦାନ ଯାହାର ଯେପରି ତାର ବିବର୍ତ୍ତନ ସ୍ତର ମଧ୍ୟ ସେହିପରି । ମୁକ୍ତି ସଙ୍ଗେ ମୃତ୍ୟୁର କୌଣସି ସମ୍ପର୍କ ନାହିଁ, ବରଂ ସମ୍ପର୍କ ରହିଛି ଜୀବନର ଓ ମୃତ୍ୟୁ ମଧ୍ୟ ଅବଲୁପ୍ତ ହେଇପାରେ ସ୍ମୃତିବାହୀ ଚେତନାର ଜାଗରଣ ମାଧ୍ୟମରେ ।

ପ୍ରବୃତ୍ତି ରହିଲେ ମଧ୍ୟ ବଞ୍ଚିବା ଓ ବଢ଼ିବା ବିକ୍ଷୁବ୍ଧ ହେଉ ତାହା ଆମେ ଚାହୁଁନା । ରସଗୋଲା ଖାଇବାକୁ ଚାହୁଁ କିନ୍ତୁ ଖାଇ ଅସୁସ୍ଥ ହେବାକୁ ଚାହୁଁନା, ଅସ୍ୱସ୍ତିବୋଧ କରିବାକୁ ଚାହୁଁନ । ଅସ୍ୱସ୍ତି ଠାରୁ ମୁକ୍ତି ପାଇବାକୁ ଚାହୁଁ । ରସଗୋଲା ସତ୍ତାଟାକୁ କମ୍ପିତ କରିଦିଏ - ତାହା ଚାହୁଁନା । ସ୍ତ୍ରୀ-ପିଲା, ବ୍ୟବସାୟ-ବାଣିଜ୍ୟ କିଛି ବି ଛାଡ଼ିବାକୁ ହେବ ନାହିଁ । ଏହା ଭିତର ଦେଇ ଧର୍ମ ଉପାର୍ଜ୍ଜନ କରିବାକୁ ହେବ । ଦରକାର ଇଷ୍ଟାନୁଗ-ଆତ୍ମ-ନିୟନ୍ତ୍ରଣ । ପ୍ରବୃତ୍ତି ଉପରେ ଆଧିପତ୍ୟ ନ ରହିଲେ ବ୍ୟକ୍ତିତ୍ୱ ବିଛିନ୍ନ ହୋଇଯାଏ । ସେତେବେଳେ ତୁମେ କାମନାର, ତୁମେ ନା କ୍ରୋଧର, ତୁମେ ଲୋଭର, ତୁମେ ମଦର, ତୁମେ ମୋହର, ତୁମେ ମାତ୍ସର୍ଯ୍ୟର ହୋଇଥାଅ । ସଂସାରର ପ୍ରତିଟି କର୍ମରେ ଇଷ୍ଟ ପୂଜା ଫୁଟି ଉଠିଲା ନାହିଁ, ସେଠି କିନ୍ତୁ ଧର୍ମ ହେଲା ନାହିଁ । ପରିବେଶ ସହ ନିଜର ସତ୍ତା - ସମ୍ବର୍ଦ୍ଧନାକୁ ଧରି ରଖେ ଯାହା ତାକୁ ହିଁ ଧର୍ମ କୁହାଯାଏ । ପୂଜା କରିବା ଭଲ, ଧର୍ମର ଅଭିନୟ କରିବା ବି ଭଲ, କିନ୍ତୁ ଧର୍ମକୁ କର୍ମ ଭିତର ଦେଇ ପରିପାଳନ କରିବାକୁ ହେବ ନଚେତ ତାହା ସାର୍ଥକ ହୋଇ ଉଠିବ ନାହିଁ । ସେହି ଭଦ୍ରଲୋକ ପୁନରାୟ କହିଲେ - ଶାସ୍ତ୍ରରେ ଅଛି - 'ହରେର୍ନାମ, ହରେର୍ନାମ ହରେର୍ନାମୈବ କେବଳମ୍ । କଳ୍କି ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ଭଗବାନଙ୍କର ନାମ ସଦ୍‌ଗୁରୁଙ୍କ ପାଖରୁ ପାଇ ସାଧନା କରିବାକୁ ହୁଏ । ସଦ୍‌ଗୁରୁଙ୍କ ପ୍ରତି ଅନୁରାଗ ରଖି ସଂସାରର ସମସ୍ତ କାର୍ଯ୍ୟ ମଧ୍ୟରେ ଯଦି ଧର୍ମକୁ ମୂର୍ତ୍ତ କରି ତୋଳି ନ ପାରିଲୁ, ତେବେ କ'ଣ ହେଲା ? ଗାର୍ହସ୍ଥ୍ୟ - ଆଶ୍ରମରେ ଯେଉଁଟା ହୁଏ, ସେହିଟା ପକ୍କା ପୋକ୍ତ ହୁଏ, ଶକ୍ତ ହୁଏ । ଜଟାଜୁଟ ଧରି ସନ୍ନ୍ୟାସୀ ସାଜି ଚିମୁଟା ନେଇ ବାହାରିଗଲି ଧର୍ମ ସାଧନାରେ, ସେଥିରେ ପ୍ରବୃତ୍ତିର କ'ଣ ହେଲା ? ପ୍ରବୃତ୍ତି-ନିୟନ୍ତ୍ରଣ ହିଁ ତ ଅସଲ କଥା । ତା'ର କ'ଣ ହେଲା ? ମନରେ ରଖିଲି ମୁଁ ଜଣେ ଖୁବ୍ ବଡ଼ ସନ୍ନ୍ୟାସୀ । ସଂସାରର ଘାତ-ପ୍ରତିଘାତ ଭିତରେ ମଣିଷ ଠିକ୍ ହୋଇଥାଏ ଯଦି ଇଷ୍ଟାନୁଗ ଚଳନ ଥାଏ । ପୁଣି ବୈରାଗ୍ୟବାନ ପ୍ରକୃତ ସନ୍ନ୍ୟାସୀ ମଧ୍ୟ ଅଛନ୍ତି । ସଂସାରର ସବୁକିଛି ଭିତରେ ଇଷ୍ଟମୁଖୀ ଚଳନ, ଚରିତ୍ର, ବ୍ୟବହାର ଯଦି ଫୁଟି ଉଠେ, ସେହିଟା କେତେ ଶକ୍ତ ଓ ସୁନ୍ଦର ହୁଏ, ଅବଶ୍ୟ ଚାରି ଦିଗରେ ପ୍ରଲୋଭନ, ଟଙ୍କାର ଲୋଭ, ହାମ ବଡ଼ାମି କେତେ କ'ଣ ଅଛି । ଜିଦର ତୋଡ଼ରେ କହି ଦେଲେ - ମୁଣ୍ଡଟା ତାର ନେଇ ନିଅ, ପଚାଶ ହଜାର ଦେବି । ଏହି ଭାବରେ ପ୍ରବୃତ୍ତିର ଚାକର ହୋଇ ସତ୍ତାର ପୋଷଣ ନ ଦେଇ ଯଦି ତୁମ ସତ୍ତାର ବିଲୋପ ହୁଏ ସେତେବେଳେ କେମିତି ଲାଗେ । ସପରିବେଶ ଆମ୍ଭେମାନେ ଯେତେ ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାପନ୍ନ ହେବୁ, ଆମ୍ଭମାନଙ୍କ ଭିତରେ ସେତେ ଶାନ୍ତି ବିରାଜ କରିବ, ଆଉ ସପରିବେଶ ଉନ୍ନତି ମଧ୍ୟ ହୁଏ ସେହିପରି । ପନ୍ଥା ହେଲା- ଇଷ୍ଟସ୍ୱାର୍ଥୀ ଭକ୍ତି - ଆପ୍ଳୁତ ସେବା-ସଂହତି । ସବୁ ଜାଗାରେ ହିଁ ରାସ୍ତା ଏହି ଗୋଟିଏ । ଭଦ୍ରଲୋକ ପୁଣି ପ୍ରଶ୍ନ କଲେ - ଦୁନିଆରେ ଅବସ୍ଥା ଦେଖିଲେ ଭଗବାନ୍‌ଙ୍କ ବିରୁଦ୍ଧରେ ବିଦ୍ରୋହ କରିବା ଇଚ୍ଛା ହୁଏ । ଶ୍ରୀ ଶ୍ରୀ ଠାକୁର ଦୟାପରବଶ ହୋଇ କହିଲେ - ଭଗବାନଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ସେଥିରେ ତାଙ୍କର କୌଣସି କ୍ଷତି ହେବ ନାହିଁ । ଭଗବାନ କୃଷ୍ଣ ଶ୍ରୀମଦ୍ ଭଗବତ ଗୀତାରେ କହିଲେ - ଯୋଗଃ କର୍ମସୁ କୌଶଳଂ । ଯୁକ୍ତି ବା ଯୋଗ ଛଡା ମୁକ୍ତି ମଳେ ନାହିଁ । ଜୀବନ୍ତ ଇଷ୍ଟଙ୍କ ଠାରେ ଯିଏ ଯେତେ ପରିମାଣରେ ପ୍ରାଣର ଟାଣ ନେଇ ଯୁକ୍ତ ହୁଏ, ପ୍ରବୃତ୍ତିର ବନ୍ଧନ ତାହାର ସେତେ ପରିମାଣରେ ଖୋଲିଯାଏ, ଦୋଷ ଦୁର୍ବଳତାର ନାଗଫାଶ ଶିଥିଳ ହୋଇ ଉଠେ କ୍ରମେ କ୍ରମେ । ତେଣୁ ସାଧ ବା ସାଧନୀୟ ଯାହା କିଛି ଅଛି ତାହା ହେଉଛି ଇଷ୍ଟାନୁରାଗ । ଏହାକୁ କୁହାଯାଏ ଭକ୍ତି ଓ ଭକ୍ତି ହେଉଛି ଇତିମୂଳକ । ଭକ୍ତି ଦେଖେ ଯେ ଭଗବାନଙ୍କର ଯାହା କିଛି କରଣୀୟ ସେ ସମସ୍ତ କିଛି ତାର ମଧ୍ୟ କରଣୀୟ । ଭଗବାନ ବା ଗୁରୁଙ୍କ ସଙ୍ଗରେ ଯୁକ୍ତ ହେବାକୁ ଯାଇ ସେ ସମସ୍ତଙ୍କ ସଙ୍ଗରେ ଯୁକ୍ତ ହୁଏ ଅର୍ଥାତ୍ ପ୍ରତ୍ୟେକଙ୍କର ସତ୍ତା ସମ୍ବର୍ଦ୍ଧନାରେ ସକ୍ରିୟ ଭାବରେ ଆଗ୍ରହାନ୍ୱିତ ହୋଇ ଉଠେ । ଏଠାରେ ହିଁ ଅଫୁରନ୍ତ ଜୀବନ ରହିଛି । ଆଉ ଏହିପ୍ରକାର ଜୀବନ ମଧ୍ୟରେ ଅଛି ମୁକ୍ତି - ଯଥା ପ୍ରବୃତ୍ତି ପରାୟଣତାରୁ ମୁକ୍ତି, ସଂକୀର୍ଣ୍ଣ ସ୍ୱାର୍ଥପରତାରୁ ମୁକ୍ତି, ଆଳସ୍ୟ, ଅବସାଦ ଓ ଅନନୁସନ୍ଧିତ୍ସାରୁ ମୁକ୍ତି, ଅଜ୍ଞାନରୁ ମୁକ୍ତି, ଅପ୍ରେମରୁ ମୁକ୍ତି, ଅପାରଗତାରୁ ମୁକ୍ତି, ଅସାଫଲ୍ୟରୁ ମୁକ୍ତି, ଭୀରୁତାରୁ ମୁକ୍ତି ଓ ସର୍ବୋପରି ମୃତ୍ୟୁରୁ ମୁକ୍ତି । ମରନା, ମାରନା ଯଦି ପାର ମୃତ୍ୟୁକୁ ଅବଲୁପ୍ତ କର । ସ୍ମୃତିବାହୀ ଚେତନାର ଜାଗରଣ ମାଧ୍ୟମରେ ମନୁଷ୍ୟ ମୃତ୍ୟୁରୁ ମୁକ୍ତିଲାଭ କରିବ ।

ଜନୈକ ବ୍ୟକ୍ତି ପ୍ରଶ୍ନ କଲେ - ତାହା ହେଲେ ଭକ୍ତ ଯିଏ ସେ ତ ସର୍ବଦିଗରୁ ଶକ୍ତିଶାଳୀ ଓ କୃତକାର୍ଯ୍ୟ ହେବାର କଥା । କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ତାହା ଦେଖାଯାଏ ନାହିଁ । ଅନେକ ଭକ୍ତ ଦୁଃଖ ଓ ଦୈନ୍ୟ ମଧ୍ୟରେ କାଳାତିପାତ କରନ୍ତି । ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୟା ପରବଶ ହୋଇ କହିଲେ - ଏହାର ଅର୍ଥ ଭକ୍ତିର ଅଭାବ ରହିଛି ସେଠାରେ । ପୁଣି ଅନ୍ୟ ଭାବରେ ଦେଖାଯାଏ - ଭକ୍ତ ଯିଏ ସେ ବହୁ ଲୋକଙ୍କର ସୁଖ-ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପାଇଁ ନିଜର ସୁଖ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟକୁ ବିସର୍ଜନ ଦେଇ ଚାଲେ ହସ ହସ ମୁଖରେ । ପୁଣି ବହୁ ଲୋକଙ୍କ ମଙ୍ଗଳ ପାଇଁ ଏହି ଯେଉଁ କଷ୍ଟ ସ୍ୱୀକାର କରେ ସେଥିରୁ ସେ ତୃପ୍ତିଲାଭ କରିଥାଏ । ପ୍ରକୃତ ଭକ୍ତ ଯିଏ ସେ କଷ୍ଟରେ ରହିଲେ ମଧ୍ୟ କେବେହେଲେ ନିରାନନ୍ଦରେ ରହେ ନାହିଁ, ଅନ୍ତର ତାର ଭରପୁର ଥାଏ ଇଷ୍ଟାନନ୍ଦରେ ମଜଗୁଲ ହୋଇ । ତାହାର ବ୍ୟାଥା ଜାଗେ ଯେତେବେଳେ ସେ ଇଷ୍ଟଙ୍କର ଇଚ୍ଛା ପରିପୂରଣ କରିପାରେ ନାହିଁ । ସେଥିପାଇଁ ଶାନ୍ତି ଓ ସନ୍ତୋଷ ସଙ୍ଗେ ସଙ୍ଗେ ସେମାନଙ୍କ ଅନ୍ତରରେ ଜଡ଼ିତ ରହେ ଏକ ଶାଶ୍ୱତ ଭାଗବତ ଅତୃପ୍ତି । ଏହି ଅତୃପ୍ତି ହିଁ ସେମାନଙ୍କୁ ଉର୍ଦ୍ଧ୍ୱ ଦିଗରେ ଟାଣି ନେଇ ଚାଲେ ଅସୀମ ଅନନ୍ତ ପଥରେ - ଏକାଗ୍ର ଇଷ୍ଟାର୍ଥୀ ଅଭିଗମନରେ । ସାବିତ୍ରୀ ଯମରାଜଙ୍କ ପାଖରୁ ତାଙ୍କର ସ୍ୱାମୀଙ୍କୁ ଫେରାଇ ଆଣିଲେ । ସତ୍ୟବାନ ଥିଲେ ରାଜକୁମାର ଓ ସାବିତ୍ରୀ ଥିଲେ ମହାରାଜ ଅଶ୍ୱପତିଙ୍କର କନ୍ୟା । ବିବାହର ଏକବର୍ଷ ମଧ୍ୟରେ ସତ୍ୟବାନଙ୍କର ମୃତ୍ୟୁ ଯୋଗ ଥିଲା ଓ ସାବିତ୍ରୀ ମୁନିରାଜ ନାରଦଙ୍କ ପାଖରୁ ତାହା ଜାଣିଥିଲେ । କଳ୍କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଯମଙ୍କ ପାଖରୁ ଫେରାଇ ଆଣିଲେ ଅର୍ଥ ସଂଯମର ମାଧ୍ୟମରେ ସତ୍ୟବାନଙ୍କୁ ଫେରି ପାଇଲେ । ସାବିତ୍ରୀ ନିଜର ନୀତିରେ ଅତ୍ୟନ୍ତ କଠୋର ଥିଲେ । ସଂଯମ, ଦୟାବାନ (ଯମ୍ ଧାତୁ ମାନେ ସଂଯମ, ନିୟମନ, ନିଷ୍ଠା) ଇତ୍ୟାଦି ଗୁଣଗୁଡ଼ିକୁ ଅତ୍ୟନ୍ତ ନିଷ୍ଠା ସହକାରେ ସେ ପାଳନ କରୁଥିଲେ । ଏହି ସଂଯମ ବା ନିୟମ, ନିଷ୍ଠା, ନୀତି, ଜ୍ଞାନ, ଯୋଗ, ଧ୍ୟାନ ଓ କର୍ତ୍ତବ୍ୟ ମାଧ୍ୟମରେ ତାଙ୍କ ଦୂରଦୃଷ୍ଟି ଓ ଭବିଷ୍ୟତ ବିବରଣୀ ତାଙ୍କର କରଗତ ଥିଲା । ହୁଏତ ସତ୍ୟବାନଙ୍କୁ ସାପ (ତକ୍ଷକ) କାମୁଡ଼ି ଦେଇଥିଲା । ସାବିତ୍ରୀ ତାଙ୍କୁ ବଞ୍ଚାଇ ତୋଳି ଥିଲେ ଏହି ନିୟମନ ଓ ସଂଯମ ପ୍ରସୂତ ଜ୍ଞାନ ମାଧ୍ୟମରେ । ଏକନିଷ୍ଠ ହୋଇ ସେ ସ୍ୱାମୀଙ୍କର ପରିଚର୍ଯ୍ୟା କରିଥିଲେ । ଯମ ଆସିଲେ ଅର୍ଥ ଗୋଟିଏ ମହାଘାତୀ ବାଧା ଆସିଲା । ଅନିର୍ବାର୍ଯ୍ୟ ବିପଦ ଆସିଲା, ତାକୁ ଯେମିତି କରି ନିୟନ୍ତ୍ରଣ କରି ଯାହା ଯାହା କରିବା କଥା ତାହା ଜ୍ଞାନ, ବୁଦ୍ଧି, ପରିଚର୍ଯ୍ୟା, ଧ୍ୟାନ ଓ ନିଷ୍ଠା ମାଧ୍ୟମରେ କେନ୍ଦ୍ରମୁଖୀ ହୋଇ ମା ସାବିତ୍ରୀ ପରିପାଳନ କଲେ । ସ୍ୱାମୀ ବଞ୍ଚି ଉଠିଲେ ଓ ସତୀତ୍ୱ ତେଜର ମହିମା ପ୍ରକାଶ ଲାଭ କଲା । ମୁକ୍ତ, ସତୀ, ସାଧ୍ୱୀ ମା' ସାବିତ୍ରୀଙ୍କର ସାଧନାର ଏହାହିଁ ଜ୍ୱଳନ୍ତ ଉଦାହରଣ ।

**ପ୍ରତିରତ୍ୱିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ**
**କଲେଜ, କଟକ,**

# ଏମଏସପି ବୃଦ୍ଧି ସମୟୋଚିତ

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ପୂର୍ବ ମୌସୁମୀ ପୂର୍ବ ନିର୍ଦ୍ଧାରିତ ୮ଦିନ ପୂର୍ବରୁ ମେ' ୨୪ ତାରିଖରେ ପ୍ରବେଶ କରିଥିବାବେଳେ କେନ୍ଦ୍ର ସରକାର ଖରିଫ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ମଧ୍ୟ ଆଗୁଆ ଘୋଷଣା କରିଛନ୍ତି। ଯାହାକି ଏକ ଯଥାର୍ଥ ତଥା ସମୟୋଚିତ ପଦକ୍ଷେପ ବୋଲି କୁହାଯାଇପାରିବ। ଗତ ବର୍ଷ ଜୁନ ମାସ ୧୯ ତାରିଖରେ ଖରିଫ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯାଇଥିବାବେଳେ ଚଳିତ ବର୍ଷ ଆଗୁଆ ମୌସୁମୀ ଆଗମନ ଦୃଷ୍ଟିରୁ ଚାଷୀଙ୍କୁ ନୂତନ ଚାଷ କରିବାରେ ଉତ୍ସାହିତ କରିବା ନେଇ ଆଶା କରାଯାଏ। ଚଳିତ ବର୍ଷ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) କ୍ୱିଂଟାଲ ପିଛା ୬୯ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। ଯାହା ଗତ ୫ବର୍ଷ ମଧ୍ୟରେ ସର୍ବନିମ୍ନ। ସୂଚିତ କରାଯାଇପାରେ ଯେ, ଗତବର୍ଷ ଧାନର କ୍ୱିଂଟାଲ ପିଛା ଏମଏସପି ୧୧୭ଟଙ୍କା ଏବଂ ତା ପୂର୍ବ ବର୍ଷ ୧୪୩ଟଙ୍କା ବଢିଥିଲା। ଦେଶରେ ବିଭିନ୍ନ ସରକାରୀ ଗୋଦାମଗୁଡିକରେ ଏବେ ୬୩.୧ ମିଲିଅନ ଟନ ଧାନ ଗଚ୍ଛିତ ଥିବାବେଳେ ଏହି ଏମଏସପି ବୃଦ୍ଧି କେବଳ ଧାନ ଚାଷ ପାଇଁ ଚାଷୀଙ୍କୁ ଉତ୍ସାହିତ କରିବ ନାହିଁ, ଦେଶର ଶସ୍ୟ ଭଣ୍ଡାରକୁ ଆହୁରି ମଜଭୂତ କରିବ, ଏଥିରେ ସନ୍ଦେହ ନାହିଁ। ଆମ ଦେଶରେ ଅର୍ଦ୍ଧାଧିକ ଚାଷ ଜମି ଜଳସେଚିତ ହୋଇନଥିବାବେଳେ ଧାନ ଚାଷ ସର୍ବାଧିକ ଜଳ ଆବଶ୍ୟକ କରେ। ଚଳିତ ବର୍ଷ ସ୍ୱଭାବିକ ଠାରୁ ଅଧିକ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଥିବା ଯୋଗୁଁ ଚାଷୀକୂଳକୁ ଧାନ ଚାଷ ପାଇଁ ଉତ୍ସାହିତ କରିବ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଆବଶ୍ୟକତା ଠାରୁ ୪.୬ ଗୁଣ ଧାନ ମହଜୁଦ ରହିଛି। ଆହୁରି ମଧ୍ୟ ଗତ ୨୦୨୪-୨୬ ଆର୍ଥୀକ ବର୍ଷରେ ୨୦.୨ ମେଟ୍ରିକ ଟନ ଧାନ ଅନ୍ୟ ଦେଶକୁ ରପ୍ତାନୀ ହୋଇଥିଲା। ବର୍ଦ୍ଧିତ ଏମଏସପି ଯୋଗୁଁ ଧାନର କ୍ୱିଂଟାଲ ପିଛା ମୂଲ୍ୟ ୨୩୬୯ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ 'ଏ' ଗ୍ରେଡ ଧାନର ମୂଲ୍ୟ ୨୩୮୯ ଟଙ୍କାକୁ ବୃଦ୍ଧି ପାଇଛି। ଧାନ ବ୍ୟତୀତ ୧୪ଟି ଖରିଫ ଶସ୍ୟର ଏମଏସପି ସରକାର ବୃଦ୍ଧି କରିଛନ୍ତି। ହରଡ ଓ ଅରହରର ଏମଏସପି ୫.୬ରୁ ୬ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଚିନାବାଦାମ ୭.୧ ରୁ ୮.୩ ପ୍ରତିଶତକୁ ବୃଦ୍ଧି ପାଇଛି। ମାଜା ଓ କପାର ମୂଲ୍ୟ ମଧ୍ୟ ଅନୁରୂପ ବଢିଛି। ରାଗି, ସୋୟାବିନ ଓ ଜୋୱାର ମୂଲ୍ୟ ୮.୯ରୁ ୧୩.୯ ପ୍ରତିଶତ ବଢିଥିବାବେଳେ ଧାନର ଏମଏସପି ୩ ପ୍ରତିଶତ ବୃଦ୍ଧି ପାଇଛି। ଆହୁରି ମଧ୍ୟ ମାଣ୍ଡିଆର କ୍ୱିଂଟାଲ ପିଛା ମୂଲ୍ୟ ୫୯୬ ଟଙ୍କା ବଢିଛି। କେନ୍ଦ୍ର ସରକାର ମାଣ୍ଡିଆକୁ 'ଶ୍ରୀ ଅନ୍ନ' ଭାବେ ଘୋଷଣା କରିଥିବାରୁ ଏମଏସପି ବୃଦ୍ଧି ଏହାର ଚାଷକୁ ଉତ୍ସାହିତ କରିବ, ଏଥିରେ ସନ୍ଦେହ ନାହିଁ। ସେହିପରି କପା କ୍ୱିଂଟାଲ ପିଛା ୫୮ଟଙ୍କା ଖସା ୫୭୯ ଟଙ୍କା, ଚିନାବାଦାମ ୪୮୦ ଟଙ୍କା, ହରଡ ୪୫୦ଟଙ୍କା, ସୂର୍ଯ୍ୟମୁଖୀ ମଂଜି ୪୪୧ଟଙ୍କା, ସୋୟାବିନ ୪୩୬ଟଙ୍କା, ବିରି ୪୦୦ଟଙ୍କା, ଜଅ ୩୨୮ଟଙ୍କା, ମକା ୧୭୫, ବାଜରା ୧୫୦ ଓ ମୁଗ ୮୬ଟଙ୍କା ବଢିଛି। କହିବା ବାହୁଲ୍ୟ ଯେ, ଡାଲି ଓ ଖାଇବା ତେଲ ପ୍ରତିବର୍ଷ ଆବଶ୍ୟକତା ଅନୁଯାୟୀ ଆମଦାନୀ ହୋଇଥାଏ। ଡାଲି ଜାତୀୟ ଓ ଖାଇବା ତେଲ ଜାତୀୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଦେଶ ଏବେ ବି ଆତ୍ମନିର୍ଭରଶୀଳ ହୋଇପାରିନାହିଁ। ୨୦୨୪-୨୫ ଆର୍ଥୀକ ବର୍ଷରେ ଭାରତ ବିଦେଶରୁ ୫.୫ ବିଲିଅନ ଡଲାର ମୂଲ୍ୟର ଡାଲିଜାତୀୟ ଶସ୍ୟ ଆମାଦାନୀ କରିଥିବାବେଳେ ୧୭.୩ ବିଲିଅନ ଡଲାର ମୂଲ୍ୟର ଖାଇବା ତୈଳ ଆମଦାନୀ କରିଥିଲା। ଏହାର ଉତ୍ପାଦନ ଏମଏସପି ବୃଦ୍ଧି ଯୋଗୁଁ ବଢିବା ଆଶା କରାଯାଏ। ବିଭିନ୍ନ ଶସ୍ୟର ଏମଏସପି ବୃଦ୍ଧି ଚାଷୀଙ୍କ ପାଇଁ ଏକ ସୁରକ୍ଷା କବଚ ଭାବେ ଉଭା ହୋଇଛି। ବଜାର ମୂଲ୍ୟ ପାଇବାକୁ ହକଦାର ହୋଇଥାଏ। ଏହା ସତ୍ୟ ଚାଷୀ ଉତ୍ପାଦନ ବା ଅମଳ ସମୟରେ ଅଭାବୀ ବିକ୍ରୀର ସମ୍ମୁଖୀନ ହୋଇ ଶାଗମାଛ ଦରରେ ନିଜ ଉତ୍ପାଦ ବିକ୍ରୀ କରିବା ନିୟମିତ ଘଟଣାରେ ପରିଣତ ହୋଇଛି। ଶୀତଳ ଭଣ୍ଡାର ଅଭାବରୁ ଚାଷୀ ନିଜ ଉତ୍ପାଦକୁ ସାଇତି ରଖିନପାରି ବିକ୍ରୀ କରିବାକୁ ବାଧ୍ୟ ହେଉଥିବାବେଳେ ଧାନ ମଣ୍ଡିଗୁଡିକରେ ଏବଂ ପରିଚାଳଚନାଗତ ଅବ୍ୟବସ୍ଥା ଯୋଗୁଁ ଚାଷୀ ଅଭାବୀ ବିକ୍ରୀର ସମ୍ମୁଖୀନ ହୋଇଆସିଛି। ଆମ ରାଜ୍ୟରେ ଟୋକନ ବ୍ୟବସ୍ଥା ଯୋଗୁଁ ଚାଷୀ ମଣ୍ଡିରେ ଧାନ ବିକ୍ରୀ କରିନପାରିବା ଗଣମାଧ୍ୟମର ଶିରୋନାମା ପାଲଟିଛି। ଏମଏସପି ଚାଷୀର ଆୟ ବୃଦ୍ଧି କରିବାରେ ସହାୟକ ହେଉଛି ସତ କିନ୍ତୁ ଉତ୍ପାଦର ବିକ୍ରୀକୁ ସରକାର ସୁବ୍ୟବସ୍ଥିତ କରିବା ଜରୁରୀ।

# ବ୍ୟାଙ୍କ ଅଫ ବରୋଦାର ନୂଆ 'ବିଓବି ଫ୍ଲେକ୍ସି ସିଷ୍ଟମେଟିକ ଡିପୋଜିଟ ପ୍ଲାନ'




ଭୁବନେଶ୍ୱର: ଆଜିର ଦ୍ରୁତ ପରିବର୍ତ୍ତନଶୀଳ ଆର୍ଥିକ ପରିବେଶରେ ଗ୍ରାହକମାନେ ଏଭଳି ସଞ୍ଚୟ ସମାଧାନ ସନ୍ଧାନ କରୁଛନ୍ତି ଯାହା ସେମାନଙ୍କ ବ୍ୟକ୍ତିଗତ ଆର୍ଥିକ ଲକ୍ଷ୍ୟ ପୂରଣ କରିପାରିବ। ସେହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ଏକ ଅଭିନବ ଓ ବିକଳ୍ପ ଯୁକ୍ତ ରିକରିଂ ଜମା ଉତ୍ପାଦ 'ବିଓବି ଫ୍ଲେକ୍ସି ସିଷ୍ଟମେଟିକ ଡିପୋଜିଟ ପ୍ଲାନ (ବିଓବି ଫ୍ଲେକ୍ସି ଏସଡିପି)' ଉନ୍ମୋଚନ କରାଯାଇଛି ଯାହା ଗ୍ରାହକମାନଙ୍କୁ ସେମାନଙ୍କ ସାମର୍ଥ୍ୟ ଅନୁସାରେ ମାସିକ ନିବେଶ ବଢ଼ାଇବାର ସୁବିଧା ପ୍ରଦାନ କରୁଛି। ବିଓବି ଫ୍ଲେକ୍ସି ସିଷ୍ଟମେଟିକ ଡିପୋଜିଟ୍ ପ୍ଲାନ୍ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ଜମା ଅବଧିରେ ଅଧିକ ରିଟର୍ଣ୍ଣ ପ୍ରଦାନ କରୁଛି ଯାହା ନିବେଶ ପୋର୍ଟଫୋଲିଓକୁ ସ୍ଥିରତା ଦେଉଛି ଏବଂ ଗ୍ରାହକମାନଙ୍କୁ ସେମାନଙ୍କ ମାସିକ କିସ୍ତି ନିଜର ଆର୍ଥିକ ସ୍ଥିତି ଅନୁସାରେ ବଢ଼ାଇପାରିବାର ବିକଳ୍ପ ପ୍ରଦାନ କରୁଛି।

ପାରମ୍ପରିକ ରିକରିଂ ଜମା (ଆରଡି)ରେ ମାସିକ ନିର୍ଦ୍ଦିଷ୍ଟ ରାଶି ନିବେଶ ଜରିଆରେ ନିୟମିତ ସଞ୍ଚୟକୁ ଉତ୍ସାହିତ କରାଯାଇଥାଏ। ମାତ୍ର ବିଓବି ଫ୍ଲେକ୍ସି ଏସ୍ଡିପି ଗ୍ରାହକମାନଙ୍କୁ ସେମାନଙ୍କ ମାସିକ ଜମା ରାଶିକୁ ମୂଳ କିସ୍ତି ରାଶିର ୧୦ ଗୁଣା ପର୍ଯ୍ୟନ୍ତ ବଢ଼ାଇବା ସହ ସର୍ବାଧିକ ମାସିକ ୧ ଲକ୍ଷ ଟଙ୍କା କିସ୍ତି ଦେବାର ସୁବିଧା ପ୍ରଦାନ କରୁଛି। ବିଓବି ଫ୍ଲେକ୍ସି ଏସଡିପି ପିଲାଙ୍କ ପାଠପଢ଼ା, ବିବାହ, ଭ୍ରମଣ କିମ୍ବା ଜରୁରୀକାଳୀନ ସ୍ଥିତି ପାଇଁ ଆର୍ଥିକ ପାଣ୍ଠି ଗଠନ କରିବା ଲାଗି ଉପଯୁକ୍ତ କରିପାରିଛି।

ବିଓବି ଫ୍ଲେକ୍ସି ଏସଡିପିର ଅନ୍ୟତମ ସୁବିଧା ହେଉଛି ଯଦିଓ ଅବଦାନ ରାଶି ମାସିକିଆ ଭିତ୍ତିରେ ଦିଆଯାଉଛି, ତଥାପି ଗ୍ରାହକମାନେ ଚାହିଲେ ନିଜ ଜମାର ପୁରା ଅବଧି ପାଇଁ ନିର୍ଦ୍ଦିଷ୍ଟ କିମ୍ବା ଉଚ୍ଚ ସୁଧ ହାର ଧାର୍ଯ୍ୟ କରିପାରିବେ। ପରବର୍ତ୍ତୀ ଜମା ରାଶି ଗୁଡ଼ିକ କମ ଅବଧି ପାଇଁ ଦିଆଗଲେ ମଧ୍ୟ ସେମାନେ ସାରା ଅବଧି ପାଇଁ ଅଧିକ ସୁଧ ପାଇପାରିବେ।

ଉଦାହରଣ ସ୍ୱରୂପ ଯଦି କୌଣସି ଗ୍ରାହକ ୨ ବର୍ଷିଆ ବିଓବି ଫ୍ଲେକ୍ସି ଏସଡିପି ଚୟନ କରିବେ ତେବେ ତାଙ୍କୁ ପ୍ରଯୁଜ୍ୟ ସୁଧ ହାର ବାର୍ଷିକ ୬.୫୦% (ବରିଷ୍ଠ ନାଗରିକଙ୍କୁ ୭% ଓ ସୁପର ସିନିୟରଙ୍କୁ ବାର୍ଷିକ ୭.୧୦%) ସୁଧ ସମସ୍ତ ୨୪ଟି ମାସିକିଆ କିସ୍ତି ପାଇଁ ପ୍ରଦାନ କରାଯିବ, ଯଦିଓ ପରବର୍ତ୍ତୀ ମାସିକିଆ କିସ୍ତି ଗୁଡ଼ିକ ପ୍ରକୃତରେ ୨ ବର୍ଷ ପାଇଁ ନିବେଶ ହୋଇନାହିଁ।

ଏହି ପ୍ଲାନରେ ନିଶ୍ଚିତ ରିଟର୍ଣ୍ଣର ପ୍ରତିଶ୍ରୁତି ରହିଛି ଓ ବଜାର ସହ ଜଡ଼ିତ କୌଣସି ବିପଦ ନାହିଁ। ଗ୍ରାହକମାନେ ସର୍ବନିମ୍ନ ୫୦୦ ଟଙ୍କାରୁ ଏହି ଜମା ଆରମ୍ଭ କରିପାରିବେ ଏବଂ ଅତିରିକ୍ତ ଜମାରାଶିକୁ ୧୦୦ ଟଙ୍କାର ଗୁଣିତକ ହିସାବରେ ଦେଇପାରିବେ। ଜମାର ଅବଧି ୬ ମାସରୁ ଆରମ୍ଭ କରି ୫ ବର୍ଷ ପର୍ଯ୍ୟନ୍ତ ରହିଛି। ଜମା ରାଶିର ୯୫% ପର୍ଯ୍ୟନ୍ତ ରାଶିକୁ ଋଣ/ଓଭରଡ୍ରାଫ୍ଟ ଭାବେ ନିଆଯାଇପାରିବ ଏବଂ ଏଥିରେ ନୋମିନି ସୁବିଧା ମଧ୍ୟ ରହିଛି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ର ତରଫରୁ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଭୁବନେଶ୍ୱର: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଜଗନ୍ନାଥ ନଗର ତରଫରୁ ନୂତନ ଏକାଦଶ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୩ ତାରିଖରୁ ଏହି ନୂତନ ବ୍ୟାଚ୍ ଆରମ୍ଭ କରାଯାଇଛି। ପରିଚାଳନା ଟ୍ରଷ୍ଟି, ଯୁଗ୍ମ ନିର୍ଦ୍ଦେଶକ, ନିର୍ଦ୍ଦେଶକ ଏବଂ ଟ୍ରଷ୍ଟର ସଦସ୍ୟ, ପ୍ରିନ୍ସିପାଲ, ବରିଷ୍ଠ ଫାକଲ୍ଟିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଯାହା ଜ୍ଞାନ ଓ ଆଲୋକର ପ୍ରତୀକ ଥିଲା। ଯୁଗ୍ମ ନିର୍ଦ୍ଦେଶକଙ୍କ ପ୍ରେରଣାଦାୟକ କଥା ଛାତ୍ରଛାତ୍ରୀମାନଙ୍କୁ ସମର୍ପଣ ଓ ଉତ୍ସାହର ସହିତ ସେମାନଙ୍କ ନୂତନ ଯାତ୍ରା ଆରମ୍ଭ କରିବାକୁ ପ୍ରୋତ୍ସାହିତ କରିଥିଲା। ସୁମଧୁର ସ୍ୱାଗତ ସଂଗୀତ ଏବଂ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କର ପରସ୍ପର ସହ ପରିଚୟ ଆଦାନ ପ୍ରଦାନ ସେମାନଙ୍କ ଏକତା ଓ ଆତ୍ମୀୟତାକୁ ସୁଦୃଢ଼ କରିଥିଲା। ପରିଶେଷରେ କେକ୍ କଟାଯାଇ ନୂତନ ବ୍ୟାଚ୍‌ର ଆରମ୍ଭ ହୋଇଥିଲା। ଏହି ନୂତନ ଶିକ୍ଷା ବର୍ଷ ଛାତ୍ରଛାତ୍ରୀମାନଙ୍କ ପାଇଁ ଶୈକ୍ଷିକ ଅଭିବୃଦ୍ଧି ଓ ସଫଳତା ଆଣିଦେବ ବୋଲି ଆଶା କରାଯାଉଛି।

# ଟିଏସ୍‌ଜି ଗୁରୁକୁଳ ପରିସରରେ ସାହିତ୍ୟ ପତ୍ରିକା "ଅନ୍ନପୂର୍ଣ୍ଣା" ଉନ୍ମୋଚିତ

ଭୁବନେଶ୍ୱର : ଭୁବନେଶ୍ୱରସ୍ଥ ସମ ହସ୍ପିଟାଲ ନିକଟ ଗୋଠପାଟଣା ଠାରେ ଟିଏସ୍‌ଜି ଗୁରୁକୁଳ ପରିସରରେ ଅନ୍ନପୂର୍ଣ୍ଣା ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟର ନବମୂର୍ଚ୍ଛନା, "ଅନ୍ନପୂର୍ଣ୍ଣା" ପତ୍ରିକାର ରଥଯାତ୍ରା ବିଶେଷାଙ୍କ-୨୦୨୫ ଉନ୍ମୋଚିତ ହୋଇଯାଇଛି। ଭାଷା ହିଁ ଗୋଟିଏ ଜାତିର ପ୍ରାଣ ଏବଂ ସାହିତ୍ୟ ହିଁ ସଭ୍ୟତାକୁ ନୂଆ ଦିଶା ଦେଇଥାଏ ବୋଲି ପାଠକାର୍ପଣ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ଆର୍ଯ୍ୟବ୍ରତ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ସାହିତ୍ୟିକ ଡ. ହିମାଂଶୁ କୁମାର ପଟ୍ଟନାୟକ ଓ ବରେଣ୍ୟ ଅତିଥି ଭାବେ ପଣ୍ଡିତ ଜିତୁ ଦାଶ ଯୋଗ ଦେଇଥିଲେ। ଅନ୍ନପୂର୍ଣ୍ଣା ପତ୍ରିକାର ମୁଖ୍ୟ ସମ୍ପାଦିକା ଶୈବାଳିନୀ ସାହୁ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିବା ସହ ପତ୍ରିକାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସମ୍ମାନିତ ଅତିଥି ଭାବରେ ଟିଏସ୍‌ଜି ଗୁରୁକୁଳର ଅଧ୍ୟକ୍ଷା ରଞ୍ଜିତା ମହାପାତ୍ର, ସମାଜସେବୀ ଓ ସାହିତ୍ୟିକା ସୁଜାତା ସିଂହ ଏବଂ ସମାଜସେବୀ ଇଂ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁକୂଳ ଶିକ୍ଷାନୁଷ୍ଠାନର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ସହ ବହୁ ସାହିତ୍ୟିକ, ସାହିତ୍ୟିକା ଓ ସାମାଜିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ପ୍ରଦାନରେ ବ୍ୟାପକ ଅନିୟମିତତା




ଖୋର୍ଦ୍ଧା: ମୁଖ୍ୟ ଚିକିତ୍ସାଳୟର ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ବିଭାଗରେ କାର୍ଯ୍ୟରତ କିରାଣୀଙ୍କ ଖାମଖିଆଲିଆ ଏବଂ ଅର୍ଥ ଲାଳସା ମନବୃତ୍ତି ଯୋଗୁଁ ବହୁ ବ୍ୟକ୍ତି ନିର୍ଭୁଲ ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ପାଇବାରୁ ବଞ୍ଚିତହେଉଛନ୍ତି ଏପରକି ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ କରିବା ପାଇଁ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଉତ୍କଚ ଦାବୀ କରୁଥିବା ନେଇ ମଧ୍ୟ ଅଭିଯୋଗ ହେଉଛି ଦୂର, ଦୁରାନ୍ତରୁ ଆସୁଥିବା ଜନସାଧାରଣ ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର ପାଇଁ ହାତ ଗୁଞ୍ଜା ନଦେଲେ ତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଉ ନାହିଁ, ଯିଏ ହାତ ଗୁଞ୍ଜା ନ ଦେଉଛି ତାକୁ ତ୍ରୁଟିଯୁକ୍ତ ପ୍ରମାଣ ପତ୍ର ପ୍ରଦାନ କରାଯାଉଛି ଏ ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତିଙ୍କର ଦୃଷ୍ଟି ଆକର୍ଷଣ କଲେ ସେହି ବ୍ୟକ୍ତି ଜଣଙ୍କ ନାଲି ଆଖି ଦେଖାଇବା ସହିତ, ଦୁର୍ବ୍ୟବହାର କରିବାକୁ ପଛାଉନାହାଁନ୍ତି। ଯାହାକି ନିକଟରେ ଦେଖିବାକୁ ମିଳିଛି ଜଟଣୀ ଅଞ୍ଚଳର ଜୈନକ ବ୍ୟକ୍ତି ନିଜ ପୁଅର ଜନ୍ମ ପ୍ରମାଣ ପତ୍ରର ତ୍ରୁଟି ସଂଶୋଧନ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର ବିଭାଗକୁ ଧାଇଁ, ଧାଇଁ ଶେଷରେ ନିରାଶ ହୋଇ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଫେରି ଯାଇଛନ୍ତି ଖୋର୍ଦ୍ଧା . ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଜଣଙ୍କ ପୂର୍ବରୁ ହଳଦିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିବା ସମୟରେ ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର କରିବାକୁ ନେଇ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ବିଭାଗ ହାତରେ ଧରାପଡି ଜେଲ ଯାଇଥିଲେ ପରବର୍ତ୍ତୀ ସମୟରେ ଖୋର୍ଦ୍ଧା . ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀଙ୍କୁ ହାତକରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର ବିଭାଗରେ ଅବସ୍ଥାପିତ ହେବାରେ ସଫଳ ହୋଇଥିଲେ ଏ ସମ୍ପର୍କରେ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ନିକଟରେ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରିନାହିଁ ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାସହିତ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ କରାଯିବା ସହିତ ଅନ୍ୟତ୍ର ବଦଳି କରାଯିବାକୁ ସାଧାରଣରେ ଦାବୀ ହେଉଛି ନଚେତ ଆଗାମୀ ଦିନରେ ଏହା ଏକ ଜନଅସନ୍ତୋଷରେ ପରିଣତ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ

# ଗଜ ଅଲଟରନେଟିଭ ଆସେଟ ମ୍ୟାନେଜମେଂଟ ଲିମିଟେଡ ପକ୍ଷରୁ ସେବି ନିକଟରେ ଡିଆରଏଚପି ଦାଖଲ

ଭୁବନେଶ୍ୱର: ଗଜ କ୍ୟାପିଟାଲ ବ୍ରାଣ୍ଡ ଅଧୀନରେ ପରିଚାଳିତ ହେଉଥିବା ଗଜ ଅଲଟରନେଟିଭ ଆସେଟ ମ୍ୟାନେଜମେଂଟ ଲିମିଟେଡ ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି। ୨୦୦୪ରେ ପ୍ରତିଷ୍ଠା ହୋଇଥିବା ଏହି କମ୍ପାନି ଶିକ୍ଷା, ଉପଭୋକ୍ତା ଓ ଆର୍ଥିକ ସେବା କ୍ଷେତ୍ରର କମ୍ପାନିଗୁଡ଼ିକୁ ଅଭିବୃଦ୍ଧି ପୁଁଜି ପ୍ରଦାନ କରୁଛି। ୨୦୨୫ ଜାନୁଆରିରେ କମ୍ପାନି ଘରୋଇରୁ ସାର୍ବଜନୀନ ହୋଇଥିଲା ଓ ନିଜ ନାମକୁ ଗଜ ଅଲଟରନେଟିଭ ଆସେଟ ମ୍ୟାନେଜମେଂଟ ଲିମିଟେଡରେ ପରିବର୍ତ୍ତନ କରିଥିଲା। କମ୍ପାନି ପକ୍ଷରୁ ୧୬୨୫ କୋଟି ଟଙ୍କାର ମୂଲ୍ୟାଙ୍କନ ଅନୁସାରେ ପ୍ରାକ ଆଇପିଓ ପ୍ଲେସମେଂଟ ଜରିଆରେ ୧୨୫ କୋଟି ଟଙ୍କା ହାସଲ କରାଯାଇଛି।

ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ ନୂଆ ସିଡ ଫଣ୍ଡ ପ୍ରଦାନ କରିବା ଏବଂ ଭାରତ ଓ ବିଦେଶରେ ବିତରଣ କ୍ଷମତା ବଢ଼ାଇବାରେ ବ୍ୟବହାର କରାଯିବ। ନୂଆ ଫଣ୍ଡ ପରିଚାଳନା ରଣନୀତି ପାଇଁ ତାହାର ବ୍ୟବହାରକୁ ସମ୍ପ୍ରସାରଣ କରାଯିବ। ଏହି ଆଇପିଓ ଜରିଆରେ କମ୍ପାନି ତାଲିକାଭୁକ୍ତ ଲାଭ ପାଇବ ଏବଂ ଏହାର ବ୍ରାଣ୍ଡର ଉପସ୍ଥିତି ବଢ଼ିବ।

ଗଜ କ୍ୟାପିଟାଲ୍ ହେଉଛି ଭାରତର ଏକ ପ୍ରମୁଖ ପିଇ/ଅଲଟରନେଟ ଆସେଟ୍ ମ୍ୟାନେଜମେଂଟ କମ୍ପାନି ଯାହା ଭାରତୀୟ ଅର୍ଥନୀତିର ଭବିଷ୍ୟତ ଚାମ୍ପିୟନ୍ ସୃଷ୍ଟି କରୁଥିବା ଉଦ୍ୟୋଗୀମାନଙ୍କୁ ଅଭିବୃଦ୍ଧି ଲାଗି ପୁଁଜି ଯୋଗାଇବା ଉପରେ ଧ୍ୟାନ ଦେଉଛି। ଗଜ କ୍ୟାପିଟାଲ୍ ଉଦୀୟମାନ ଭାରତୀୟ କମ୍ପାନିଗୁଡ଼ିକ ଏବଂ ଶୀର୍ଷ ସ୍ତରୀୟ ବିଶ୍ୱସ୍ତରୀୟ ଏବଂ ଘରୋଇ ସଂସ୍ଥାଗତ ନିବେଶକାରୀଙ୍କ ପାଇଁ ଏକ ପସନ୍ଦର ସହଯୋଗୀ ହୋଇଛି। ନିର୍ଦ୍ଦେଶକ ବୋର୍ଡ଼ରେ ଅଣ-କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ବରେ ଶ୍ରୀ ଯୁ କେ ସିହ୍ନା, ଅଣ-କାର୍ଯ୍ୟନିର୍ବାହୀ ସଦସ୍ୟଗଣ ଭାବେ ଶୈଳେଶ ହରିଭକ୍ତି, ଶ୍ରୀ ପୃଥ୍ୱୀ ହଲଦିଆ, ଶ୍ରୀ ମନୀଷ ସଭରୱାଲ, ଶ୍ରୀ ଅରିନ୍ଦମ ଭଟ୍ଟାଚାର୍ଯ୍ୟ ଏବଂ ଶ୍ରୀମତୀ ଶିତଲ ମେହେରା ଅଛନ୍ତି। କାର୍ଯ୍ୟନିର୍ବାହୀ ବୋର୍ଡ଼ ସଦସ୍ୟଗଣ ମଧ୍ୟରେ ପ୍ରତିଷ୍ଠାତା ଭାବେ ଗୋପାଳ ଜୟନ୍, ରଣଜିତ୍ ଶାହା ଏବଂ ଇମ୍ରାନ୍ ଜାଫର୍ ରହିଛନ୍ତି। । ଗଜା କ୍ୟାପିଟାଲ ନିବେଶ କରିଥିବା କମ୍ପାନିଗୁଡ଼ିକ ହେଉଛି ଟିମଲିଜ, ଲାଇଟହାଉସ୍ ଲର୍ଣ୍ଣିଂ, ଆରବିଏଲ ବ୍ୟାଙ୍କ, ଜନ୍ ଡିଷ୍ଟିଲାରିଜ୍, ଏକ୍ସପ୍ରେସବିଜ୍, ଇଆଇ, ଲିଡ଼ସ୍କ୍ୱାର୍ଡ଼ ଏବଂ ସିଙ୍ଗଜି।

# ଜୁନିପର ଗ୍ରିନ ଏନର୍ଜି ଲିମିଟେଡ ପକ୍ଷରୁ ୩୦୦୦ କୋଟି ଟଙ୍କାର ଆଇପିଓ ପାଇଁ ସେବି ନିକଟରେ ଡିଆରଏଚପି ଦାଖଲ

ଭୁବନେଶ୍ୱର: କ୍ରିସିଲ ରିପୋର୍ଟ ଅନୁସାରେ ୨୦୨୪ ଡିସେମ୍ବର ୩୧ ସୁଦ୍ଧା ସ୍ଥାପିତ ଜୁନିପର ଗ୍ରିନ ଏନର୍ଜି ଲିମିଟେଡ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି। କମ୍ପାନି ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜରିଆରେ ୩୦୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ଏହି ଅଫରରେ କମ୍ପାନି ପକ୍ଷରୁ ୩୦୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ।

ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ସେଥିରୁ (୧) ୧୦୯୨.୨୭ କୋଟି ଟଙ୍କାକୁ କମ୍ପାନି ହାସଲ କରିଥିବା କିଛି ଋଣକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିଶୋଧ କରିବା, (୨) ୧୧୫୭.୭୨ କୋଟି ଟଙ୍କାକୁ ଏହାର ସହାୟକ କମ୍ପାନି ଯଥା ଜୁନିପର ଗ୍ରିନ ଗାମା ୱାନ ପ୍ରାଇଭେଟ ଲିମିଟେଡ, ଜୁନିପର ଗ୍ରିନ୍ ଥ୍ରି ପ୍ରାଇଭେଟ ଲିମିଟେଡ, ଜୁନିପର ଗ୍ରିନ ଫିଲ୍ଡ ପ୍ରାଇଭେଟ ଲିମିଟେଡ, ଜୁନିପର ଗ୍ରିନ ବିମ ପ୍ରାଇଭେଟ ଲିମିଟେଡରେ ନିବେଶ କରିବା ଏବଂ ଅନ୍ୟତମ ସହାୟକ କମ୍ପାନି ଜୁନିପର ଗ୍ରିନ କାଇଟ ପ୍ରାଇଭେଟ ଲିମିଟେଡ ଓ ଜୁନିପର ଗ୍ରିନ ରେ ଟୁ ପ୍ରାଇଭେଟ ଲିମିଟେଡର କିଛି ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧ କରିବାରେ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରାଯିବ।

କମ୍ପାନି ପକ୍ଷରୁ ୨୦୨୦ ମାର୍ଚ୍ଚରେ ୧୦୦ ମେଗାୱାଟର ପ୍ରଥମ ସୋଲାର ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇଥିଲା ଏବଂ ତା'ପରଠାରୁ ଏହାର ପୋର୍ଟଫୋଲିଓ ସମ୍ପ୍ରସାରିତ ହୋଇ ୨୦୨୫ ମେ' ୩୧ ସୁଦ୍ଧା ମୋଟ କ୍ଷମତା ୭୮୯୮.୪୫ ମେଗାୱାଟରେ ପହଂଚିଛି। ସୋଲ ପ୍ରକଳ୍ପ ବ୍ୟତୀତ ଜୁନିପର ଗ୍ରିନ ପୋର୍ଟଫୋଲିଓରେ ପବନ ଶକ୍ତି ରହିଛିଏବଂ ଏହା ଡବ୍ଲୁଏସଏଚ ଓ ଏଫଡିଆଇ ପ୍ରକଳ୍ପ ପାଇଁ ବିଇଏସଏସ ସହ କାମ କରୁଛି।

ରେଡ ହେରିଂ ପ୍ରୋସପେକ୍ଟସରେ ଦିଆଯାଇଥିବା ପ୍ରସ୍ତାବ ଅନୁସାରେ କମ୍ପାନିର ଇକ୍ୱିଟି ସେୟାରକୁ ବିଏସଇ ଲିମିଟେଡ ଓ ନ୍ୟାସନାଲ ଷ୍ଟକ ଏକ୍ସଚେଂଜ୍ ଅଫ ଇଣ୍ଡିଆ ଲିମିଟେଡର ତାଲିକାଭୁକ୍ତ କରାଯିବ।

ଏହି ଅଫରର ବୁକ ରନିଂ ଲିଡ ମ୍ୟାନେଜରମାନେ ହେଉଛନ୍ତି ଆଇସିଆଇସିଆଇ ସିକ୍ୟୁରିଟିଜ୍ ଲିମିଟେଡ, ଏଚଏସବିସି ସିକ୍ୟୁରିଟିଜ ଆଣ୍ଡ କ୍ୟାପିଟାଲ ମାର୍କେଟସ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ, ଜେଏମ ଫାଇନାନ୍ସିଆଲ ଲିମିଟେଡ ଓ କୋଟକ ମହିନ୍ଦ୍ରା କ୍ୟାପିଟାଲ କମ୍ପାନି ଲିମିଟେଡ।

# ଆମର ଯୁବକମାନଙ୍କୁ ସୁରକ୍ଷା ଦେବା ପାଇଁ ସଂକଳ୍ପବଦ୍ଧ: ଅମିତ ଶାହ

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଏନସିବି ଏବଂ ସମସ୍ତ ସଂସ୍ଥାକୁ ଏକ ବିଶ୍ୱସ୍ତରୀୟ ନିଶାଦ୍ରବ୍ୟ କାରବାରର ପର୍ଦ୍ଦାଫାସ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଯେକୌଣସି ସ୍ଥାନରୁ କାର୍ଯ୍ୟ କରୁଥିବା ପ୍ରତ୍ୟେକ ନିଶାଦ୍ରବ୍ୟ କାରବାର ବନ୍ଦ କରିବା ଏବଂ ଆମ ଯୁବପିଢ଼ିଙ୍କୁ ସୁରକ୍ଷା ଦେବା ଲାଗି ସଂକଳ୍ପବଦ୍ଧ । ଏକ୍ସ ପ୍ଲାଟଫର୍ମରେ ଏକ ପୋଷ୍ଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ, ଏକ ବିଶ୍ୱସ୍ତରୀୟ ନିଶାଦ୍ରବ୍ୟ କାରବାରର ପର୍ଦ୍ଦାଫାସ କରିଥିବାରୁ ଏନସିବି ଏବଂ ସମସ୍ତ ସଂସ୍ଥାକୁ ଅଭିନନ୍ଦନ। ଏହି ଅନୁସନ୍ଧାନ ବହୁ-ଏଜେନ୍ସି ସମନ୍ୱୟର ଏକ ଚମତ୍କାର ଉଦାହରଣ ସୃଷ୍ଟି କରିଥିଲା, ଯାହାର ଫଳସ୍ୱରୂପ ୫ ଜଣ ଗିରଫ ହୋଇଥିଲେ ଏବଂ ୫ଟି ପରିବହନ ହୋଇଥିବା ମାଲ ଜବତ କରାଯାଇଥିଲା, ଯେତେବେଳେ କି ଆମେରିକା ଏବଂ ଅଷ୍ଟ୍ରେଲିଆରେ ୪ ଟି ମହାଦେଶ ଏବଂ ୧୦ରୁ ଅଧିକ ଦେଶରେ କାର୍ଯ୍ୟ କରୁଥିବା ଗ୍ୟାଙ୍ଗ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା । ଆମର ଏଜେନ୍ସିମାନେ ଏହି ଗ୍ୟାଙ୍ଗମାନଙ୍କ ଦ୍ୱାରା ବ୍ୟବହୃତ କ୍ରିପ୍ଟୋକରେନ୍ସି ପେମେଣ୍ଟ ଏବଂ ଅଜ୍ଞାତ ଡ୍ରପ୍ ସିର୍ପ ଭଳି ଅତ୍ୟାଧୁନିକ କାରବାର ଉପରେ ନିରନ୍ତର ନଜର ରଖିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱାଧୀନ ସରକାର ଯେକୌଣସି ସ୍ଥାନରୁ କାର୍ଯ୍ୟ କରୁଥିବା ନିଶାଦ୍ରବ୍ୟ କାରବାର ବନ୍ଦ କରିବା ଏବଂ ଆମର ଯୁବକମାନଙ୍କୁ ସୁରକ୍ଷା ଦେବା ପାଇଁ ସଂକଳ୍ପବଦ୍ଧ। ବେଆଇନ ଫାର୍ମାସ୍ୟୁଟିକାଲ୍ ଡ୍ରଗ୍ କାରବାର ବିରୁଦ୍ଧରେ ସବୁଠାରୁ ସୁଦୂରପ୍ରସାରୀ କାର୍ଯ୍ୟାନୁଷ୍ଠାନ ମଧ୍ୟରୁ ଗୋଟିଏରେ, ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନସିବି) ମୁଖ୍ୟାଳୟ ଅପରେସନ୍ ୟୁନିଟ୍, ଏକ ଆନ୍ତର୍ଜାତୀୟ ଡ୍ରଗ୍ ଚାଲାଣ ସିଣ୍ଡିକେଟ୍ କୁ ସଫଳତାର ସହ ଭାଙ୍ଗି ଦେଇଛି ଯାହା ଚାରିଟି ମହାଦେଶରେ ନିୟନ୍ତ୍ରିତ ଔଷଧ ଚୋରାଚାଲାଣ ପାଇଁ ଏନକ୍ରିପ୍ଟେଡ୍ ଡିଜିଟାଲ୍ ପ୍ଲାଟଫର୍ମ, ଡ୍ରପ୍ ସିପିଂ ମଡେଲ୍ ଏବଂ କ୍ରିପ୍ଟୋକରେନ୍ସି ବ୍ୟବହାର କରିଥିଲା । ନୂଆଦିଲ୍ଲୀର ବେଙ୍ଗଲି ମାର୍କେଟ ନିକଟରେ ଏକ ନିୟମିତ ଯାନ ଅଟକାଇବା ସହିତ ଯାହା ଆରମ୍ଭ ହୋଇଥିଲା ତାହା ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ୟୁରୋପରେ କାର୍ଯ୍ୟ କରୁଥିବା ଏକ ଅତ୍ୟାଧୁନିକ ଅପରାଧିକ ୱେବରେ ଉନ୍ମୋଚିତ ହୋଇଥିଲା- ବେଆଇନ ନିଶା ଔଷଧ ନେଟୱାର୍କର ବିଶ୍ୱବ୍ୟାପୀ ପ୍ରସାର ଏବଂ ସମନ୍ୱିତ ଆନ୍ତର୍ଜାତୀୟ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନର ନେତୃତ୍ୱ ନେବାର ଏନସିବିର କ୍ଷମତାକୁ ପ୍ରଦର୍ଶିତ କରେ । ଏହି ଅପରେସନରେ ୪ଟି ମହାଦେଶ ଏବଂ ୧୦ରୁ ଅଧିକ ଦେଶରେ ବ୍ୟାପ୍ତ ଏକ ବିଶ୍ୱସ୍ତରୀୟ ନେଟୱାର୍କର ପର୍ଦ୍ଦାଫାସ୍ ହୋଇଥିଲା।

୨୫ ମଇ ୨୦୨୫ ରେ, ଗୁପ୍ତ ଗୁଇନ୍ଦା ତଥ୍ୟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଏନସିବି ମୁଖ୍ୟାଳୟ ଅପରେସନ୍ ଟିମ୍ ଦିଲ୍ଲୀର ମଣ୍ଡି ହାଉସ ନିକଟରେ ଏକ କାରକୁ ଅଟକାଇଥିଲା। ନୋଏଡାର ଏକ ପ୍ରତିଷ୍ଠିତ ଘରୋଇ ବିଶ୍ୱବିଦ୍ୟାଳୟରୁ ବି. ଫାର୍ମା ସ୍ନାତକ କରିଥିବା ଦୁଇ ଯାତ୍ରୀଙ୍କ ଠାରୁ ୩.୭ କିଲୋଗ୍ରାମ ଟ୍ରାମାଡୋଲ ଟାବଲେଟ୍ ଜବତ କରାଯାଇଥିଲା।

ଗିରଫ ହୋଇଥିବା ବ୍ୟକ୍ତିମାନେ ଏକ ପ୍ରମୁଖ ଭାରତୀୟ ବି୨ବି ପ୍ଲାଟଫର୍ମରେ ଏକ ବିକ୍ରେତା ପ୍ରୋଫାଇଲ୍ ପରିଚାଳନା କରୁଥିବା ସ୍ୱୀକାର କରିଛନ୍ତି, ଯେଉଁଠାରୁ ସେମାନେ ଆମେରିକା, ୟୁରୋପ ଏବଂ ଅଷ୍ଟ୍ରେଲିଆରେ ଗ୍ରାହକମାନଙ୍କୁ ଫାର୍ମାସ୍ୟୁଟିକାଲ୍ ବଟିକା ବିକ୍ରି କରିଥିଲେ। ପଚରାଉଚରା ପରେ ରୁର୍କିରେ ଜଣେ ଷ୍ଟକିଷ୍ଟଙ୍କୁ ଗିରଫ କରାଯାଇଥିଲା, ଯାହା ପରେ ଦିଲ୍ଲୀର ମୟୂର ବିହାରରେ ଜଣେ ପ୍ରମୁଖ ସହଯୋଗୀଙ୍କୁ ଗିରଫ କରାଯାଇଥିଲା, ଯିଏ ଆମେରିକା ପଠାଇବା ପାଇଁ ବୃହତ୍ ଅର୍ଡର ଆୟୋଜନ କରିବା ପାଇଁ ଦାୟୀ ଉଡୁପି (କର୍ଣ୍ଣାଟକ) ରେ ଜଣେ ଚାଲାଣକାରୀଙ୍କ ସହିତ ସମ୍ପର୍କ ଥିବା ପ୍ରକାଶ କରିଥିଲେ।

ଉପରୋକ୍ତ ସୂଚନା ବିଶ୍ୱସ୍ତରୀୟ ପ୍ରତିପକ୍ଷ ଏବଂ ଇଣ୍ଟରପୋଲ ସହିତ ସେୟାର କରାଯାଇଥିଲା, ଯାହାଦ୍ୱାରା ୟୁ.ଏସ ଡିଇଏ ଦ୍ୱାରା ଆମେରିକାର ଆଲାବାମାରେ ଏକ ବୃହତ୍ ରି-ସିର୍ପ ଏବଂ ଅର୍ଥ ନେଣ ଦେଣରେ ଚିହ୍ନଟ ଏବଂ ଗିରଫ କରାଯାଇଥିଲା, ଏବଂ ବିପୁଳ ପରିମାଣର ନିୟନ୍ତ୍ରିତ ଔଷଧ ଜବତ କରାଯାଇଥିଲା।

# ବଜାଜ ଫିନସର୍ଭ ଏମସି ପକ୍ଷରୁ ସ୍ମଲ କ୍ୟାପ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର : ବଜାଜ ଫିନସର୍ଭ ଏଏମସି ପକ୍ଷରୁ ବଜାଜ ଫିନସର୍ଭ ସ୍ମଲ କ୍ୟାପ ଫଣ୍ଡର ଶୁଭାରମ୍ଭ କରାଯାଇଛି । ଏହା ଏକ ଓପନ-ଏଣ୍ଡେଡ୍ ଇକ୍ୱିଟି ଯୋଜନା ଯାହା ମୁଖ୍ୟତଃ ସ୍ମଲ-କ୍ୟାପ ଷ୍ଟକରେ ନିବେଶ କରେ, ଯାହା ଗୁଣବତା, ଅଭିବୃଦ୍ଧି ଏବଂ ମୂଲ୍ୟ ପ୍ରଦାନ କରେ। ଏହି ଫଣ୍ଡ ୨୭ ଜୁନ ୨୦୨୫ ରେ ସବସ୍କ୍ରିପସନ୍ ପାଇଁ ଖୋଲିବ ଏବଂ ୧୧ ଜୁଲାଇ ୨୦୨୫ ରେ ବନ୍ଦ ହେବ। ସ୍ମଲ କ୍ୟାପରେ ସାମ୍ପ୍ରତିକ ସଂଶୋଧନ ଦୀର୍ଘକାଳୀନ ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ପ୍ରବେଶ ବିନ୍ଦୁ ଉପସ୍ଥାପନ କରୁଛି। ୮୦% ରୁ ଅଧିକ ସ୍ମଲ-କ୍ୟାପ୍ କମ୍ପାନୀ ୩୮% ର ଦୃଢ଼ ଲାଭ ବୃଦ୍ଧି ଏବଂ ଦୃଢ଼ ରିଟର୍ଣ୍ଣ ଅନୁପାତ ଦେଖାଇଥିବା ବେଳେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ବି ସେମାନଙ୍କ ୧୫-ସପ୍ତାର ସର୍ବୋଚ୍ଚ ସ୍ତର ତଳେ ୪୫-୫୨% କାରବାର କରୁଛନ୍ତି। ସ୍ମଲ କ୍ୟାପ କମ୍ପାନୀଗୁଡ଼ିକ ପରବର୍ତୀ ଅଭିବୃଦ୍ଧି ଚକ୍ରରେ ଅସମାନ ଭାବରେ ଲାଭ ପାଇବା ପାଇଁ ଭଲ ସ୍ଥିତିରେ ଅଛନ୍ତି, ଯାହା ଏହାକୁ ଏକ ଆକର୍ଷଣୀୟ ନିବେଶ ସୁଯୋଗ କରୁଛି। ବଜାଜ ଫିନସର୍ଭ ସ୍ମଲ କ୍ୟାପ୍ ଫଣ୍ଡ୍ ନିବେଶକମାନଙ୍କ ପାଇଁ ଡିଜାଇନ୍ କରାଯାଇଛି ଯାହାର ଉଦ୍ଦେଶ୍ୟ ହେଉଛି ସ୍ମଲ-କ୍ୟାପ୍ କମ୍ପାନୀଗୁଡ଼ିକର ଇକ୍ୱିଟି ଏବଂ ଇକ୍ୱିଟି-ସମ୍ବନ୍ଧୀୟ ଉପକରଣଗୁଡ଼ିକରେ ମୁଖ୍ୟତଃ ନିବେଶ କରି ଦୀର୍ଘକାଳୀନ ସମ୍ପତି ନିର୍ମାଣ କରିବା । ଏହି ଶୁଭାରମ୍ଭ ଅବସରରେ ବଜାଜ ଫିନସର୍ଭ ଏଏମସିର ପରିଚାଳନା ନିର୍ଦ୍ଦେଶକ ଗଣେଶ ମୋହନ କହିଛନ୍ତି, 'ସ୍ମଲ୍ କ୍ୟାପ୍ ଫଣ୍ଡର ଶୁଭାରମ୍ଭ ଭାରତର ଗତିଶୀଳ ସ୍ମଲ୍ କ୍ୟାପ୍ ଜଗତର ଦୀର୍ଘକାଳୀନ ସମ୍ଭାବନା ପ୍ରତି ଆମର ଗଭୀର ବିଶ୍ୱାସକୁ ପ୍ରତିଫଳିତ କରେ। ସ୍ମଲ୍ କ୍ୟାପ୍ ସାଧାରଣତଃ ବ୍ୟାପକ ସୂଚକାଙ୍କ ତୁଳନାରେ ଅଧିକ ଅସ୍ଥିରତା ପ୍ରଦର୍ଶନ କରେ, ଯାହା ବଜାରର ଉଥାନ-ପତନକୁ ନେଭିଗେଟ୍ କରିବାରେ ଏବଂ ଗୁଣାତ୍ମକ ସୁଯୋଗ ଚିହ୍ନଟ କରିବାରେ ସକ୍ରିୟ ପରିଚାଳନାର ଗୁରୁତ୍ୱକୁ ଗୁରୁତ୍ୱ ଦିଏ। ଏହି ରଣନୀତି ଅଭିବୃଦ୍ଧିର ପ୍ରାରମ୍ଭିକ ପର୍ଯ୍ୟାୟରେ ଉଚ୍ଚ-ଗୁଣବତା କମ୍ପାନୀଗୁଡ଼ିକୁ ଆବିଷ୍କାର କରିବା ଉପରେ ନିର୍ଭର କରି ନିର୍ମିତ ହୋଇଛି ଯାହା ସମୟ ସହିତ ଭଲ ପ୍ରଦର୍ଶନ କରିବା ପାଇଁ ସ୍ଥିତିରେ ଅଛି।' ଏହି ଫଣ୍ଡଟି ବିଏସ୍ଇ ୨୫୦ ସ୍ମଲ୍ କ୍ୟାପ୍ ଇଣ୍ଡେକ୍ସ ଟିଆରଆଇ ସହିତ ବେଂମାର୍କ କରାଯାଇଛି। ବଜାଜ ଫିନସର୍ଭ ଏଏମସିର ମୁଖ୍ୟ ନିବେଶ ଅଧିକାରୀ ନିମେଶ ଚନ୍ଦନ ଆହୁରି କହିଛନ୍ତି, 'ଆମର ନୂତନ ସ୍ମଲ-କ୍ୟାପ୍ ଫଣ୍ଡ ହେଉଛି ଗୁଣାତ୍ମକ ବ୍ୟବସାୟଗୁଡ଼ିକର ଏକ ପୋର୍ଟଫୋଲିଓ ଯାହାର ସ୍କେଲେବିଲିଟି ସେମାନଙ୍କ ଆଂରିକ ମୂଲ୍ୟ ତଳେ ବାଣିଜ୍ୟ କରିବ। ଅନେକ ଶିଳ୍ପ ଏବଂ ଉପ-କ୍ଷେତ୍ର କେବଳ ସ୍ମଲ୍-କ୍ୟାପ୍ ସେଗମେଂଟରେ ଦେଖିବାକୁ ମିଳେ। ସଂକ୍ଷେପରେ, ଏହି ସ୍ମଲ୍-କ୍ୟାପ୍ ସ୍ଥାନରୁ ଉଦୀୟମାନ ବ୍ୟବସାୟରେ ନେତା ଏବଂ ପ୍ରତିଯୋଗୀମାନଙ୍କୁ ବାଛିବାର ସୁଯୋଗ ଅଛି।' ପାଣ୍ଠିର ଇକ୍ୱିଟି ଅଂଶ ସିଆଇଓ ଶ୍ରୀ ନିମେଶ ଚନ୍ଦନ ଏବଂ ଇକ୍ୱିଟି ମୁଖ୍ୟ ଶ୍ରୀ ସୋରଭ ଗୁପ୍ତାଙ୍କ ଦ୍ୱାରା ଏବଂ ଋଣ ଅଂଶ ଫିକ୍ସଡ ଇନକମ ମୁଖ୍ୟ ଶ୍ରୀ ସିଦ୍ଧାର୍ଥ ଚୌଧୁରୀଙ୍କ ଦ୍ୱାରା ପରିଚାଳିତ ହେବ। ସର୍ବନିମ୍ନ ଆବେଦନ ପରିମାଣ ୫୦୦ଟଙ୍କା, ସର୍ବନିମ୍ନ ଅତିରିକ୍ତ ଆବେଦନ ୧୦୦ଟଙ୍କା (ଯୋଗୋକ୍ତ ୧ ଟଙ୍କାର ଗୁଣକ)। ଆବଂଟନ ତାରିଖର ଛଅ ମାସ ମଧ୍ୟରେ ନିବେଶ ରିଡିମ୍ ହେଲେ ୧% ଏକଜିଟ୍ ଲୋଡ୍ ପ୍ରଯୁଜ୍ୟ। ପାଣ୍ଠି ବୃଦ୍ଧି ଏବଂ ଆଇଡିସିଡବ୍ଲ୍ୟୁ (ପୁି ଉଠାଣ ସହିତ ଆୟ ବଂଟନ) ବିକଳ୍ପ ଉଭୟ ପ୍ରଦାନ କରେ।

## ସୁଧ ହ୍ରାସ ସମୟରେ ନିବେଶକଙ୍କ ପାଇଁ ଆକର୍ଷଣ ପାଲଟିଛି ମନି ମାର୍କେଟ୍ ଫଣ୍ଡ୍: ଟାଟା ଏଏମ୍ସି

ଭୁବନେଶ୍ୱର: ସୁଧ ହାର ହ୍ରାସ ପାଉଥିବା ବେଳେ ରିଟର୍ଣ୍ଣ, ସୁରକ୍ଷା ଓ ନଗଦରେ ସଂତୁଳନ ଚାହୁଥିବା ନିବେଶକମାନଙ୍କ ପସନ୍ଦ ପାଲଟିଛି ମନି ମାର୍କେଟ୍ ଫଣ୍ଡ୍। ଏହି ଫଣ୍ଡଗୁଡ଼ିକ ଅଳ୍ପ ଅବଧିର ହୋଇଥିବା ବେଳେ ଏଥିରେ ଉଚ୍ଚ ଗୁଣାତ୍ମକ ମାନର ନିବେଶ ରହିଥାଏ ଯାହା ସୁଧ କମ୍ ଭଳି ପରିବେଶରେ ଲାଭକୁ ବହୁତ ଭଲ ଭାବେ ଉପସ୍ଥାପିତ କରିଥାଏ।ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଚଳିତ ମାସରେ ରେପୋ ହାରରେ ୦.୫୦ ପ୍ରତିଶତ ହ୍ରାସ ଘୋଷଣା କରି ତାହାକୁ ୫.୫ ପ୍ରତିଶତକୁ ହ୍ରାସ କରାଯାଇଥିଲା। ଏଥି ସହିତ ଏହା ନଗଦ ଜମା ଅନୁପାତରେ ୧ ପ୍ରତିଶତ ହ୍ରାସ କରି ଋଣ ଅଭିବୃଦ୍ଧିକୁ ବଢ଼ାଇବା ଲାଗି ଆବଶ୍ୟକ ନଗଦ



ପ୍ରଦାନର ବ୍ୟବସ୍ଥା କରିଥିଲା। ଜମା ସୁଧ ହାର କମ୍ ହେଉଥିବା ବେଳେ ପାରମ୍ପରିକ ଫିକ୍ସଡ୍ ଡିପୋଜିଟ୍ ତୁଳନାରେ ବଳକା ନଗଦ ରାଶିକୁ ସ୍ୱଳ୍ପ ସମୟ ପାଇଁ ନିବେଶ କରିବାରେ ମନି ମାର୍କେଟ୍ ଫଣ୍ଡ୍ ଉପଯୁକ୍ତ ପସନ୍ଦ ପାଲଟିଛି।ଟାଟା ଆସେଟ୍ ମ୍ୟାନେଜମେଂଟ୍ର ଉପ ମୁଖ୍ୟ-ଫିକ୍ସଡ୍ ଇନ୍କମ୍ ଅମିତ ସୋମାନି କହିଛନ୍ତି ଯେ, 'ବର୍ତମାନ ମୁଦ୍ରା ନୀତି କୋହଳ ହେଉଥିବା ବେଳେ ନିବେଶକମାନଙ୍କ ଲାଗି ମନି ମାର୍କେଟ୍ ଫଣ୍ଡ ବୁଦ୍ଧିମାନର ଆବଂଟନ ବିକଳ୍ପ ପ୍ରଦାନ କରୁଛି। ରେପୋ ହାର ଏବେ ୫.୫ ପ୍ରତିଶତ ରହିଥିବାରୁ ନିବେଶକମାନେ ନଗଦ ବଜାୟ ରଖି ଏବଂ ଅସ୍ଥିରତାକୁ ସୀମିତ କରି ମନି ମାର୍କେଟ୍ ଫଣ୍ଡ୍ରେ ରେପୋ ତୁଳନାରେ ୦.୫୦-୦.୭୦ ପ୍ରତିଶତ ପର୍ଯ୍ୟ' ଅଧିକ ଆୟ କରିବାର ସମ୍ଭାବନା ରହିଛି।''ମନି ମାର୍କେଟ୍ ଫଣ୍ଡ୍ରେ ସଂଗ୍ରହ କରାଯାଉଥିବା ରାଶିକୁ ଟ୍ରେଜେରି ବିଲ୍, କମର୍ସିଆଲ୍ ପେପର ଓ ସାର୍ଟିଫିକେଟ୍ ଅଫ୍ ଡିପୋଜିଟ୍ ଭଳି ଆର୍ଥିକ ଉପକରଣରେ ନିବେଶ କରାଯାଏ ଯାହା ରିଟର୍ଣ୍ଣ ଓ ସ୍ଥିରତାର ଏକ ସଂତୁଳନ ପ୍ରଦାନ କରିଥାଏ। ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ୍ ସଂଘ (ଆଁ) ଅନୁସାରେ ୨୦୨୫ର ଏପ୍ରିଲ୍ ଓ ମେ'ରେ ଏହି ବର୍ଗ ଚକ୍ରବୃଦ୍ଧି ହାରରେ ୪୨,୭୩୦ କୋଟି ଟଙ୍କାର ନିବେଶ ହାସଲ କରିଛି ଯାହା ଏହି ଉତ୍ପାଦ ଉପରେ ନିବେଶକଙ୍କ ବିଶ୍ୱାସକୁ ଦର୍ଶାଉଛି। ଗତ ଦୁଇ ମାସରେ ଟାଟା ମନି ମାର୍କେଟ୍ ଫଣ୍ଡ୍ ଭୁବନେଶ୍ୱରରୁ ୨୪୪.୬୪ କୋଟି ଟଙ୍କାର ପାଣ୍ଠି ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ସହରରୁ ନିବେଶ ୫୭୦.୦୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି ଯାହା ୨୦୨୩-୨୪ରେ ୩୨.୦୫ କୋଟି ଟଙ୍କା ଥିଲା, ଯାହା ଏହି ଫଣ୍ଡର ୩୦,୦୦୦ କୋଟି ଟଙ୍କାର ପରିଚାଳନା ଅଧୀନ ସଂପତି ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିଛି। ଟାଟା ମନି ମାର୍କେଟ୍ ଫଣ୍ଡର ପ୍ରଦର୍ଶନ ଶୃଙ୍ଖଳିତ ଅବଧି ପରିଚାଳନା ଏବଂ ଉଚ୍ଚ ମାନର କ୍ରେଡିଟ୍ ମାନ ଉପରେ ଧ୍ୟାନ ଉପରେ ଆଧାରିତ।

## ପରିଚାଳନା ନେଟୱ୍ୱର୍କକୁ ଉନ୍ନତ କରିବା ପାଇଁ ୨୦୦୦ କୋଟିର ନିବେଶ କରିବ ଆମାଜନ ଇଣ୍ଡିଆ

ଭୁବନେଶ୍ୱର: ଭାରତର ସବୁଠାରୁ ସୁରକ୍ଷିତ, ଦ୍ରୁତତମ ଓ ନିର୍ଭରଯୋଗ୍ୟ ପରିଚାଳନା ନେଟୱ୍ୱର୍କର ନିର୍ମାଣ ଓ କାର୍ଯ୍ୟକାରିତା ପ୍ରତି ନିଜର ପ୍ରତିବଦ୍ଧତାର ଅଂଶ ଭାବେ ଆମାଜନ ୨୦୨୫ରେ ୨୦୦୦ କୋଟି ଟଙ୍କା (୨୩୩ ମିଲିୟନ ଡଲାର) ନିବେଶ କରିବ। ଏହି ନିବେଶ ଅର୍ଥକ. ପରିଚାଳନା ଭିତିଭୂମିର ସମ୍ପ୍ରସାରଣ ଓ ଅପ୍ଗ୍ରେଡ କରିବା, ସହଯୋଗୀଙ୍କ ସୁରକ୍ଷା ଓ ସୁସ୍ଥତା କାର୍ଯ୍ୟକ୍ରମକୁ ଉନ୍ନତ କରିବା ଏବଂ ଏହର ଫୁଲ୍ଫିଲମେଂଟ ନେଟୱ୍ୱର୍କ ପାଇଁ ନୂଆ ଟୁଲ ଓ ଟେକ୍ନୋଲୋଜି ବିକଶିତ କରିବା ପାଇଁ ବ୍ୟବହାର କରାଯିବ। ଏହା କମ୍ପାନୀକୁ ଭାରତର ସମସ୍ତ ସର୍ଭିସେବୁଲ ପିନକୋଡରେ ସେବା ପ୍ରଦାନ କରିବାରେ ସାହାଯ୍ୟ କରିବ। ଏହି ନିବେଶ କମ୍ପାନୀର ପରିଚାଳନା ନେଟୱ୍ୱର୍କରେ ପ୍ରୋସେସିଂ କ୍ଷମତା ବଢାଇବ, ଫୁଲ୍ଫିଲମେଂଟ ବେଗକୁ ଉନ୍ନତ କରିବ ଓ ଦକ୍ଷତା ବୃଦ୍ଧି କରିବ ଯାହା ଆମାଜନକୁ ଭାରତର ଗ୍ରାହକଙ୍କୁ ଅଧିକ ଦ୍ରୁତ ଓ ନିର୍ଭରଯୋଗ୍ୟ ଭାବେ ସେବା ପ୍ରଦାନ କରିବାରେ ସାହାଯ୍ୟ କରିବ। ଏସମ୍ପର୍କରେ ଆମାଜନ ଇଣ୍ଡିଆ ଓ ଅଷ୍ଟ୍ରେଲିଆର ଅପରେଶନ୍ସ ବିଭାଗର ଭିପି ଅଭିନବ ସିଂହ କହିଛନ୍ତି, 'ଏହି ନୂତନ ନିବେଶ ଆମର ଫୁଲ୍ଫିଲମେଂଟ, ସର୍ଟେଶନ ଓ ଡେଲିଭରି ନେଟୱ୍ୱର୍କରେ ଆମର ପରିଚାଳନାଗୁଡିକୁ ନିରଂର ଭାବେ ବିସ୍ତାର ଓ ଅପ୍ଗ୍ରେଡ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଆମର ଭିତିଭୂମି କ୍ଷମତାଗୁଡିକୁ ମଜବୁତ କରି, ପ୍ରୋସେସିଂ କ୍ଷମତା ବୃଦ୍ଧି କରି ଓ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଉପଯୋଗ କରି ଆମେ ଆମାଜନକୁ ଭାରତବ୍ୟାପୀ ଗ୍ରାହକଙ୍କୁ ସର୍ବୋତମ ସେବା ପ୍ରଦାନ କରିବା ପାଇଁ ସୁବ୍ୟବସ୍ଥିତ କରୁଛୁ ଏବଂ ଆମର କର୍ମଚାରୀ, ଆସୋସିଏଟ ଓ ପାର୍ଟନରଙ୍କୁ ସହଯୋଗ କରୁଛୁ ଯିଏ ଆମ ପରିଚାଳନାର କେନ୍ଦ୍ର ଅଟନ୍ତି।' ଆମାଜନ ଏହାର ନିବେଶ ଏବଂ ପରିଚାଳନା ନେଟୱ୍ୱର୍କରେ କର୍ମଚାରୀ ଓ ସହଯୋଗୀଙ୍କ ସ୍ୱାସ୍ଥ୍ୟ ଓ ଆର୍ଥିକ କଲ୍ୟାଣକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଥିବା ପଦକ୍ଷେପଗୁଡିକର ବିସ୍ତାର ଜାରି ରଖିବ। ଏଥିରେ ଡେଲିଭରି ଆସୋସିଏଟଙ୍କ ପାଇଁ, ଏପରିକି ଆମାଜନ ପାଇଁ ଡେଲିଭରି କରୁନଥିବା ଡେଲିଭରି ଆସୋସିଏଟଙ୍କ ପାଇଁ ମଧ୍ୟ ଉତ୍ସର୍ଗୀକୃତ ବିଶ୍ରାମ କେନ୍ଦ୍ର ପ୍ରଦାନ କରିବା ପାଇଁ 'ଆଶ୍ରୟ' ଭଳି ପ୍ରୋଗ୍ରାମଗୁଡିକର ବିସ୍ତାର ସାମିଲ ରହିଛି ଯାହା ଆସୋସିଏଟଙ୍କୁ ବସିବା ସ୍ଥାନ, ପାନୀୟ ଜଳ, ଚାର୍ଜିଂ ଷ୍ଟେସନ ଓ ୱାଶରୁମ ସୁବିଧା ପ୍ରଦାନ କରୁଛି। ଆମାଜନ ଡେଲିଭରି ଆସୋସିଏଟ ଓ ପାର୍ଟନରଙ୍କୁ ଅସୁରକ୍ଷିତ ବେଗ ସମ୍ପର୍କରେ ସତର୍କ କରାଇବା ଏବଂ ବିଶ୍ରାମ ବିରତି ପାଇଁ ପ୍ରୋତ୍ସାହିତ କରିବା ଲାଗି ନୂତନ ଟେକ୍ନୋଲୋଜିଗୁଡିକର ବ୍ୟବହାର କରି ସଡକ ସୁରକ୍ଷା ବୃଦ୍ଧି କରିବା ଜାରି ରଖିଛି। ଆମାଜନ ରାସ୍ତାର ଜଟିଳତାକୁ ମାପୁଥିବା ଏବଂ ଡେଲିଭରି ରୁଟଗୁଡିକର ସମାନ ବିତରଣ ନିଶ୍ଚିତ କରିବା ପାଇଁ ଟୁଲଗୁଡିକରେ ନିବେଶ କରୁଛି, ଏଥିସହିତ ପ୍ରତ୍ୟେକ ଡେଲିଭରି ପାଇଁ ପର୍ଯ୍ୟାପ୍ତ ସମୟର ଅନୁମତି ଦେଉଛି। ଆମାଜନ ଡ୍ରାଇଭର ଅନ୍ବୋର୍ଡିଂ ପ୍ରୋସେସକୁ ଶୃଙ୍ଖଳିତ କରୁଛି ଏବଂ ଉତମ ଆୟ ସ୍ୱଚ୍ଛତା ଓ ଲାଭ ସୂଚା ପାଇଁ ଡ୍ରାଇଭର ଆପ୍କୁ ଉନ୍ନତ କରିଛି।

# ଚର୍ମର ସାମଗ୍ରିକ ସୁସ୍ଥତା କ୍ଷେତ୍ରରେ ଆଲମଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା



ଭୁବନେଶ୍ୱର : ଚଳିତବର୍ଷ ବିଶ୍ୱ ଚର୍ମ ସ୍ୱାସ୍ଥ୍ୟ ଦିବସରେ, 'ଚର୍ମ ସ୍ୱାସ୍ଥ୍ୟ ବିନା କୌଣସି ସ୍ୱାସ୍ଥ୍ୟ ନାହିଁ' ବିଷୟବସ୍ତୁ ସାମଗ୍ରିକ ସୁସ୍ଥତାରେ ଚର୍ମର ଭୂମିକାକୁ ଗୁରୁତ୍ୱ ଦେଉଛି। ଚର୍ମ ସ୍ୱାସ୍ଥ୍ୟ ଏବେ ପ୍ରତିଦିର ଆହାର ବିକଳ୍ପ ସହିତ ଆରମ୍ଭ ହେଉଛି। ଭିଟାମିନ ଇ ଓ ସୁସ୍ଥ ଚର୍ବିରେ ଭରପୂର କାଲିଫର୍ଣ୍ଣିଆ ଆଲମଣ୍ଡ ଭଳି ତ୍ୱଚା-ଅନୁକୂଳ ଖାଦ୍ୟକୁ ଆହାରରେ ସାମିଲ କରିବା ଦ୍ୱାରା ତାହା ତ୍ୱଚାର ସ୍ୱାସ୍ଥ୍ୟରେ ସହଯୋଗ କରିଥାଏ। କାଲିଫର୍ଣ୍ଣିଆ ଆଲମଣ୍ଡଗୁଡିକ ୧୫ଟି ଜରୁରୀ ପୋଷକତତ୍ତ୍ୱର ପାୱାର ହାଉସ ଅଟେ ଯାହା ତ୍ୱଚାର ଟେକ୍ସଚର ଓ ଟୋନ ଉନ୍ନତ କରିବାରେ ସାହାଯ୍ୟ କରେ। ଏହାର ଭିଟାମିନ ଇ ଓ ସୁସ୍ଥ ଚର୍ବି ଭଳି ପୋଷଣତତ୍ତ୍ୱରେ ଆଂଟି-ଏଜିଂର ଗୁଣ ରହିଛି। ଅନେକ ଅଧ୍ୟୟନ ଦର୍ଶାଇଛି ଯେ, ନିୟମିତ ଆଲମଣ୍ଡ ଖାଇବା ଦ୍ୱାରା ମୁହଁରେ ରିଙ୍କିଲ୍ସ ବା କୁଂଚନ ହ୍ରାସ ହୋଇଥାଏ। ଏହାଛଡା ଏହା ୟୁଭିବି ରଶ୍ମୀ ବିରୋଧରେ ତ୍ୱଚାକୁ ସୁରକ୍ଷା ଦେଇଥାଏ। ଆଧୁନିକ ବିଜ୍ଞାନ ବ୍ୟତୀତ ଆୟୁର୍ବେଦ, ସିଦ୍ଧ ଓ ଉନାନି ଭଳି ପାରମ୍ପରିକ ପ୍ରଣାଳୀଗୁଡିକ ବହୁପୂର୍ବରୁ ଆଲମଣ୍ଡକୁ ଏହାର ତ୍ୱଚାର ଉପକାରିତା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ବିଶ୍ୱ ଚର୍ମ ସ୍ୱାସ୍ଥ୍ୟ ଦିବସ ଓ ଚର୍ମ ପାଇଁ ଯତ୍ନ ସମ୍ପର୍କରେ ସ୍କିନ ଏକ୍ସପର୍ଟ ଓ କସ୍ମେଟୋଲୋଜିଷ୍ଟ ଡକ୍ଟର ଗୀତିକା ମିତଲ ଗୁପ୍ତା କହିଛନ୍ତି, 'ପର୍ଯ୍ୟାପ୍ତ ପରିମାଣରେ ନିଦ୍ରା, ସକ୍ରିୟ ରହିବା ଓ ଏକ ସଂତୁଳିତ , ପୋଷଣ-ସମୃଦ୍ଧ ଆହାର ସେବନ କରିବା, ଏକ ସୁସ୍ଥ ତ୍ୱଚା ବଜାୟ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମୋର ଅନ୍ୟତମ ଶୀର୍ଷ ପରାମର୍ଶ ହେଉଛି ଆପଣଙ୍କର ପ୍ରତିଦିନର ଆହାରରେ ଏକ ମୁଠା ଆଲମଣ୍ଡକୁ ସାମିଲ କରିବା। ସେଗୁଡିକ ଭିଟାମିନ ଇ, ପ୍ରୋଟିନ, ଜିଙ୍କ ଓ କପରରେ ସମୃଦ୍ଧ ଅଟେ ଯାହା ତ୍ୱଚାକୁ ପୋଷଣ ପ୍ରଦାନ କରିଥାଏ।' ସେହିଭଳି ଲୋକପ୍ରିୟ ବଲିଉଡ ଅଭିନେତ୍ରୀ ସୋହା ଅଲୀ ଖାନ କହିଛନ୍ତି, 'ଆମକୁ ଦୀର୍ଘ ସମୟ ଧରି ଅତ୍ୟଧିକ ମେକଅପରେ ରହିବାକୁ ପଡିଥାଏ ଯାହା ତ୍ୱଚା ଉପରେ ଚାପ ପକାଇଥାଏ ଓ ଚିଡିଚିଡା ଅନୁଭବ କରାଇଥାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ମୁଁ ତ୍ୱଚା ଅନୁକୂଳ ଖାଦ୍ୟ ସହ ଏକ ସଂତୁଳିତ ଆହାର ଖାଇଥାଏ ଓ ସ୍କିନକେୟାର ରୁଟିନ ଅନୁସରଣ କରିଥାଏ। ମୁଁ ସବୁବେଳେ କାଲିଫର୍ଣ୍ଣିଆ ଆଲମଣ୍ଡର ଏକ ଛୋଟ ବକ୍ସ ମୋ ସହ ରଖିଥାଏ ଯାହା ମୋତେ ବାରମ୍ବାର ଭୋକ ନଲାଗିବା ଓ ପ୍ରୋସେସ୍ଡ ଖାଦ୍ୟରୁ ଦୂରେଇ ରହିବାରେ ସାହାଯ୍ୟ କରିଥାଏ। ଆଲମଣ୍ଡ ଭିଟାମିନ ଇରେ ସମୃଦ୍ଧ ହୋଇଥିବାରୁ ତ୍ୱଚାକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।ସେହିପରି ମ୍ୟାକ୍ସ ହେଲ୍ଥକେୟାର, ନୂଆଦିଲ୍ଲୀର ଡାଏଟେଟିକ୍ସ ବିଭାଗର ଆଂଚଳିକ ମୁଖ୍ୟ ରିତିକା ସମାଦାର କହିଛନ୍ତି, 'କେବଳ ଏକ ମୁଠା ଆଲମଣ୍ଡ, ପ୍ରଚୁର ପରିମାଣର ପନିପରିବା, ଋତୁକାଳିନ ଫଳ ଓ ଏକ ସଂତୁଳିତ ଆହାର ସହିତ ଜଣେ ବାସ୍ତବରେ ନିଜ ତ୍ୱଚାରେ ଭିନ୍ନତା ଆଣିପାରିବେ। ଏହି ପୋଷଣ-ସମୃଦ୍ଧ ଆଲମଣ୍ଡ ଭିଟାମିନ ଇ ଓ ହେଲ୍ଦି ଫ୍ୟାଟରେ ଭରି ରହିଛି। ଏହା ଜଙ୍କ ଫୁଡ କ୍ରେଭିଙ୍ଗ୍ସକୁ ଏଡାଇବା ପାଇଁ ଏକ ଭଲ ସ୍ନାକ ମଧ୍ୟ ଅଟେ।' ଆଲମଣ୍ଡର ଉପକାରିତା ସମ୍ପର୍କରେ ଆୟୁର୍ବେଦ ବିଶେଷଜ୍ଞ ମଧୁମିତା କ୍ରିଷ୍ଣନ କହିଛନ୍ତି, ' ଫଳ, ପନିପରିବା ଓ ଆଲମଣ୍ଡ ଭଳି ନଟ୍ସରେ ସମୃଦ୍ଧ ଆହାର ସାମଗ୍ରିକ ଚର୍ମ ସ୍ୱାସ୍ଥ୍ୟରେ ସହାୟକ ହୋଇଥାଏ।' ଫିଟନେସ୍ ମାଷ୍ଟର ପିଲେଟ୍ସ ଇନ୍ଷ୍ଟ୍ରକ୍ଟର ଯାସମିନ କରାଚିୱାଲା କହିଛନ୍ତି, 'ମୁଁ ଆଲମଣ୍ଡ, ଋତୁକାଳିନ ଫଳ, ପନିପରିବା, ଶସ୍ୟ ଭଳି ଖାଦ୍ୟଗୁଡିକୁ ନିଜ ଆହାରରେ ଅଂର୍ଭୁକ୍ତ କରିବାକୁ ପରାମର୍ଶ ଦେବି ଯାହା ତ୍ୱଚାର ପୋଷଣ ଆବଶ୍ୟକତାକୁ ପୂରଣ କରିଥାଏ।' ସେହିପରି ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଶ୍ରିୟା ସରନ ମଧ୍ୟ କହିଛନ୍ତି, 'ଆଲମଣ୍ଡଗୁଡିକ ମୋର ଗୋ-ଟୁ ସ୍ନାକ ଅଟେ ଯାହା ଆଂଟିଅକ୍ସିଡାଂଟ, ଫାଇବର ଓ ପ୍ରୋଟିନରେ ପରିପୂର୍ଣ୍ଣ ଅଟେ, ଯାହା ମୋତେ ଶକ୍ତିସମ୍ପନ୍ନ ରଖିବା ସହ ସାମଗ୍ରିକ ଚର୍ମ ସ୍ୱାସ୍ଥ୍ୟରେ ସହଯୋଗ କରିଥାଏ।

## ବିରଲା ଓପସ ପେଂଟସର ନୂତନ ଅଭିଯାନର ଶୁଭାରମ୍ଭ




ଭୁବନେଶ୍ୱର : ଆଦିତ୍ୟ ବିର୍ଲା ଗ୍ରୁପର ଗ୍ରାସିମ ଇଣ୍ଡଷ୍ଟ୍ରୀଜ, ଅଧିନସ୍ଥ ବିରଲା ଓପସ ପେଂଟସ୍ ଏହାର ମୂଳ ଦର୍ଶନ 'ଦୁନିଆ କୋ ରଙ୍ଗ୍ ଦୋ' ଉପରେ ଆଧାର କରି ଏକ ନୂଆ ବ୍ରାଣ୍ଡ କ୍ୟାମ୍ପେନ ଉନ୍ମୋଚନ କରିଛି। ଏହା ହେଉଛି ଏକ ହୃଦୟସ୍ପର୍ଶୀ ଜାତୀୟସ୍ତରୀୟ ଅଭିଯାନ ଯାହା କିମ୍ବଦଂ'ୀ ଗେଟ୍ୱେ ଅଫ୍ ଇଣ୍ଡିଆଠାରୁ ଆରମ୍ଭ କରି ଭାରତର କାଳଜୟୀ ସ୍ମାରକୀଗୁଡିକୁ ଜୀବ' କରିଛି ଏବଂ ରଙ୍ଗର ଶକ୍ତି କିଭଳି ଦେଶବ୍ୟାପୀ ଗୌରବ, ସୌନ୍ଦର୍ଯ୍ୟ ଓ ରୂପା'ରଣକୁ ପୁନର୍ଜୀବିତ କରିପାରିବ ତାହାକୁ ଉନ୍ମୋଚିତ କରୁଛି। ଆନିମେଟେଡ୍ ପଦ୍ଧତି ସହିତ ଜାରି ରଖି, ଏହି ହୃଦୟସ୍ପର୍ଶୀ ଫିଲ୍ମଟି ଓପସ୍ ବୟକୁ ପୁନଃ ପରିଚିତ କରାଇଛି, ଯାହା ଚାରିପାଖର ଦୁନିଆକୁ ରଙ୍ଗୀନ କରିବା ଏବଂ ଆନନ୍ଦ ବିସ୍ତାର କରିବାର ପ୍ରୟାସରେ, ରଙ୍ଗ ମାଧ୍ୟମରେ ପରିବର୍ତନର ମୂଳଦୁଆକୁ ଆହୁରି ଗଭୀର କରିଛି। ଚଳିତ ଥର ଏକ ସମୃଦ୍ଧ, ନିମଜ୍ଜିତ ଅନୁଭୂତି ସୃଷ୍ଟି କରିବା ପାଇଁ ୩ଡି ଫିଚର ଆନିମେଶନକୁ ଭାରତର ଅନ୍ୟତମ ଆଇକୋନିକ ଭିଜୁଆଲଗୁଡିକର ପୃଷ୍ଠଭୂମିରେ ସେଟ୍ କରାଯାଇଛି। ଏହି ନୂଆ କ୍ୟାମ୍ପେନ ଓପସ୍ ବୟର ଆରମ୍ଭ କରିଥିବା ପ୍ରିମିୟର କ୍ୟାମ୍ପେନର ସଫଳତା ଉପରେ ଆଧାରିତ ଯାହା କମ୍ପାନୀର ଲକ୍ଷ୍ୟକୁ ଆଗକୁ ବଢାଉଛି। ଏହା ପ୍ରତ୍ୟେକ ସ୍ତରରେ କେବଳ ସ୍ଥାନଗୁଡିକୁ ନୁହେଁ, ବରଂ ଦୃଷ୍ଟିକୋଣକୁ ପରିବର୍ତନ କରିବା ପାଇଁ ରଙ୍ଗର ଶକ୍ତିକୁ ପ୍ରକାଶ କରୁଛି। ଏହି ଫିଲ୍ମର ଶୁଭାରମ୍ଭ ସମ୍ପର୍କରେ ବିର୍ଲା ଓପସ୍ ପେଂଟ୍ସର ସିଇଓ ରକ୍ଷିତ ହର୍ଗଭେ କହିଛନ୍ତି, ' ଆମର ପୂର୍ବ କ୍ୟାମ୍ପେନଗୁଡିକରୁ ମିଳିଥିବା ପ୍ରଭାବଶାଳୀ ବାର୍ତା ଓ ଦର୍ଶକଙ୍କ ପ୍ରତିକ୍ରିୟାକୁ ଅନୁସରଣ କରି ଆମେ ଗର୍ବର ସହିତ ଆମର ନୂଆ କ୍ୟାମ୍ପେନକୁ ଶୁଭାରମ୍ଭ କରିଛୁ ଯାହା ଜୀବ' ରଙ୍ଗ ଓ ଶୈଳୀଗୁଡିକ ମାଧ୍ୟମରେ ପରିବର୍ତନର ସମ୍ଭାବନାକୁ ପରିକଳ୍ପନା କରି ଭାରତର ଐତିହ୍ୟକୁ ପାଳନ କରିଛି।' ସେହିପରି ବିର୍ଲା ଓପସ୍ ପେଂଟସ୍ର ମାର୍କେଟିଂ ବିଭାଗର ମୁଖ୍ୟ ଇନ୍ଦରପ୍ରିତ ସିଂହ କହିଛନ୍ତି, 'ଜାତୀୟ ଐତିହାସିକ ସ୍ଥାନ ଓ ଗଭୀର ସାଂସ୍କୃତିକ ମହତ୍ୱ ସହ ଆମର ପେଂଟ୍ଗୁଡିକର ସମ୍ଭାବନାକୁ ପ୍ରଦର୍ଶିତ କରି, ଆମେ ଆଶାର ଏକ ଶକ୍ତିଶାଳୀ କାହାଣୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ପ୍ରତ୍ୟେକ ଭାରତୀୟଙ୍କୁ ସେମାନଙ୍କ ଚାରିପାର୍ଶ୍ୱରେ ଥିବା ସୌନ୍ଦର୍ଯ୍ୟତା ଓ ପେଂଟ୍ର ପରିବର୍ତନଶୀଳ କ୍ଷମତାକୁ ମନେ ପକାଇବ।' ଲିଓ ଇଣ୍ଡିଆର ଚିଫ୍ କ୍ରିଏଟିଭ ଅଫିସର ସଚିନ କାମ୍ବଲେ କହିଛନ୍ତି, 'ବହୁପ୍ରଶଂସିତ ଲଂଚ୍ ଫିଲ୍ମର ସଫଳତା ଉପରେ ଭିତି କରି ଏହି ନୂଆ ସେଟ୍ର ବିର୍ଲା ଓପସ୍ ଫିଲ୍ମଗୁଡିକ 'ଦୁନିଆ କୋ ରଙ୍ଗ ଦୋ' ବିଚାରଧାରାକୁ ପ୍ରଦର୍ଶିତ କରୁଛି। ଏହି ଫିଲ୍ମର ବାର୍ତାକୁ ଲିଓ ଇଣ୍ଡିଆ ଓ ଜୋମ୍ବି ଷ୍ଟୁଡିଓଜ୍, ବ୍ରାଜିଲ ଦ୍ୱାରା ପରିକଳ୍ପନା କରାଯାଇଛି।

# ଇରେଡାର କ୍ୟୁ୧ରେ ଆବଂଟନ ୩୧%, ଲୋନ୍ ବୁକ୍ରେ ୨୭% ବୃଦ୍ଧି

ENERGY FOR EVER
इरेडा IREDA
ONCE IREDA ALWAYS IREDA
(A Navratna CPSE)

ଭୁବନେଶ୍ୱର: ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ୍ (ଇରେଡା) ପକ୍ଷରୁ ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ପ୍ରଥମ ତ୍ରୈମାସିକରେ ଉଲ୍ଲେଖନୀୟ ଆର୍ଥିକ ଫଳାଫଳ ହାସଲ କରିଛି। ଏହି ସମୟରେ କମ୍ପାନିର ଋଣ ମୁର ୨୯ ପ୍ରତିଶତ ବୃଦ୍ଧି ପାଇ ୧୧,୭୪୦ କୋଟି ଟଙ୍କା ହୋଇଛି ଯାହା ପୂର୍ବବର୍ଷ ସେହି ସମୟରେ ୯୧୩୬ କୋଟି ଟଙ୍କା ଥିଲା। ଋଣ ଆବଂଟନ ୩୧ ପ୍ରତିଶତ ବୃଦ୍ଧି ପାଇ ୬୯୮୧ କୋଟି ଟଙ୍କା ହୋଇଛି ଯାହା ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୫୩୨୬ କୋଟି ଟଙ୍କା ଥିଲା। କମ୍ପନିର ବକେୟା ଲୋନ୍ ବୁକ୍ ୨୦୨୫ ଜୁନ୍ ୩୦ ସୁଦ୍ଧା ୭୯,୯୬୦ କୋଟି ଟଙ୍କାରେ ପହଂଚିଛି। ପୂର୍ବବର୍ଷର ୬୩,୨୦୭ କୋଟି ଟଙ୍କା ତୁଳନାରେ ତାହା ୨୭ ପ୍ରତିଶତ ଅଧିକ। ଇରେଡାର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଦାସ କହିଛନ୍ତି ଯେ, 'ଆମର ପ୍ରଥମ ତ୍ରୈମାସିକ ଅଭିବୃଦ୍ଧି ଭାରତର ଅକ୍ଷୟ ଶକ୍ତି ବ୍ୟବସ୍ଥାରେ ଇରେଡାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଛି। ଏହି ସଂଖ୍ୟା ଉଭୟ ବର୍ଦ୍ଧିତ ଚାହିଦା ଏବଂ ପ୍ରଭାବଶାଳୀ ଫାଇନାନ୍ସ ସମାଧାନ ପ୍ରତି ପ୍ରତିକ୍ରିୟା ପ୍ରସ୍ତୁତିକୁ ପ୍ରତିଫଳିତ କରୁଛି।ନିରଂର ସମର୍ଥନ ପାଇଁ ମାନ୍ୟବର ନୂଆ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ, ନୂଆ ଓ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ, ଏମ୍ଏନ୍ଆର୍ଇ ସଚିବ, ନିର୍ଦ୍ଦେଶକମାନଙ୍କ ବୋର୍ଡ ଓ ସମସ୍ତ ଅଂଶୀଦାରକୁ ସେ ସମର୍ଥନ କରିଛନ୍ତି ଏବଂ ନିରବଚ୍ଛିନ୍ନ ଅବଦାନ ପାଇଁ ଇରେଡା ଟିମ୍କୁ ଧନ୍ୟବାଦ ଜଣାଉଛି।

# ଓଡ଼ିଶାରେ ଜିଓର ଡିଜିଟାଲ କ୍ରାନ୍ତି: ପାଞ୍ଚ ଲକ୍ଷରୁ ଅଧିକ ଜିଓଫାଇବର ଓ ଜିଓଏୟାରଫାଇବର ଗ୍ରାହକ ମାଇଲଖୁଣ୍ଟ ହାସଲ

ଭୁବନେଶ୍ୱର: ଓଡ଼ିଶାରେ ଏହାର ଜୟ ଯାତ୍ରାରେ ଆଉ ଏକ ନୂତନ ଅଧ୍ୟାୟ ଯୋଡିବା ସହିତ ରିଲାଏନ୍ସ ଜିଓ ରାଜ୍ୟରେ ପାଞ୍ଚ ଲକ୍ଷରୁ ଅଧିକ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକ ହାସଲର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ଜିଓ ଓଡ଼ିଶାରେ ଏହି ମାଇଲଖୁଣ୍ଟ ହାସଲ କରିବାରେ ପ୍ରଥମ ଏବଂ ଏକମାତ୍ର ସେବା ପ୍ରଦାନକାରୀ ହୋଇଛି। ଭାରତୀୟ ଦୂରସଂଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ




ଅନୁଯାୟୀ, ୩୧ ମେ, ୨୦୨୫ ସୁଦ୍ଧା ଓଡ଼ିଶାରେ ରିଲାଏନ୍ସ ଜିଓର ୩.୨୭ ଲକ୍ଷରୁ ଅଧିକ ଜିଓଫାଇବର ଏବଂ ୧.୮ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ରହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜିଓ ମେ ମାସରେ ସାରା ଭାରତରେ ୯.୯ ଲକ୍ଷ ନୂତନ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକ ଯୋଡିଥିଲା। ଓଡ଼ିଶାରେ ହୋମ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଜିଓର ପ୍ରାଧାନ୍ୟ ଏହି ତଥ୍ୟରୁ ଅନୁମାନ କରାଯାଇପାରେ ଯେ ଜିଓର ଏହି କ୍ଷେତ୍ରରେ ୬୩ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ରହିଛି ଏବଂ ମେ ମାସରେ ଓଡ଼ିଶାରେ ୱାୟାରଲାଇନ୍ ଓ ଏଫଡବ୍ଲ୍ୟୁଏ କ୍ଷେତ୍ରରେ ମୋଟ ନୂତନ ଗ୍ରାହକଙ୍କ ମଧ୍ୟରୁ କେବଳ ଜିଓ ୭୫ ପ୍ରତିଶତରୁ ଅଧିକ ଗ୍ରାହକ ଯୋଡିଛି। ୱାୟାରଲାଇନ୍ କ୍ଷେତ୍ରରେ, ଜିଓର ସର୍ବାଧିକ ୩.୨୭ ଲକ୍ଷରୁ ଅଧିକ ଗ୍ରାହକ ଅଛନ୍ତି, ଯାହା ନିକଟତମ ପ୍ରତିଯୋଗୀ କମ୍ପାନୀ ତୁଳନାରେ ଦୁଇଗୁଣ ଅଧିକ। ସେହିପରି, ଏଫଡବ୍ଲ୍ୟୁଏ କ୍ଷେତ୍ରରେ ପ୍ରାଧାନ୍ୟ ବଜାୟ ରଖି ଜିଓଏୟାରଫାଇବର ୮୪ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଥିବା ବେଳେ ଏହାର ୧.୮ ଲକ୍ଷରୁ ଅଧିକ ଗ୍ରାହକ ରହିଛନ୍ତି, ଯାହା ନିକଟତମ ପ୍ରତିଯୋଗୀଙ୍କ ଗ୍ରାହକ ସଂଖ୍ୟାର ପାଞ୍ଚ ଗୁଣ ରହିଛି। ତଥ୍ୟ ଅନୁଯାୟୀ, ଜିଓ ୨୦୨୫ ମେ ମାସରେ ଓଡ଼ିଶାରେ ୩୪,୦୦୦ ରୁ ଅଧିକ ନୂତନ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକ ଯୋଡିଛି। ଏହି ମାସରେ ଓଡ଼ିଶାରେ ୱାୟାରଲାଇନ୍ ଏବଂ ଏଫଡବ୍ଲ୍ୟୁଏ କ୍ଷେତ୍ରରେ ମୋଟ ୪୫,୫୯୩ ଗ୍ରାହକ ଯୋଡି ହୋଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ଜିଓର ଲୋକପ୍ରିୟ ଏଫଡବ୍ଲ୍ୟୁଏ ସେବା ଜିଓଏୟାରଫାଇବର ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତିକରଣକୁ ଆଗକୁ ବଢ଼ାଉଛି। ବିଶେଷକରି ଗ୍ରାମୀଣ ଏବଂ ସହର ଉପକଣ୍ଠ ଅଂଚଳରେ ଏହା ଶେଷ ମାଇଲ୍ ଫାଇବର ସଂଯୋଗର ସମସ୍ୟାକୁ ଦୂର କରି ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ସଂଯୋଗ କରିଥାଏ ଯାହା ପୂର୍ବରୁ ସେମାନଙ୍କର ପରିସରରେ ଅିକାଲ୍ ଫାଇବର ବିସ୍ତାର କରିବାରେ ଜଟିଳତା ଯୋଗୁଁ ଗୁଣାତ୍ମକ ଗୃହ ମନୋରଞ୍ଜନ ଏବଂ ବ୍ରଡବ୍ୟାଣ୍ଡର ସୁବିଧା ପାଇନଥିଲା। ଏହା ସହଜ ଉପଲବ୍ଧତା ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣକୁ ପୁନଃପରିଭାଷିତ କରି ଛାତ୍ରଛାତ୍ରୀ, ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାର ସମେତ ଲକ୍ଷ ଲକ୍ଷ ଲୋକଙ୍କୁ ସଶକ୍ତ କରିଛି, ଯେଉଁମାନେ ୮୦୦ ରୁ ଅଧିକ ଟିଭି ଚ୍ୟାନେଲ୍, ୧୧ ରୁ ଅଧିକ ଲୋକପ୍ରିୟ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ କିଛି ନିରବଚ୍ଛିନ୍ନ ଭାବେ ଉପଭୋଗ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ନିକଟରେ ଆଇସିଆଇସିଆଇ ସିକ୍ୟୁରିଟିଜ ଦ୍ୱାରା ପ୍ରକାଶିତ ଏକ ବିଶ୍ଳେଷଣ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ରିଲାଏନ୍ସ ଜିଓ ଖୁବଶୀଘ୍ର ବିଶ୍ୱସ୍ତରରେ ସର୍ବବୃହତ ଏଫଡବ୍ଲ୍ୟୁଏ ସେବା ପ୍ରଦାନକାରୀ ହେବା ପଥରେ ରହିଛି।

## ଆର୍ଯ୍ୟନ ଲେହେଙ୍ଗା ଓ ଗ୍ରାଉନ ରେଣ୍ଟାଲ ଉଦ୍‌ଘାଟିତ



ଭୁବନେଶ୍ୱର /ଭଦ୍ରକ: ଭୁବନେଶ୍ୱରସ୍ଥିତ ରସୁଲଗଡ ର ଚଣ୍ଡିମାତା କଲୋନୀ ଠାରେ ସିନେ ତାରକା କାନ୍ତା ସିଂ ଙ୍କ ପକ୍ଷରୁ ନୂତନ କରି ଖୋଲାଯାଇଥିବା ଆର୍ଯ୍ୟନ ଲେହେଙ୍ଗା ଓ ଗ୍ରାଉନ ରେଣ୍ଟାଲ କୁ ଉଦଘାଟନ କଲେ ଓଡିଶା ତେଜସ୍ବୀନି ମହିଳା ସଂଗଠନର ମାର୍ଗଦର୍ଶକ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ସଭାପତି କଳ୍ପନା ଜେନା, ସମ୍ପାଦିକା ସୁଶ୍ରୀ ଅଞ୍ଜନା ମିଶ୍ର ଓ ଉପସଭାପତି ଚୈତାଳୀ ଖିଲାର ଓ ସାଂସ୍କୃତିକ ସମ୍ପାଦିକା ରିଚା ମହାନ୍ତି ଏଥି ସହିତ ମହିଳା ଙ୍କ ପାଇଁ ଉଦିଷ୍ଟ ଏହି ପୋଷାକ ମଧ ଭଡ଼ା ସୂତ୍ର ରେ ଉପଲବ୍ଧ ବୋଲି ଉଦ୍ୟକ୍ତା ତଥା ଆର୍ଯ୍ୟନ ଟିମ ମୁଖ୍ୟ କାନ୍ତା ସିଂ କହିଛନ୍ତି ଏକ ବର୍ଣାଢ୍ୟ ପରିବେଶ ରେ ଏହି ଗ୍ରାଣ୍ଡ ସୋ ରୁମକୁ ଉଦଘାଟନ କରାଯାଇଥିଲା ଏହି ଅବସରରେ ହଜାର ହଜାର ନିମନ୍ତ୍ରିତ ସଦସ୍ୟ /ସଦସ୍ୟା ଉପସ୍ଥିତ ଥିଲେ

## ସୁପ୍ରଭାତ ସଂଗଠନ ପକ୍ଷରୁ ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭା

ଭଦ୍ରକ: ଭଦ୍ରକର ସାଳନ୍ଦୀ ବାଇପାସ ସ୍ଥିତ ହରେକୃଷ୍ଣ ସଦଭାବନା କକ୍ଷ ଠାରେ ଆଜି ମଙ୍ଗଳବାର ସକାଳ ୧୦ଘଟିକା ରେ ସୁପ୍ରଭାତ ସଂଗଠନ ପକ୍ଷରୁ ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ସଂଗଠନ ର ସଭାପତି ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଙ୍କ ସଭାପତତ୍ୱରେ ଓ ସଂଗଠନ ର ଆବାହକ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର ଙ୍କ ସଂଯୋଜନା ରେ ଧାମନଗର ର ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଭଦ୍ରକ ଜିଲ୍ଲା ହେଉଛି ସାହିତ୍ୟ ଓ ସଂସ୍କୃତି ର ମାଟି ଏଠାରେ ବହୁ ସାହିତ୍ୟିକ ଓ ଶିକ୍ଷାବିତ ଅଛନ୍ତି କିନ୍ତୁ ଶିକ୍ଷାବିତମାନଙ୍କ ର କର୍ତ୍ତବ୍ୟ ଓ ଉତ୍ତରଦାୟିତ୍ୱ ରେ ଦେଶ ତଥା ସମାଜ ର ଅଗ୍ରଗତି ହୋଇପାରିଛି ଏଭଳି ଶିକ୍ଷା ବିତ ହେଉଛନ୍ତି ପ୍ରଧାନ ଶିକ୍ଷକ ଅରୁଣ କୁମାର ମଲ୍ଲିକ ଯିଏ କି ଖାଲି ଶିକ୍ଷା ଦାନ କରୁ ନଥିଲେ ଛାତ୍ର ଛାତ୍ରୀ ମାନଙ୍କୁ ସମସ୍ତ ଗୁଣର ଅଧିକାରୀ କରାଇ ପାରିଛନ୍ତି ଯାହାକି ଗତକାଲି ସାହାଡ଼ା ବିଦ୍ୟାଳୟ ରେ ତାଙ୍କୁ ଏକ ଶୋଭାଯାତ୍ରା ରେ ଉଚ୍ଚସ୍ତିତ ସମ୍ବର୍ଦ୍ଧନା ଦିଆଯାଇ ଥିବାରୁ ଜଣା ପଡେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ଏହି ଅବସରରେ ସାହାଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ମଲିକଙ୍କୁ ସଂଗଠନ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଶିଷ୍ଟ ଅତିଥି ଭାବେ ଓଷ୍ଟା ସଂଘ ର ଚାନ୍ଦବାଲି ବ୍ଲକ ସଭାପତି ପ୍ରଭାକର ପରିଡା , ସାମାଜିକ କର୍ମୀ ପ୍ରଦୀପ




କୁମାର ବଳ, ରବୀନ୍ଦ୍ର କୁମାର ବିଶ୍ୱାଳ, ସୁରେନ୍ଦ୍ର ମୋହନ ରାୟ ସୁରେଶ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ଅରୁଣ ଜ୍ୟୋତି ପୁସ୍ତକ ଓ ସ୍ୱରାଜ ବାର୍ତ୍ତା ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ହୋଇଥିଲା ଖବର ଦାତା ସଂଜୀବ ନାୟକ ମଞ୍ଚ ଆମନ୍ତ୍ରଣ,ଅକ୍ଷୟ ନାୟକ ଅତିଥି ପରିଚୟ ଓ ସୁଜୟ ପାକଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶେଷରେ ହରେକୃଷ୍ଣ ସାହୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ

## ହେଲାନାହିଁ ପୋଲ,ନଦୀରେ ଭାଷିଗଲେ ଚାଷୀ



ଖଇରା: ବାରମ୍ବାର ଦାବି ପରେ ହେଇ ପାରିଲା ନାହିଁ ପୋଲ, ଶେଷରେ ନଦୀରେ ଭାଷିଗଲେ ଚାଷୀ । ଏମିତି ଏକ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସିମୁଳିଆ ଥାନା ଅଧିନ ଅମରିଆ-ଆଗ୍ନିପୁର ପଞ୍ଚାୟତ ଅମରିଆ ଗ୍ରାମରେ । ଗ୍ରାମର ଚାଷୀ ଗଜେନ୍ଦ୍ର ବେହେରା(୫୨) ସୋମବାର ଦିନ ଅପରାହ୍ନରେ ନିଜର ଚାଷୀ ଜମି ଦେଖିବାକୁ ଚାଷକ୍ଷେତକୁ ଯାଇଥିଲେ । ଯିବା ରାସ୍ତାରେ ଏକ ନଦୀ ପଡେ । ସେହି ନଦୀ ପାରିହୋଇ ଚାଷ ଜମିକୁ ଯିବାକୁ ପଡେ । ବାରମ୍ବାର ଦାବି ସତ୍ତ୍ବେ ପୋଲଟିଏ ନିର୍ମାଣ ହୋଇ ନ ପାରିବାରୁ ଚାଷୀ ମାନଙ୍କୁ ନଦୀ ଜଳରେ ପଶି ଅପର ପାର୍ଶ୍ୱ ଚାଷ ଜମିକୁ ଯିବାକୁ ପଡେ । ଚାଷ ଜମି ଦେଖି ଘରକୁ ଫେରୁଥିବା ବେଳେ କୌଣସି କାରଣରୁ ଗୋଡ଼ ଖସି ଯିବାରୁ ଶ୍ରୀ ବେହେରା ପାଣିରେ ଭାସି ଯାଇଥିଲେ । ଘରକୁ ଫେରିବା ବିଳମ୍ବ ହେବାରୁ ଗଜେନ୍ଦ୍ରଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ । ଶେଷରେ ନଦୀ ଧାରରେ ଥିବା ଲଟାରେ ଗଜେନ୍ଦ୍ର ଲାଖି ରହିଥିବାର ଦେଖିବାକୁ ପାଇଥିଲେ । ତୁରନ୍ତ ଚିକିତ୍ସା ନିମନ୍ତେ ଖଇରା ମେଡ଼ିକାଲକୁ ଆଣିଥିଲେ, ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗରିବ ପରିବାର ହୋଇଥିବାରୁ ପରିବାର ପ୍ରତିପୋଷଣ ପାଇଁ ସେ ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ । ତାଙ୍କର ପତ୍ନୀ ସମେତ ୨ ଝିଅ ଅଛନ୍ତି । ସ୍ବାମୀଙ୍କ ଅକାଳ ବିୟୋଗ ଓ ପରିବାର ପ୍ରତିପୋଷଣ ଚିନ୍ତାରେ ଭାଙ୍ଗି ପଡିଛନ୍ତି ମୃତ ଗଜେନ୍ଦ୍ରଙ୍କ ପତ୍ନୀ । ପୋଲ ଅଭାବରୁ ପୂର୍ବରୁ ଅନେକ ଗୃହପାଳିତ ପଶୁ ମଧ ମୃତ୍ୟୁ ବରଣ କରିଥିବା ନଜର ଅଛି । ତୁରନ୍ତ ପୋଲ ନିର୍ମାଣ ଓ ଗଜେନ୍ଦ୍ର ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ନୟନା ପଲେଇଙ୍କ ସ୍ବାମୀ ପ୍ରଶାନ୍ତ ମହାପାତ୍ର ପ୍ରଶାସନକୁ ନିବେଦନ କରିଛନ୍ତି ।

## କୋଲକତା ନୃତ୍ୟ ମେଳା-୨୦୨୫ରେ ନୃତ୍ୟଶ୍ରୀ କଳାକେନ୍ଦ୍ରର ନୃତ୍ୟଶିଳ୍ପୀ



ଗୁଣପୁର : କଳା ଓ ସଂସ୍କୃତିକୁ ନୃତ୍ୟ ମାଧ୍ୟମରେ ପ୍ରଦର୍ଶିତ କରିବା ପରମ୍ପରା ବହୁ ପୁରାତନ କାଳରୁ ରହିଛି । ଚଳିତ ବର୍ଷ ନୃତ୍ୟ ଗୁରୁ ମୌମିତା ବିଶ୍ୱାସଙ୍କ ଦ୍ୱାରା ସୁଦୂର କୋଲକତା , କାଲିଘାଟ ଯୋଗେଶ ମିମି ଏକାଡେମୀ ଠାରେ ଜାତୀୟ ସ୍ତରୀୟ ନୃତ୍ୟ ମେଳା - ୨୦୨୫ ର ଆୟୋଜନ ହୋଇଥିଲା । ଏହି ଜାତୀୟ ସ୍ତରୀୟ ନୃତ୍ୟ ମେଳାରେ ନୃତ୍ୟଶ୍ରୀ କଳାକେନ୍ଦ୍ର , ଗୁଣପୁରର ତିନି କୁନି ନୃତ୍ୟଶିଳ୍ପୀ ଉପାସନା ଶତପଥି , ସୁନିଧି ରଥ , ସୋନାକ୍ଷୀ ବେହେରା ଓଡ଼ିଶାର ପାରମ୍ପାରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଓଡ଼ିଶାର କଳା ଓ ସଂସ୍କୃତିକୁ ଗୌରବାନ୍ୱିତ କରିଛନ୍ତି । ଓଡିଶୀ ନୃତ୍ୟ ଆମ ଜଗନ୍ନାଥ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏଂ ଗନ୍ଧର୍ବ କଳା ଓ ଦେବଦାସୀ ନୃତ୍ୟ ଜଗନ୍ନାଥଙ୍କର ଅତି ପ୍ରିୟ । ଆଧୁନିକ ଯୁଗରେ ପୁରୁଣା କଳା ଓ ସଂସ୍କୃତିକୁ ଲୋକେ ଭୁଲି ଯାଉଥିବା ବେଳେ ନୃତ୍ୟଶ୍ରୀ କଳାକେନ୍ଦ୍ରର ନୃତ୍ୟଶିଳ୍ପୀ ମାନେ ଏହି ପରମ୍ପରାକୁ ଆଗେଇ ନେବାର ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ । କୋଲକତା ଠାରେ ଆୟୋଜିତ ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ଭାରତର କୋଣ ଅନୁକୋଣରୁ ନୃତ୍ୟ ଶିଳ୍ପୀ ମାନେ ଆସି ନିଜ ନିଜ ପ୍ରଦେଶର ପାରମ୍ପାରିକ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୌତମ ଦେ (ରିଜୋନାଲ ଡାଇରେକ୍ଟର ଆଇ ସି ସି ଆର , କୋଲକତା) , ଅଭିଜ୍ଞାନ ମୁଖାର୍ଜୀ ( ଟଲିଉଡ୍ ଫିଲ୍ମ ଡାଇରେକ୍ଟର) , ହାରୁଦ୍ଦିନ ସାହା ( ଏଡ଼ିଟର ଇନ୍ ଚିଫ୍ , ଆରମ୍ଭ ପ୍ଲିସରସ୍) , ଗୁରୁ ମୌମିତା ବିଶ୍ୱାସ ଓ ବହୁ ନୃତ୍ୟ ଗୁରୁ , ବଙ୍ଗଳା ଅଭିନେତା ଓ ବେସନ ଡିଜାଇନର ଉପସ୍ଥିତ ରହି ନୃତ୍ୟ ଶିଳ୍ପୀ ମାନଙ୍କ ନୃତ୍ୟ ଶୈଳୀ କୁ ପ୍ରଶଂସା କରିଥିଲେ । ନୃତ୍ୟଶ୍ରୀ କଳାକେନ୍ଦ୍ରର କୁନିକୁନି ନୃତ୍ୟଶିଳ୍ପୀ ମାନଙ୍କ ଓଡିଶୀ ନୃତ୍ୟ ପରିବେଷଣକୁ ଅତିଥି ମାନେ ପ୍ରଶଂସା କରିବା ସହ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଅଭିଭାବକ ମାନଙ୍କ ଦାୟିତ୍ୱ ଓ ସହଯୋଗ ଏଂ ଗୁରୁ ଡ଼ଃ ରିନା ରାଣୀ ସାହୁ ଙ୍କ ତତ୍ୱାବଧାନରେ ଓଡ଼ିଶାର କଳା ଓ ସଂସ୍କୃତିକୁ ଓଡିଶୀ ନୃତ୍ୟ ମାଧ୍ୟମରେ ପ୍ରଚାର ପ୍ରସାର କରିବାର ପ୍ରୟାସକୁ ବୁଦ୍ଧିଜୀବି ମାନେ ପ୍ରଶଂସା କରିଛନ୍ତି ।

## ଜିଲ୍ଲା ରକ୍ତଦାତା ସଂଘର ୧୫ଶ ସମ୍ମିଳନୀ ଜୁଲାଇ ୧୩ରେ

ବାଲେଶ୍ୱର : ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ପଞ୍ଚଦଶ ବାର୍ଷିକ ସମ୍ମିଳନୀ ଓ ସାଧାରଣ ସଭା ଆସନ୍ତା ୧୩ ତାରିଖ ରବିବାର ଦିନ ୧୦ଟାରେ ଭେନ୍ୟା ପାରାଡାଇଜ୍ ସଭାଗୃହରେ ଅନୁଷ୍ଠିତ ହେବେ। ସଂଘର ସଭାପତି କମଳ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ଇଂ. ଡ. ହୃଷିକେଶ ସାହୁ ସମ୍ମିଳନୀ ପ୍ରସ୍ତୁତି ସଂପର୍କରେ ଉପସ୍ଥିତ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଏହି ସମ୍ମିଳନୀକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିବେ ଓ ମୁଖ୍ୟଅତିଥି ଭାବେ ସମ୍ବାଦର ମୁଖ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେବାକୁ ସଦୟ ସ୍ୱୀକୃତି ଦେଇଥିବାର ଇଂ. ସାହୁ ପ୍ରକାଶ କରିଥିଲେ। ବାଲେଶ୍ୱରର ବିଧାୟକବୃନ୍ଦ, ଜିଲ୍ଲା ରକ୍ତ କେନ୍ଦ୍ରର ଅଧିକାରୀ ଅତିଥି ଓ ବକ୍ତାଭାବେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ସଂଘର ବାର୍ଷିକ ମୁଖପତ୍ର 'ସ୍ପନ୍ଦନ'କୁ ଅତିଥିମାନେ ଉନ୍ମୋଚନ କରିବେ। ସର୍ବାଧିକ ରକ୍ତ ସଂଗ୍ରହ କରିଥିବା ଶିବିର ଓ ସର୍ବାଧିକଥର ରକ୍ତଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯିବ।



ଏହି ସମ୍ମିଳନୀକୁ ସଫଳ କରିବାପାଇଁ ବାଲେଶ୍ୱରର ସମସ୍ତ ସହୃଦୟ ବ୍ୟକ୍ତି ସହଯୋଗ କରିବାକୁ ବୈଠକରେ ନିବେଦନ କରାଯାଇଛି। ସର୍ବଶ୍ରୀ ରାଜେଶ ଗିରି, ରବିନାରାୟଣ ଭୋଳ, ଯୋଗେଶ ଚନ୍ଦ୍ର ପ୍ରଧାନ, ସିମନ ମହାପାତ୍ର, ରଙ୍ଗାଧର ଦାସ, ଶ୍ରୀକୁମାର କୃଷ୍ଣ କର, କଳ୍ପିତାରାଣୀ ସାହୁ, ଦେବାଶିଷ ପାଣି, ବିଜୟ ପାତ୍ର, ଡ. କାଳୀପଦ ପଣ୍ଡା, ଲକ୍ଷ୍ମୀଧର ବାରିକ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ସମ୍ମିଳନୀର ସଫଳତା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଅକ୍ଷୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଭାରତୀୟ ଷ୍ଟେଟ ବ୍ୟାଙ୍କର ୭୦ ତମ ପ୍ରତିଷ୍ଠା ଦିବସ ପାଳିତ



ଗୁଣପୁର : ଗ୍ରାହକଙ୍କ ଟଙ୍କାର ସୁରକ୍ଷା ଓ ସେମାନଙ୍କ ଭରସା ଜିଣିଥିବା ଏକମାତ୍ର ବ୍ୟାଙ୍କ ହେଉଛି ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ । ଭାରତୀୟ ଅର୍ଥ ବ୍ୟବସ୍ଥାର ଧଡକନ ସାଧାରଣ ଜନତାଙ୍କ ବ୍ୟାଙ୍କ ଓ ସ୍ବପ୍ନକୁ ସାକାର କରିବାର ସାଥୀ ହେଉଛି ଭାରତୀୟ ଷ୍ଟେଟ ବ୍ୟାଙ୍କ । ଆଜି ହେଉଛି ଏହି ବ୍ୟାଙ୍କର ୭୦ ତମ ସ୍ଥାପନା ଦିବସ । ଏହି ଦୀର୍ଘ ସମୟ ମଧ୍ୟରେ ଗାଁ ର ମାଟିରୁ ସହରର ଉଚ୍ଚ ଅଟ୍ଟାଳିକା ଯାଏଁ ,ଚାଷି ଠାରୁ ବଡ ଉଦ୍ୟୋଗୀ ଯାଏଁ ଓ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସିନିଅର ସିଟିଜନ ଯାଏଁ ସମସ୍ତଙ୍କର ସୁରକ୍ଷା ଓ ଭରସାର ବ୍ୟାଙ୍କ ପାଲଟିଛି ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ । ଗୁଣପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ପ୍ରତିଷ୍ଠା ଦିବସକୁ ବଡ଼ ଜାକଜମକରେ ପାଳନ କରାଯାଇଛି । ଗୁଣପୁର ୟାଙ୍କ ଶାଖାକୁ ଆଜି ଫୁଲ ମାଳ ଓ ରଙ୍ଗବେରଙ୍ଗ ବେଲୁନ ରେ ସଜ୍ଜିତ କରାଯିବା ସହ ଶାଖାକୁ ଆସିଥିବା ଗ୍ରାହକ ମାନଙ୍କୁ ବ୍ୟାଙ୍କ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏହି ଦିନଟିକୁ ସ୍ମରଣୀୟ କରିବା ପାଇଁ ଶାଖା ପରିଚାଳକ ଅରବିନ୍ଦ ଲେଙ୍କା ଓ ଚିଫ୍ ଏସୋସିଏଟ୍ ଏସ୍ ମୋହନ ବୃଦ୍ଧାଶ୍ରମ ଯାଇ ଅନ୍ତେବାସୀଙ୍କୁ ଲୁଗା ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ବ୍ୟାଙ୍କ ଶାଖାରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି ପ୍ରତିଷ୍ଠା ଦିବସକୁ ଆନନ୍ଦର ସହ ପାଳନ କରିଥିଲେ ।

## ଆସନ୍ତା ୯ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ
## ବାଲେଶ୍ୱରରେ ସଫଳ ପାଇଁ ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର : ଆସନ୍ତା ୯ ତାରିଖ ବୁଧବାର ଦିନ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ବାଲେଶ୍ୱରରେ ସଫଳ କରିବା ପାଇଁ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ମାନଙ୍କ ମିଳିତ ପ୍ରସ୍ତୁତି ବୈଠକ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ଟିୟୁଏସିସି (ଟ୍ରେଡ୍ ୟୁନିୟନ୍ ଆସୋସିଏସନ୍ କୋଡ଼ିନେସନ୍ କମିଟି)ର ଅଧକ୍ଷ ପ୍ରଦୀପ୍ତ ପଣ୍ଡା ବୈଠକରେ ସଭାପତିତ୍ୱ କରିଥିଲେ। ବୈଠକର ଆବାହକ ତଥା ଟିୟୁଏସିସିର ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଆସନ୍ତା ୯ ତାରିଖ ଦିନ ସର୍ବଭାରତୀୟ ଧର୍ମଘଟର ୧୭ ଦଫା ଦାବି ସଂପର୍କରେ ଆଲୋକପାତ କରିଥିଲେ। ପ୍ରଚଳିତ ୪୪ଟି ଶ୍ରମଆଇନ୍‌କୁ ୪ଟି କୋଡ୍‌ରେ ପରିଣତ କରି କେନ୍ଦ୍ର ସରକାର ଶ୍ରମିକମାନଙ୍କ ଅଧିକାରକୁ ଛଡ଼ାଇ ନେବାକୁ ଉଦ୍ୟମ କରୁଥିବାରୁ ଓ ଦରଦାମ୍ ବୃଦ୍ଧି, ବେକାରୀ ବୃଦ୍ଧି




କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ପ୍ରଭୃତିକୁ ବିରୋଧ କରି ଓ ସ୍କିମ୍ ଓ୍ୱାର୍କରର୍ସଙ୍କୁ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ମାସିକ ବେତନ ୨୬ ହଜାର ଓ ମାସିକ ପେନସନ୍ ନଅହଜାର ଟଙ୍କା, ବନ୍ଦ କଳକାରଖାନାକୁ ଚାଲୁ କରିବା, ଶ୍ରମିକ ଛଟେଇ ବନ୍ଦ କରିବା, ପୁରୁଣା ପେନସନ୍ ଆଇନ୍ ପ୍ରଚଳନ କରିବା ପ୍ରଭୃତି ଦାବି କରାଯାଇଛି ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ସିଆଇଟିୟୁ ଜିଲ୍ଲା ଆବାହକ ବିଜୟ ପାତ୍ର, ଏଆଇୟୁଟିୟୁସି ରାଜ୍ୟ ନେତା ଉମାକାନ୍ତ ଦାସ, ଟିୟୁସିସି ଜିଲ୍ଲା ସଭାପତି ସର୍ବେଶ୍ୱର ମିଶ୍ର, ଆଇଏନ୍‌ଟିୟୁସି ଯୁବନେତା ରାଜେଶ ଜେନା, ଟିୟୁଏସିସିର ଉପାଧକ୍ଷ ଶାନ୍ତନୁ ଦାସ, ନାରୀନେତ୍ରୀ ବନ୍ଦନା ବିଶ୍ୱାସଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ପ୍ରେମରଂଜନ ପାତ୍ର, ଭରତ ଚନ୍ଦ୍ର ସେଠୀ, ଚିତ୍ତରଂଜନ ଗିରି, ଗୋପୀନାଥ ଦାସ, ଶରତ ଚନ୍ଦ୍ର ଦଳାଇ, ଗୌତମ ଦାସ, ଲକ୍ଷ୍ମୀଧର ଗିରି, ସେକ୍ ଅବଦୁଲ ତାଲିବ୍, ସୁବ୍ରତ ପ୍ରଧାନ, ଜନ୍ମେଜୟ ପଣ୍ଡା, ଅଶୋକ ଦାସ ଓ ନବକିଶୋର ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସର୍ବଭାରତୀୟ ଧର୍ମଘଟକୁ ଭାରତବନ୍ଦ ଭଳି ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ସମସ୍ତ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନ, କୋର୍ଟ କଚେରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା, ଡାକ, ପ୍ରତିରକ୍ଷା, ବସ୍, ଟ୍ରେନ୍, ଅଟୋ, ରିକ୍ସା, ସମସ୍ତ ପରିବହନ, ଶିକ୍ଷାନୁଷ୍ଠାନ ଓ ହାଟ ବଜାର ବନ୍ଦ ରଖି ସରକାରଙ୍କର ଜନବିରୋଧି ଆଇନ୍ ଓ କାର୍ଯ୍ୟକୁ ବିରୋଧ କରିବାକୁ ବୈଠକରେ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

ଏହି ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆନ୍ଦୋଳନ ସଂପର୍କରେ ବ୍ୟାପକ ପ୍ରଚାର ପାଇଁ ସମସ୍ତ ଶିଳ୍ପାଞ୍ଚଳ ଓ ସହରରେ ମାଇକ୍ ପ୍ରଚାର, ପ୍ରଚାରପତ୍ର ବଣ୍ଟନ ଏବଂ ପଥପ୍ରାନ୍ତ ସଭା ନିମିତ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ୮ ତାରିଖ ଅପରାହ୍ନରେ ଏକ ମୋଟର ସାଇକେଲ୍ ଶୋଭାଯାତ୍ରା ରେଳଷ୍ଟେସନରୁ ବାହାରି ସହର ପରିକ୍ରମା କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉପସ୍ଥିତମାନଙ୍କୁ ଶ୍ୟାମ ସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

# ରେଳଧାରଣା ଉପରେ ଧସିଲା ମାଟି ବର୍ତ୍ତିଲେ ଯାତ୍ରୀ, ୨ଟି ଟ୍ରେନ୍ ବାତିଲ

କୋରାପୁଟ: ପ୍ରବଳ ବର୍ଷାର ପ୍ରଭାବରେ ରେଳଧାରଣା ଉପରେ ମାଟି ଧସିଛି। ଟ୍ରେନ ଆସିବାର କିଛି ସମୟ ପୂର୍ବରୁ ପାହାଡ଼ ଧସି ରେଳଲାଇନ୍ ଅବରୋଧ ହୋଇଛି। ଏକ୍ସପ୍ରେସ୍ ଓ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ କୋରାପୁଟ ପହଞ୍ଚିବାରେ ବିଳମ୍ବ ହେଉଛି। ସେହିପରି ବିଶାଖାପାଟଣା-(ବ୍ୟବସାୟିକ) କେ ସନ୍ଦୀପ କହିଛନ୍ତି, ବର୍ଷା ଯୋଗୁଁ କୋରାପୁଟ-କିରଣ୍ଡୁଲ ଲାଇନର ମାଲିଗୁଡ଼ା-ଜରତି ଷ୍ଟେସନ ମଝିରେ ଭୂସ୍ଖଳନ ହୋଇଛି। ଏହି ଅଘଟଣ ଯୋଗୁଁ ଟ୍ରେନ୍ ଚଳାଚଳ



ରେଳଧାରଣା ଉପରେ ମାଟି ଧସିବା କାରଣରୁ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି। କୋରାପୁଟ-ଜୟପୁର ରେଳପଥର ଜରଟି ନିକଟରେ ଆଜି ଏହି ଘଟଣା ଘଟିଛି। ରେଳବାଇ ପକ୍ଷରୁ କୁହାଯାଇଛି ଏହି ଅପ୍ରୀତିକର ଘଟଣା ଯୋଗୁଁ ୨ଟି ଟ୍ରେନ୍ ବାତିଲ କରାଯାଇଛି। ଆଜି ଅପରାହ୍ନ ପ୍ରାୟ ୩ଟା ସମୟରେ କେକେ ଲାଇନ୍‌ର କୋରାପୁଟ ଓ ଜୟପୁର ମଧ୍ୟରେ ଥିବା ଜରଟି ରେଳ ଷ୍ଟେସନ ନିକଟରେ ଏହି ଘଟିଛି ଘଟଣା। ଜଗଦଲପୁରରୁ ଆସୁଥିବା ରାଉରକେଲା। କିରଣ୍ଡୁଲ ଟ୍ରେନ୍ ପ୍ରଭାବିତ ହୋଇଛି। ଜରଟି-ମାଲିଗୁଡ଼ା ମଧ୍ୟରେ ୨୦୮ କିମି ଠାରେ ଭୂସ୍ଖଳନ ହୋଇଛି। ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ରେଳଧାରଣାରୁ ମାଟି ସଫା କରାଯିବାକୁ ତ୍ୱରିତ ପଦକ୍ଷେପ ନିଆଯାଇଛି। ଯଥା ଶୀଘ୍ର ରେଳଲାଇନ୍‌ରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରାଯାଉଛି। ପୂର୍ବତଟ ରେଳପଥର ୱାଲଟିୟର ଡିଭିଜନର ବରିଷ୍ଠ ପ୍ରବନ୍ଧକ ବାଧାପ୍ରାପ୍ତ ହୋଇଛି। ରେଳବାଇର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଟ୍ରେନ୍ ନମ୍ବର ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍ ଆଜି ପାଇଁ ଜଗଦଲପୁରରୁ ବାତିଲ କରାଯାଇଛି। ସେହିପରି ଟ୍ରେନ୍ ନମ୍ବର ୧୮୫୧୬ କିରଣ୍ଡୁଲ-ବିଶାଖାପାଟଣା ରାତ୍ରୀକାଳୀନ ଏକ୍ସପ୍ରେସ୍ ଆଜି ପାଇଁ କିରଣ୍ଡୁଲରୁ ବାତିଲ କରାଯାଇଛି। ଯାତ୍ରୀମାନଙ୍କର ଅସୁବିଧା ପାଇଁ ଆମେ ଦୁଃଖପ୍ରକାଶ କରୁଛୁ।

## ରାଜଧାନୀ ଏବଂ ପୁରୀ-ଗୁଣୁପୁର ଏକ୍ସପ୍ରେସ୍ ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ

# ଅତିରିକ୍ତ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ପ୍ରୟାସ

ଭୁବନେଶ୍ୱର: ଯାତ୍ରୀ ସୁବିଧା ବୃଦ୍ଧି କରିବା ପାଇଁ ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ ପୂର୍ବ ତଟ ରେଳପଥ ରାଜଧାନୀ ଏବଂ ପୁରୀ-ଗୁଣୁପୁର ଏକ୍ସପ୍ରେସ୍ ଟ୍ରେନ ଦ୍ୱୟରେ ଅତିରିକ୍ତ ଏସି-୩ ଟାୟାର କୋଚ୍ ଅସ୍ଥାୟୀ ସଂଯୋଗ ପାଇଁ ନିଷ୍ପତ୍ତି ନେଇଛି ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଅଧିକ ଚାହିଦା ଥିବା ସମୟରେ ଯାତ୍ରୀମାନଙ୍କ ପାଇଁ ଅଧିକ ଆରାମଦାୟକ ଏବଂ ସୁଗମ ଯାତ୍ରା ସୁନିଶ୍ଚିତ କରିବା

୨୨୮୨୩/୨୨୮୨୪ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ଭୁବନେଶ୍ୱରରୁ ୮ ଏବଂ ୧୧ ଜୁଲାଇ ୨୦୨୫ରେ ଏବଂ ନୂଆଦିଲ୍ଲୀରୁ ୯ ଏବଂ ୧୨ ଜୁଲାଇ ୨୦୨୫ରେ ଗୋଟିଏ ଅତିରିକ୍ତ ଏସି-୩ ଟାୟାର କୋଚ୍ ସଂଯୋଗ ସହିତ ଏହାର ଗଠନକୁ ବର୍ଦ୍ଧିତ କରାଯିବ

୧୮୪୧୭/୧୮୪୧୮ ପୁରୀ-ଗୁଣୁପୁର-ପୁରୀ ରାଜ୍ୟରାଣୀ ଏକ୍ସପ୍ରେସ ୩ ରୁ ୯ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ପ୍ରତିଦିନ ପୁରୀରୁ ଏବଂ ୪ ରୁ ୧୦ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ପ୍ରତିଦିନ ଗୁଣୁପୁରରୁ ଗୋଟିଏ ଅତିରିକ୍ତ ଏସି-୩ ଟାୟାର କୋଚ୍ ସଂଯୋଗ ସହିତ ବର୍ଦ୍ଧିତ କରାଯିବ

ଏହି ଅସ୍ଥାୟୀ ବୃଦ୍ଧିର ଲକ୍ଷ୍ୟ ହେଉଛି ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ଦୂର କରିବା ଏବଂ ଏହି ସମୟ ମଧ୍ୟରେ ସୁଗମ ଯାତ୍ରା ସୁନିଶ୍ଚିତ କରିବା ଯାତ୍ରୀମାନଙ୍କୁ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ଏବଂ ଉପଲବ୍ଧ ଅତିରିକ୍ତ ରହଣି ବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି

ପୂର୍ବ ତଟ ରେଳପଥ ଯାତ୍ରୀଙ୍କ ସୁବିଧା ବୃଦ୍ଧି କରିବା ଏବଂ ବର୍ଦ୍ଧିତ ଟ୍ରାଫିକକୁ ଦକ୍ଷତାର ସହିତ ପରିଚାଳନା କରିବା ପାଇଁ ପ୍ରତିବଦ୍ଧ ଅଧିକ ବିବରଣୀ ଏବଂ ବୁକିଂ ପାଇଁ, ଯାତ୍ରୀମାନେ ... ପରିଦର୍ଶନ କରିପାରିବେ କିମ୍ବା ନିକଟସ୍ଥ ରେଳ ଷ୍ଟେସନ ଅନୁସନ୍ଧାନ କେନ୍ଦ୍ର ସହିତ ଯୋଗାଯୋଗ କରିପାରିବେ

# ଆର୍ଥିକ ଅନ୍ତର୍ଭୁକ୍ତିକରଣ ଯୋଜନାଗୁଡ଼ିକର ପରିପୂର୍ଣ୍ଣତା ପାଇଁ ୩ ମାସିଆ ଅଭିଯାନ ଆରମ୍ଭ

ନୂଆଦିଲ୍ଲୀ: ୧ ଜୁଲାଇରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାର ଗ୍ରାମ ପଞ୍ଚାୟତ ଏବଂ ପୌରସଂସ୍ଥା ସ୍ତରରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଯୋଜନାଗୁଡ଼ିକର ପରିପୂର୍ଣ୍ଣତା ପାଇଁ ୩ ମାସିଆ ଅଭିଯାନ ଆରମ୍ଭ କରିଛି ଆର୍ଥିକ ସେବା ବିଭାଗବ୍ୟାଙ୍କ ସେବାରୁ ବଞ୍ଚିତ ବୟସ୍କଙ୍କ ପାଇଁ ପିଏମଜେଡିୱାଇ ଅଧୀନରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା; ପିଏମଜେଜେବିୱାଇ, ପଏମଏସବିୱାଇ, ଏପିୱାଇ ଅଧୀନରେ ପଂଜୀକରଣ ବୃଦ୍ଧି କରିବା; ଅଭିଯାନର ଅନ୍ୟାନ୍ୟ ଲକ୍ଷ୍ୟ ହେଉଛି ଡିଜିଟାଲ ଠକେଇ ନିବାରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଆର୍ଥିକ ସେବା ବିଭାଗ ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଯୋଜନାଗୁଡ଼ିକର ପରିପୂର୍ଣ୍ଣତା ପାଇଁ ଗ୍ରାମ ପଞ୍ଚାୟତ ଏବଂ ପୌରସଂସ୍ଥା ସ୍ତରରେ ଏକ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରାଯାଇଛି। ଦେଶର ୩୩ଟି ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି, ରାଜ୍ୟ ସରକାରୀ ଅଧିକାରୀ, ଏସଏଲବିସି ସଂଯୋଜକ, ବ୍ୟାଙ୍କର ଏବଂ ହିତାଧିକାରୀମାନେ ଯୋଗ ଦେଇଥିଲେ। ଗୁଜରାଟରେ, ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍ ଭାବରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅଭିଯାନ ୦୧.୦୭.୨୦୨୫ ରୁ ୩୦.୦୯.୨୦୨୫ (୩ ମାସ) ପର୍ଯ୍ୟନ୍ତ ଚାଲିବ, ଯାହା ଦେଶର ସମସ୍ତ ୨.୭୦ ଲକ୍ଷ ଗ୍ରାମ ପଞ୍ଚାୟତ ଏବଂ ପୌରସଂସ୍ଥାଗୁଡ଼ିକୁ ଅନ୍ତର୍ଭୁକ୍ତ କରିବ। ଏହି ଅଭିଯାନରେ ଏହି ସମୟ ମଧ୍ୟରେ ନିମ୍ନଲିଖିତ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହେବ:

# ଗଞ୍ଜାମ ଜିଲ୍ଲାରେ ଅନୁସୂଚିତ ଜାତିର ଦୁଇଜଣ ବ୍ୟକ୍ତିଙ୍କ ଉପରେ ହୋଇଥିବା ଅତ୍ୟାଚାର ବିଷୟକୁ ନେଇ ନିଜଆଡୁ ମାମଲା ରୁଜୁ କଲେ ଏନ୍‌ଏଚ୍‌ଆର୍‌ସି

ନୂଆଦିଲ୍ଲୀ: ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଅନୁସୂଚିତ ଜାତିର ଦୁଇଜଣ ବ୍ୟକ୍ତିଙ୍କ ଉପରେ ହୋଇଥିବା ଅମାନବୀୟ ଅତ୍ୟାଚାର ସମ୍ପର୍କିତ ଖବରକୁ ଭିତ୍ତିକରି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ପକ୍ଷରୁ ନିଜଆଡୁ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରି କମିଶନ ୨ ସପ୍ତାହ ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି।

ଜୁନ୍ ୨୬ ତାରିଖରେ ପ୍ରକାଶିତ ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଦୁଇଜଣ ଅନୁସୂଚିତ ଜାତି ବର୍ଗର ଯୁବକଙ୍କୁ ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ମାଡ଼ ମାରିବା, ଘାସ ଖୁଆଇବା ଏବଂ ନାଳ ପାଣି ପିଇବାକୁ ବାଧ କରାଯାଇଥିଲା। ଏହି ରିପୋର୍ଟ ଅନୁଯାୟୀ, ସେମାନଙ୍କ ମୋବାଇଲ୍ ଫୋନ୍ ମଧ ଛଡ଼ାଇ ନିଆଯାଇଥିଲା ଏବଂ ସେମାନଙ୍କ ମୁଣ୍ଡକୁ ମଧ ଜୋରଜବରଦସ୍ତି ଲଣ୍ଡା କରାଯାଇଥିଲା।

କମିଶନଙ୍କ ନଜରରେ ପ୍ରକାଶ ପାଇଥିବା ଏହି ରିପୋର୍ଟର ବିଷୟବସ୍ତୁ, ଯଦି ସତ୍ୟ ହୋଇଥାଏ ତେବେ ତାହା ମାନବାଧିକାର ଉଲ୍ଲଂଘନର ଏକ ଗମ୍ଭୀର ପ୍ରସଙ୍ଗ। ଏଣୁ କମିଶନ ରାଜ୍ୟର ମୁଖ୍ୟ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରି ୨ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ରିପୋର୍ଟ ଦେବାକୁ କହିଛନ୍ତି। ନିଜ ରିପୋର୍ଟରେ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ ଅପରାଧୀଙ୍କ ବିରୁଦ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଏବଂ ଉଭୟ ପୀଡ଼ିତଙ୍କୁ ଯଦି କିଛି କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି ସେ ବିଷୟରେ ଉଲ୍ଲେଖ କରିବାକୁ କହିଛନ୍ତି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁପରିଚାଳନା ପାଇଁ ସମୀକ୍ଷା ବୈଠକ





ବାଲେଶ୍ୱର: ଫକୀର ମୋହନ ମେଡିକାଲ କଲେଜର ବିଭିନ୍ନ ବିଭାଗ ରେମୁଣା ସ୍ଥିତ ମୁଖ୍ୟ କ୍ୟାମ୍ପସକୁ ସ୍ଥାନାନ୍ତରଣ ପରେ ସ୍ୱାସ୍ଥ୍ୟସେବାକୁ ନେଇ ଉଜୁପିଥିବା ସମସ୍ୟାର ମୁକାବିଲା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁପରିଚାଳନା ଏବଂ ଉତ୍ତତିକରଣ ନେଇ ଏକ ସମୀକ୍ଷା ବୈଠକ ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଟ୍ରେନିଂ ସେଂଟରରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ହସପିଟାଲ ସୁପରିଟେଂଡେଟ୍ ଡାକ୍ତର ଗିରିଜା ଶଙ୍କର ଦାସ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପୀନାକି ସ୍ୱାଇଁ ପ୍ରମୁଖଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଭାଗର ଡାକ୍ତର ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଧାୟକ ଶ୍ରୀ ଦତ୍ତ ସାମ୍ପ୍ରତିକ ସ୍ଥିତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, ନର୍ସ, ଟେକ୍ନିସିଆନ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସଂଖ୍ୟା, ସେମାନଙ୍କ କାର୍ଯ୍ୟ ଶୈଳୀ, ଉପସ୍ଥାନ ଓ ବିଭିନ୍ନ ବିଭାଗର ସର୍ବନିମ୍ନ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବାର ସୁପରିଚାଳନା ପାଇଁ ସର୍ବନିମ୍ନ ଆବଶ୍ୟକତା ଅନୁଯାୟୀ ଡାକ୍ତର ପଦବୀ ପୂରଣ ନିମନ୍ତେ ସେ ବିଭାଗୀୟ ନିର୍ଦ୍ଦେଶକଙ୍କ ସହ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ବିଧାୟକ ଶ୍ରୀ ଦତ୍ତ ସୂଚନା ଦେଇଥିଲେ। ରାଜ୍ୟରେ ବା ବାଲେଶ୍ୱରରେ ଡାକ୍ତର ଅଭାବ ସମସ୍ୟା ଆଜି ବା କାଲିର ନୁହେଁ ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ବି ପୂର୍ବ ସରକାର ଏହାର ସମାଧାନ ନେଇ କୌଣସି ପଦକ୍ଷେପ ନେଇନଥିଲେ। ତେବେ ଖୁସିର ବିଷୟ ଯେ, ନୂତନ ସରକାର ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଏ ଦିଗରେ ସଫଳ ହୋଇପାରିଛନ୍ତି। ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଶା ଲୋକସେବା ଆୟୋଗଙ୍କ ମାଧ୍ୟମରେ ନୂତନ ନିଯୁକ୍ତି ପାଇଁ ପ୍ରାୟ ୬ହଜାର ୫ଶହ ଡାକ୍ତର ଚୟନ ହୋଇଥିବା ବେଳେ ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାରେ ମଧ ଆବଶ୍ୟକତା ଅନୁଯାୟୀ ଡାକ୍ତରଙ୍କ ସଂଖ୍ୟା ପୂରଣ ହେବ ବୋଲି ସେ ଆଶ୍ୱାସନା ଦେଇଥିଲେ। ସେହିପରି ବିଭିନ୍ନ ବିଭାଗରେ ଆବଶ୍ୟକତା ଥିବା ନର୍ସିଂ ଷ୍ଟାଫଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ପାଇଁ ସାତ ଦିନ ମଧ୍ୟରେ ବାହାର ଜିଲ୍ଲାର ସରକାରୀ ହସପିଟାଲ ଅଥବା ଆଉଟ ସୋର୍ସିଂରୁ ମାନବସମ୍ବଳ ଯୋଗାଡ କରାଯିବ। ଡେଂଟାଲ ବିଭାଗରେ ଅନ୍ୟ ଡାକ୍ତରଖାନାରୁ ଅତିରିକ୍ତ ଡାକ୍ତରଙ୍କୁ ଦାୟିତ୍ୱ ପ୍ରଦାନ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଥିବା ସର୍ବନିମ୍ନ ୬ଜଣ ଫାର୍ମାସିଷ୍ଟଙ୍କୁ ତୁରନ୍ତ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ। ସେହିପରି ଚକ୍ଷୁ ବିଭାଗରେ ମୋଡ୍ୟୁଲାର ଅପରେସନ ଥିଏଟର ସ୍ଥାପନ ପାଇଁ ଦୁଇ ବର୍ଷ ହେଲା ଅର୍ଥ ଆସି ପଡି ରହିଥିବା ବେଳେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ତୁରନ୍ତ ପୁନଃ ମୂଲ୍ୟାଙ୍କନ ସହ କାର୍ଯ୍ୟାନୁଷ୍ଠାନ ପାଇଁ ନୂତନ ଏଜେନ୍ସି ଚୟନ ହେବ। ତେବେ ଅଲଟ୍ରା ସାଉଣ୍ଡ ମେସିନ ଅଭାବକୁ ନେଇ ବାରମ୍ବାର ଅଭିଯୋଗ ହେଉଥିବାରୁ ବିଧାୟକଙ୍କ ପାଣ୍ଠିରୁ ଅନ୍ୟ ଏକ ମେସିନ ପାଇଁ ଅନୁଦାନ ଦିଆଯିବ ବୋଲି ଶ୍ରୀ ଦତ୍ତ ଏହି ବୈଠକରେ ଘୋଷଣା କରିଥିଲେ। ସବୁଠାରୁ ବଡକଥା ହେଲା, ବୈଠକରେ ବିଧାୟକ ପ୍ରତ୍ୟେକ ବିଭାଗର ଅଭାବ ଓ ଆବଶ୍ୟକତାକୁ ନେଇ ସମୀକ୍ଷା ସହ ପତ୍ୟେକ ସମସ୍ୟାର ସମାଧାନ ପାଇଁ ତ୍ୱରିତ ବେଗରେ ପଦକ୍ଷେପ ନିଆଯାଉଥିବା କହିଥିଲେ।

କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଭୁଲ ମସୁଧା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବଦନାମ ପାଇଁ ଅପପ୍ରଚାର ଚଳାଇଥିବା ବେଳେ ଏହାକୁ ଭୃକ୍ଷେପ ନକରି ଡାକ୍ତର ଓ ନର୍ସମାନେ ନିଜର ମାନବିକତାପୂର୍ଣ୍ଣ କର୍ତ୍ତବ୍ୟ ସମ୍ପାଦନ ପାଇଁ ବିଧାୟକ ଶ୍ରୀ ଦତ୍ତ ନିବେଦନ କରିଥିଲେ। ଯଦିଚ ଡାକ୍ତର ଓ ନର୍ସଙ୍କ ଅଭାବ ରହିଛି ତଥାପି ଜିଲ୍ଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ସମସ୍ତଙ୍କ ଉଦାହରଣ ସୃଷ୍ଟି ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ଏ ଦିଗରେ ପ୍ରତ୍ୟେକ ରୋଗୀଙ୍କ ପ୍ରତି ଉତ୍ତମ ଆଚରଣ ମୁଖ୍ୟ ଆୟୁଧ ହେବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। କେତେକ କ୍ଷେତ୍ରରେ ରୋଗୀ ସମ୍ପର୍କୀୟମାନଙ୍କ ଅଶୋଭନୀୟ ଆଚାରଣ ସ୍ୱାସ୍ଥ୍ୟସେବା ପ୍ରଦାନ ନେଇ ବାଧକ ସୃଷ୍ଟି ହେଉଥିବାରୁ ପୋଲିସ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତିଶୃତି ଦେଇଥିବା ଶ୍ରୀ ଦତ୍ତ କହିଥିଲେ। ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଜସ୍ୱ ସୁରକ୍ଷା କର୍ମୀ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଥିଲେ।

ସମ୍ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୪୩୦ ବେଡରେ ଚିକିତ୍ସା ଉପଲବ୍ଧ। ମେଡିସିନ, ସର୍ଜରୀ, ଶିଶୁ ବିଭାଗ ସହ ଏସଏନସିୟୁ, ଚାଇଲଡ ଆଇସିୟୁ, ଜେନେରଲ ଆଇସିୟୁ, ଅର୍ଥୋପେଡିକ ପ୍ରଭୃତି ସବୁ ବିଭାଗ ସୁଚାରୁ ଭାବେ ପରିଚାଳିତ ହେଉଥିବା ବେଳେ ଏମଆରଆଇ, ସିଟି ସ୍କାନ ସହ ସେଂଟ୍ରାଲ ଲାବ୍‌ର ସୁବିଧା ରହିଛି। ଆଗାମୀ ଦିନରେ ଇଂଟିଗ୍ରେଟେଡ ଲାବ ସ୍ଥାପନ ହେବ। ପୂର୍ବ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଫକୀର ମୋହନ ମେଡିକାଲ କଲେଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଏକତ୍ରିତ ଚାଲୁଥିଲା। ଏବେ ମେଡିକାଲ କଲେଜ ନିଜସ୍ୱ କ୍ୟାମ୍ପସକୁ ଉଠିଯାଇଛି। ତେଣୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଜସ୍ୱ ପରିଚୟ ନେଇ ଶ୍ରେଷ୍ଠ ସ୍ୱାସ୍ଥ୍ୟସେବା ଯୋଗାଇଦେବ ବୋଲି ବିଧାୟକ ଶ୍ରୀ ଦତ୍ତ କହିଛନ୍ତି। ଜନସାଧାରଣ କୌଣସି ପ୍ରକାର ଭ୍ରାନ୍ତ ପ୍ରଚାରରୁ ଦୁରେଇ ସହଯୋଗ ପ୍ରଦାନ ପାଇଁ ଶ୍ରୀ ଦତ୍ତ ନିବେଦନ କରିଛନ୍ତି।

# ପଦ୍ମ ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ୩୧ ଜୁଲାଇ ୨୦୨୫

ଭୁବନେଶ୍ୱର: ୨୦୨୬ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା ହେବାକୁ ଥିବା ପଦ୍ମ ପୁରସ୍କାର-୨୦୨୬ ପାଇଁ ନାମାଙ୍କନ/ସୁପାରିଶ ୧୫ ମାର୍ଚ୍ଚ ୨୦୨୫ରୁ ଆରମ୍ଭ ହୋଇଛି। ପଦ୍ମ ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ୩୧ ଜୁଲାଇ ୨୦୨୫। ପଦ୍ମ ପୁରସ୍କାର ପାଇଁ ନାମାଙ୍କନ/ସୁପାରିଶ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲରେ ଅନଲାଇନରେ ଗ୍ରହଣ କରାଯିବ। ପଦ୍ମ ପୁରସ୍କାର, ଯଥା ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ, ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର। ୧୯୫୪ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ପୁରସ୍କାରଗୁଡିକ ପ୍ରତି ବର୍ଷ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଏ। ଏହି ପୁରସ୍କାର ବିଭିନ୍ନ କ୍ଷେତ୍ରରେ 'ଉତ୍କୃଷ୍ଟ କାର୍ଯ୍ୟ'କୁ ସ୍ୱୀକୃତି ଦେବା ପାଇଁ ଦିଆଯାଇଥାଏ। ପଦ୍ମ ପୁରସ୍କାର କଳା, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା, ଔଷଧ, ସମାଜସେବା, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ସାର୍ବଜନୀନ ବ୍ୟାପାର, ସିଭିଲ ସେବା, ବାଣିଜ୍ୟ ଏବଂ ଶିଳ୍ପ ଇତ୍ୟାଦି ସମସ୍ତ କ୍ଷେତ୍ରରେ/ବିଭାଗରେ ବିଶିଷ୍ଟ ଏବଂ ଅସାଧାରଣ ସଫଳତା/ସେବା ପାଇଁ ପ୍ରଦାନ କରାଯାଇଥାଏ। ଜାତି, ବୃତ୍ତି, ପଦବୀ କିମ୍ବା ଲିଙ୍ଗ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଏହି ପୁରସ୍କାର ପାଇଁ ଯୋଗ୍ୟ। ଡାକ୍ତର ଏବଂ ବୈଜ୍ଞାନିକମାନଙ୍କ ବ୍ୟତୀତ ସମସ୍ତ ସରକାରୀ କର୍ମଚାରୀ ଏବଂ ପିଏସୟୁରେ କାମ କରୁଥିବା କର୍ମଚାରୀମାନେ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ନୁହନ୍ତି। ସରକାର ପଦ୍ମ ପୁରସ୍କାରକୁ ଜନତାଙ୍କ ପଦ୍ମରେ ପରିଣତ କରିବାକୁ ପ୍ରତିବଦ୍ଧ। ତେଣୁ ସମସ୍ତ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ନାମାଙ୍କନ/ସୁପାରିଶ କରନ୍ତୁ। ନାଗରିକମାନେ ନିଜ ନାମ ମଧ ନାମାଙ୍କନ ପାଇଁ ପ୍ରସ୍ତାବ ଦେଇପାରିବେ। ମହିଳା, ସମାଜର ଦୁର୍ବଳ ଶ୍ରେଣୀ, ଅନୁସୂଚିତ ଜାତି ଏବଂ ଜନଜାତି, ଦିବ୍ୟାଙ୍ଗ ବ୍ୟକ୍ତି ତଥା ସମାଜର ନିଃସ୍ୱାର୍ଥପର ସେବା କରୁଥିବା ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ସମନ୍ୱିତ ପ୍ରୟାସ କରାଯାଇପାରେ, ଯେଉଁମାନଙ୍କର ଉତ୍କର୍ଷତା ଏବଂ ସଫଳତା ପ୍ରକୃତରେ ସ୍ୱୀକୃତି ପାଇବାକୁ ଯୋଗ୍ୟ ଅଟେ। ନାମାଙ୍କନ/ସୁପାରିଶରେ ଉପରୋକ୍ତ ପୋର୍ଟାଲରେ ଉପଲବ୍ଧ ଫରମାର୍ଟରେ ନିର୍ଦ୍ଦିଷ୍ଟ ସମସ୍ତ ପ୍ରାସଙ୍ଗିକ ବିବରଣୀ ରହିବା ଉଚିତ। ଯେଉଁଥିରେ ବର୍ଣ୍ଣନାତ୍ମକ ଆକାରରେ ଏକ ଉଦ୍ଧୃତି (ସର୍ବାଧିକ ୮୦୦ ଶବ୍ଦ) ଅନ୍ତର୍ଭୁକ୍ତ, ଯାହା ସୁପାରିଶ କରାଯାଇଥିବା ବ୍ୟକ୍ତି/ତାଙ୍କର ସମ୍ପୃକ୍ତ କ୍ଷେତ୍ର/ବିଭାଗରେ ବିଶିଷ୍ଟ ଏବଂ ଅସାଧାରଣ ସଫଳତା/ସେବା ସମ୍ପର୍କରେ ସ୍ପଷ୍ଟ ଭାବରେ ଉଲ୍ଲେଖ ହୋଇଥିବ

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଶ୍ରୀଜଗନ୍ନାଥ କବିତା ପାଠ

ବାଲେଶ୍ୱର: ପବିତ୍ର ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ନବଦିବସୀୟ 'ରଥରୁ ବାହୁଡ଼ା: ସାଂସ୍କୃତିକ କାର୍ଯ୍ୟକ୍ରମ'ର ଷଷ୍ଠ ଦିବସରେ ଅନୁଷ୍ଠାନର ଉପସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ତଥା କଲ୍ୟାଣୀ ନନ୍ଦ ଓ ଶାନ୍ତିଲତା ପଣ୍ଡାଙ୍କ ମିଳିତ ସଂଯୋଜନାରେ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ କୃଷ୍ଣା ପ୍ରଧାନ, ସ୍ନିଗ୍ଧା ସାମନ୍ତରାୟ, ଡକ୍ଟର ରମାକାନ୍ତ ନାୟକ, ମଧୁସୂଦନ ମାଝୀ, ସମର ବଲ୍ଲଭ ଭୋଇ, ରିତେଶ କୁମାର ଦାଶ, ଦୀପକ ବୋଷ, ଦୀନବନ୍ଧୁ ଲେଙ୍କା, ଅର୍ଚ୍ଚନା କର, ସୁବ୍ରତା ମହାନ୍ତି, ପ୍ରଭାକର ସାହୁ, ତପନ କୁମାର ଦାସ, ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ଶତପଥୀ, ପୁଷ୍ପଲତା ଚକ୍ରବର୍ତ୍ତୀ, ଅଞ୍ଜଳି ପଣ୍ଡା, ଅର୍ଚ୍ଚନା ନନ୍ଦୀ, ରବୀନ୍ଦ୍ର କୁମାର ପରିଡ଼ା, ଡ. ରତ୍ନାକର ସିଂହ, ଡ. କ୍ଷିତୀଶ୍ୱର ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରଦୀପ କୁମାର ଋଞ୍ଚାର୍ଜୀ, ଶରତ କୁମାର ମହାପାତ୍ର, ଡ. ଶିରୀଶ ଚନ୍ଦ୍ର ଜେନା, ନିବାରଣ ଜେନା, ଦୀପକ ଦାସ, ତପନ ରାୟ, କରୁଣାକର ସ, ରାଜେନ୍ଦ୍ର ରାଉତ, ବେଣୁଧର ସାହୁ, ଊର୍ମିଳା ନାୟକ, ନରେନ୍ଦ୍ରନାଥ ପାଣିଗ୍ରାହୀ, ଲମ୍ବୋଦର ନାୟକ, ତ୍ରିନାଥ ନନ୍ଦୀ, ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ବହୁ ସାହିତ୍ୟିକ ଓ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।




PUBLISHED, OWNED BY SMT. BANISMITA MISHRA, EDITED BY - CHAITANYA PRASAD DAS PRINTED BY-ASHIS KUMAR JENA AT -RICKY PROMOTORS , PLOT NO-6709 MIE, RASULGARH, BHUBANESWAR, ODISHA AND PUBLISHED FROM PLOT NO. 1ST FLOOR, L-1233, PHASE-2, DUMUDUMA HOUSING BOARD COLONY, DUMUDUMA, BHUBANESWAR-751019, ODISHA

EDITOR : CHAITANYA PRASAD DAS E-mail : newspramad@gmail.com MOB.- 9778331111 ସଂପାଦକ : ଚୈତନ୍ୟ ପ୍ରସାଦ ଦାସ